# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୯/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, July 29/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୨୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 244 | ମୂଲ୍ୟ ₹୭/-




## 'ବର୍ଡର ୨': ବରୁଣଙ୍କ ବିପକ୍ଷରେ ମେଧା

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା 'ବର୍ଡର ୨' ଫିଲ୍ମରେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ଅଭିନେତ୍ରୀ ମେଧା ରାଣା ନଜରକୁ ଆସିବେ।

୦୨

୧୨

## ଫୁଟ୍‌ବଲ କୋଚ୍ ଦୌଡ଼ରେ ଜମିଲ

ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି ପୂର୍ବତନ ମିଡ୍‌ଫିଲ୍ଡର ଖଲିଦ୍ ଜମିଲ।





କଟକ ନରାଜ ଆନିକଟଠାରେ ମହାନଦୀରେ ପ୍ରବାହିତ ବନ୍ୟାଜଳରେ ସୋମବାର ମାଛ ଧରିବାକୁ ଯାଉଥିବା ଧୀବରମାନେ। **(ଫଟୋ: ରାଜକିଶୋର ମହାନ୍ତି)**

# ପାର୍ଲାମେଣ୍ଟରେ ଅପରେଶନ ସିନ୍ଦୂର ତାତି

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଅପରେଶନ ସିନ୍ଦୂରକୁ ନେଇ ସୋମବାର ଲୋକ ସଭାରେ ଜୋର୍‌ଦାର ବିତର୍କ ଆରମ୍ଭ ହୋଇଛି। ଏହି ଦୁଇ ଘଟଣାରେ ହୋଇଥିବା ତ୍ରୁଟି ଓ କ୍ଷତିକୁ ନେଇ ଅନେକ ପ୍ରଶ୍ନ ଛିଡ଼ା ହୋଇଥିବାବେଳେ କେନ୍ଦ୍ର ସରକାର ସେସବୁର ସନ୍ତୋଷଜନକ ଉତ୍ତର ଦେଉ ନ ଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକର ନେତାମାନେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ସେସବୁର ଉତ୍ତର ପାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନକୁ ଅପେକ୍ଷା କରିଥିଲେ। ସେମାନଙ୍କ ଦାବି ମୁତାବକ ସୋମବାରଠାରୁ ଲୋକ ସଭାରେ ୧୬ ଘଣ୍ଟିଆ ବିତର୍କ ଚାଲିଥିବାବେଳେ ଶାସକ ଦଳକୁ ବିରୋଧୀ ପ୍ରଶ୍ନବାଣରେ ଘେରିଛନ୍ତି। ଅପରେଶନ ସିନ୍ଦୂର ବେଳେ ଭାରତର କେତୋଟି ଯୁଦ୍ଧବିମାନ ଖସିଥିଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହା ପାଖରେ ଆତ୍ମସମର୍ପଣ କରି ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କଲେ, କେବେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଫେରିପାଇବା ଆଦି କେତେକ ପ୍ରଶ୍ନ ଉଠାଇ ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇଙ୍କ ସମେତ ଅନ୍ୟ ବିରୋଧୀ ଦଳର ନେତାମାନେ ସ୍ପଷ୍ଟୀକରଣ ମାଗିଛନ୍ତି। ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ, ରାଜନୈତିକ ଓ ସାମରିକ ଲକ୍ଷ୍ୟ ପୂରଣ ହେବା ପରେ ଅପରେଶନ ସିନ୍ଦୂରକୁ ସ୍ଥଗିତ ରଖାଯାଇଛି। ଏନେଇ କୌଣସି ବାହ୍ୟ ଚାପକୁ ସେ ଖଣ୍ଡନ କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାଁ ନେଇ ନ ଥିଲେ। ଏଥିରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କ କଥାରେ ତାଳମେଳ ରହୁ ନ ଥିବା ଦର୍ଶାଇ ସ୍ୱଚ୍ଛତା ଦାବି କରିଛନ୍ତି।

- **ଭାରତର କେତେ ବିମାନ ଖସିଥିଲା: କଂଗ୍ରେସ**
- **ପ୍ରଧାନମନ୍ତ୍ରୀ କାହା ପାଖରେ ଆତ୍ମସମର୍ପଣ କଲେ: ଗୋଗୋଇ**
- **ଆତଙ୍କବାଦର ମୂଳୋତ୍ପାଟନ ପାଇଁ ନୂଆ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇପାରେ: ରାଜନାଥ**

ନୂଆଦିଲ୍ଲୀ,୨୮।୭(ପି.ଟି.)

ସୁରକ୍ଷାଗତ ତ୍ରୁଟି ଯୋଗୁ ପହଲଗାମ୍ ଆକ୍ରମଣ ଘଟିଥିବାରୁ ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିଜକୁ ଦାୟୀ କରିବା ନିମନ୍ତେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଦାବି କରିଛନ୍ତି। 'ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ଦୃଢ଼, ସଫଳ ଓ ନିର୍ଣ୍ଣାୟକ ଅପରେଶନ ସିନ୍ଦୂର' ଶୀର୍ଷକ ସ୍ୱତନ୍ତ୍ର ଆଲୋଚନାରେ ଭାଗନେଇ ଗୋଗୋଇ କହିଛନ୍ତି, ସରକାରଙ୍କ କହିବା ଅନୁଯାୟୀ, କୌଣସି ଅଞ୍ଚଳ ଦଖଲ କରିବା ଏହାର ଉଦ୍ଦେଶ୍ୟ ନୁହେଁ। ତେବେ ଯଦି ଆଜି ନୁହେଁ, ତେବେ ଆମେ କେବେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଫେରିପାଇବା ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାଣିଜ୍ୟକୁ ବ୍ୟବହାର କରିଥିବା ନେଇ ୨୬ ଥର ଦାବି କରିଥିବାବେଳେ ଏହା ଉପରେ କେନ୍ଦ୍ରର ନୀରବତାକୁ ଗୋଗୋଇ ନିନ୍ଦା କରିଛନ୍ତି। ଉରି ଏବଂ ପୁଲ୍‌ୱାମା ଆକ୍ରମଣଠାରୁ ପ୍ରଧାନମନ୍ତ୍ରୀ ମୋଦି 'ଆମେ ଘରେ ପଶି ମାରିଲୁ, ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ କଲୁ' ବୋଲି କହିଆସୁଛନ୍ତି। ଏବେ ମଧ୍ୟ ସେ ସମାନ କଥା କହୁଛନ୍ତି। ଅପରେଶନ ସିନ୍ଦୂର ଶେଷ ହୋଇନାହିଁ ଏବଂ ପାକିସ୍ତାନ ପୁଣି ଏପରି କରିପାରେ ବୋଲି ସରକାର କହୁଛନ୍ତି। ତେବେ ଅପରେଶନ ସିନ୍ଦୂର ସଫଳ ହେଲା କିପରି ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ଯଦି ଆମେରିକା ଭାରତ ଆଗରେ ଆଣ୍ଠେଇବାକୁ ପ୍ରସ୍ତୁତ ଥିଲା, ତେବେ ଏହା ପୂର୍ବରୁ କ'ଣ ପାଇଁ ଅଟକିଲ ଏବଂ କାହା ପାଖରେ ଆତ୍ମସମର୍ପଣ କଲ, ବିରୋଧୀ ପ୍ରଧାନମନ୍ତ୍ରୀଙ୍କଠାରୁ ତାହା ଜାଣିବାକୁ ଚାହାନ୍ତି ବୋଲି କଂଗ୍ରେସ ଉପନେତା କହିଛନ୍ତି। ଟ୍ରମ୍ପ୍ ଅସ୍ତ୍ରବିରତି ପାଇଁ ବାଣିଜ୍ୟ ଧମକ ଦେଇଥିବା ଦାବି କରିଛନ୍ତି, ଗୋଟିଏ ☞ପୃଷ୍ଠା-୪

# ପହଲଗାମ୍ ଆତଙ୍କବାଦୀଙ୍କୁ ମାରିଲା ସେନା

ଶ୍ରୀନଗର,୨୮।୭(ପି.ଟି.)



ଏନ୍‌କାଉଣ୍ଟରରେ ନିହତ ୩ ଆତଙ୍କବାଦୀ।

ଜମ୍ମୁ-କଶ୍ମୀରର ଶ୍ରୀନଗର ଉପକଣ୍ଠ ଜଙ୍ଗଲ ଅଞ୍ଚଳରେ ସୋମବାର ସେନାର ପାରାକମାଣ୍ଡୋଙ୍କ ସହ ଗୁଳିବିନିମୟ ବେଳେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗତବର୍ଷ ସୋନମାର୍ଗ ଟନେଲ୍ ପ୍ରକଳ୍ପ ଆକ୍ରମଣ ସହ ସମ୍ପୃକ୍ତ ଜଣେ ଆତଙ୍କବାଦୀ ରହିଛନ୍ତି। ଏହା ବ୍ୟତୀତ ଗତ ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ମଧ୍ୟ ନିହତ ହୋଇଥିବା ସୁରକ୍ଷା ବଳ ସନ୍ଦେହ କରୁଥିବାବେଳେ ତାଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ପାର୍ଲାମେଣ୍ଟରେ ଅପରେଶନ ସିନ୍ଦୂରକୁ ନେଇ ସୋମବାର ବିତର୍କ ଆରମ୍ଭ ହୋଇଥିବାବେଳେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ ହୋଇଥିବା ଏକ ସୂତ୍ରରୁ କୁହାଯାଇଛି। ମୃତ ସୁଲେଇମାନ ଶାହ ଲସ୍କର-ଇ-ତୋଇବା ଆତଙ୍କବାଦୀ ଏବଂ ସେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ। ସେ ପୂର୍ବରୁ ପାକିସ୍ତାନ ସେନାରେ କାର୍ଯ୍ୟ କରିଥିଲେ।


ପହଲଗାମ୍ ଆକ୍ରମଣକାରୀ ବ୍ୟବହାର କରିଥିବା ଉପକରଣ ଅନୁରୂପ ବୈଷୟିକ ସଙ୍କେତ ମିଳିବା ପରେ ହରୱାନ ଜଙ୍ଗଲରେ 'ଅପରେଶନ ମହାଦେବ' ନାମରେ ସୁରକ୍ଷା ବଳ ଅଭିଯାନ ଚଳାଇଥିଲା। ଯବାନମାନେ ମୁଲନାର ଗ୍ରାମରେ ଘେରାବନ୍ଦୀ ଓ ତଲାସି ଚଳାଇଥିବାବେଳେ ଗୁଳି ବିନିମୟ ବେଳେ ଆତଙ୍କବାଦୀ ନିହତ ହୋଇଥିଲେ। ଗତବର୍ଷ ଅକ୍ଟୋବରରେ ସନମାର୍ଗ ଟନେଲ ପ୍ରୋଜେକ୍ଟରେ ଆତଙ୍କବାଦୀ ଆକ୍ରମଣରେ ଜଣେ ଡାକ୍ତର ସମେତ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀ ଜିବରନଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଥିବା ସ୍ପଷ୍ଟ ☞ପୃଷ୍ଠା-୪

# 'ଶୋଲେ' ଫିଲ୍ମର ଟିକେଟ ଦେଖାଇଲେ ଅମିତାଭ

ନୂଆଦିଲ୍ଲୀ, ୨୮।୭ (ପି.ଟି.)







ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସୋମବାର ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ପୁରୁଣା ସ୍ମୃତିକୁ ମନେପକାଇଛନ୍ତି। ସେ ୧୯୭୫ ମସିହାର ବ୍ଲକ୍‌ବଷ୍ଟର ଫିଲ୍ମ 'ଶୋଲେ'ର ଏକ ଟିକେଟର ଫଟୋକୁ ଶେୟାର କରିଛନ୍ତି। ସେତେବେଳେ ଉକ୍ତ ଟିକେଟର ମୂଲ୍ୟ ମାତ୍ର ୨୦ ଟଙ୍କା ଥିଲା।

ସୋମବାର ସକାଳେ ଅମିତାଭ ତାଙ୍କ ବ୍ୟକ୍ତିଗତ ବ୍ଲଗ୍‌ରେ ନିଜର କିଛି ଫଟୋକୁ ଶେୟାର କରିଥିଲେ। ଏହାମଧ୍ୟରେ 'ଶୋଲେ' ଫିଲ୍ମର ଟିକେଟ ରହିଥିଲା। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, ମୋତେ କୁହାଯାଇଛି ସେତେବେଳେ ଏହି ଟିକେଟର ମୂଲ୍ୟ ଯେତେ ଥିଲା ଏବେ ସେହି ମୂଲ୍ୟରେ ସିନେମା ହଲ୍ ମଧ୍ୟରେ କେବଳ କୋଲ୍ଡ୍ରିଙ୍କ୍ ମିଳିପାରୁଛି। ଏହା ସତ୍ୟ କି ବୋଲି ସେ ନିଜ ଫଲୋଅର୍ସଙ୍କୁ ପଚାରିଛନ୍ତି। 'ଶୋଲେ' ଫିଲ୍ମର ଉକ୍ତ ଟିକେଟକୁ ସେ ଆଜି ବି ☞ପୃଷ୍ଠା-୪

# ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିୟନ

## ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଲେ

ବାଟୁମି(ଜର୍ଜିଆ),୨୮।୭(ପି.ଟି.)



ଦିବ୍ୟା ଦେଶମୁଖ

ଭାରତୀୟ ଚେସ୍ ଇତିହାସରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ପ୍ରଥମ ଭାରତୀୟ ମହିଳା ଭାବେ ଦିବ୍ୟା ଦେଶମୁଖ ହୋଇଛନ୍ତି ଫିଡେ ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିୟନ। ଫାଇନାଲରେ ୧୯ ବର୍ଷୀୟା ଦିବ୍ୟା ସୋମବାର ଅଭିଜ୍ଞ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନ କୋନେରୁ ହମ୍ପିଙ୍କୁ ଟାଇବ୍ରେକରେ ପରାସ୍ତ କରିଛନ୍ତି। ନାଗପୁରର ଦିବ୍ୟା ବିଶ୍ୱକପ ଚାମ୍ପିୟନ ହେବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ମଧ୍ୟ ହାସଲ କରି ନେଇଛନ୍ତି। ସେ ହୋଇଛନ୍ତି ଭାରତର ୮୮ତମ ଚେସ୍ ଗ୍ରାଣ୍ଡମାଷ୍ଟର। ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସେ ଭାରତର ଚତୁର୍ଥ ମହିଳା ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ହମ୍ପି, ଦ୍ରୋନାଭାଲି ହାରିକା ଓ ଆର. ବୈଶାଳୀ ଏହି ସଫଳତା ପାଇଥିଲେ। ହମ୍ପି ତାଙ୍କ କ୍ୟାରିୟରରେ ବିଶ୍ୱକପ୍ ଓ ମହିଳା ୱାର୍ଲ୍ଡ ଚାମ୍ପିୟନଶିପ୍ ଟାଇଟଲ ଛଡ଼ା ସବୁ କିଛି ହାସଲ କରି ସାରିଛନ୍ତି। ଏବେ ବିଶ୍ୱକପ ଟାଇଟଲ ପୁଣି ଥରେ ତାଙ୍କପାଇଁ ଅପହଞ୍ଚ ହୋଇ ରହିଯାଇଛି। ୩୮ ବର୍ଷୀୟା ହମ୍ପି ୨୦୦୨ରେ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଥିଲେ। ଏହାର ୩ ବର୍ଷ ପରେ ଅର୍ଥାତ୍ ୨୦୦୫ରେ ଜନ୍ମିତ ଦିବ୍ୟା ଏବେ ବିଶ୍ୱ ଚାମ୍ପିୟନ ହୋଇ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରର ଶିଖରରେ ପହଞ୍ଚିଛନ୍ତି। ଟାଇବ୍ରେକର ରାଉଣ୍ଡ ପୂର୍ବରୁ ଗତ ଶନିବାର ଓ ରବିବାର ଦିବ୍ୟା ଏବଂ ହମ୍ପିଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପୁରୁଷ ହେଲେ ମହିଳା




## ସଂକ୍ଷେପରେ

### ସୀମିତ ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଇସ୍ରାଏଲ୍‌ର ଆକ୍ରମଣ: ୩୬ ମୃତ

ଡେଇର୍ ଅଲ୍-ବଲାହ୍, ୨୮।୭

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ଅନେକ ଲକ୍ଷ ଲୋକ କ୍ଷୁଧାରେ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ୩ଟି ଜନବହୁଳ ଅଞ୍ଚଳରେ ଦୈନିକ ୧୦ ଘଣ୍ଟା ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲୀ ସେନା ରବିବାର ଘୋଷଣା କରିଥିଲା। ଫଳରେ ସେଠାରେ ଥିବା କ୍ଷୁଧାର୍ତ୍ତଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚିପାରିବ। ଏହା ସତ୍ତ୍ୱେ ସୋମବାର ଇସ୍ରାଏଲୀ ସେନା ଆକ୍ରମଣରେ ଅନ୍ୟୂନ ୩୬ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ନବଜାତକ ଅଛନ୍ତି। ତାଙ୍କ ମାଆ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମାନବୀୟ ସହାୟତା ପଦକ୍ଷେପ ସହ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଇସ୍ରାଏଲ୍ କହିଛି। ସକାଳ ୧୦ରୁ ରାତି ୮ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ନିଷ୍ପତ୍ତି ହୋଇଥିବାବେଳେ ଏହି ସମୟ ବାହାରେ ଆକ୍ରମଣ ହୋଇଛି। ମାନବୀୟ ସହାୟତା ପହଞ୍ଚାଇବା ଓ ଆକାଶ ମାର୍ଗରୁ କ୍ଷୁଧାର୍ତ୍ତଙ୍କ ନିକଟରେ ଖାଦ୍ୟ ପକାଇବା ପାଇଁ ସାମୟିକ ଅସ୍ତ୍ରବିରତିକୁ ସହାୟତାକାରୀ ସଂସ୍ଥା ସ୍ୱାଗତ କରିଥିଲେ ମଧ୍ୟ କ୍ଷିଧାର୍ଥଙ୍କ ସଂଖ୍ୟା ବହୁତ ଥିବାରୁ ଏତିକି ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି କହିଛନ୍ତି।

### ବ୍ୟାଙ୍କକ୍‌ରେ ଗୁଳିକାଣ୍ଡ: ୬ ମୃତ

ବ୍ୟାଙ୍କକ୍, ୨୮।୭

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ସୋମବାର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବା ପୂର୍ବରୁ ଏକ ଫୁଡ୍ ମାର୍କେଟରେ ଆଖିବୁଜା ଗୁଳି ଚଳାଇବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଉନ୍ନତ ମାନର ତଟକା ଫଳ ଓ ସାମୁଦ୍ରିକ ଖାଦ୍ୟ ପାଇଁ ଜଣାଶୁଣା ଅର୍ ଟୋର କୋର ମାର୍କେଟରେ ଏହି ଗୁଳିକାଣ୍ଡ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ସୁରକ୍ଷା କର୍ମୀ ଅଛନ୍ତି। ୨ ଜଣ ମହିଳା ଆହତ ହୋଇଛନ୍ତି। ମୃତ ବନ୍ଧୁକଧାରୀଙ୍କ ପାଖରୁ ମିଳିଥିବା ପରିଚୟ ପତ୍ର ଓ ଡ୍ରାଇଭିଂ ଲାଇସେନ୍ସରୁ ସେ ଖୋଙ୍ଗ୍ ଜିଲାର ନୋଇ ପ୍ରଇଡାଇନ(୬୧) ବୋଲି ଜଣାପଡ଼ିଛି। ତେବେ ସେ କ'ଣ ପାଇଁ ଗୁଳି ଚଳାଇଲେ, ତାହା ସ୍ପଷ୍ଟ ହୋଇନାହିଁ।

### ମନ୍ଦିରରେ ଦଳାଚକଟା: ୨ ମୃତ, ୩୮ ଆହତ

ବାରାବଙ୍କୀ, ୨୮।୭

ଉତ୍ତରପ୍ରଦେଶର ବାରାବଙ୍କୀସ୍ଥିତ ହଇଦରଗଡ଼ ଅଞ୍ଚଳରେ ଥିବା ଅଭ୍‌ସାନେଶ୍ୱର ମନ୍ଦିରରେ ରବିବାର ବିଳମ୍ବିତ ରାତିରେ ଦଳାଚକଟା ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଛନ୍ତି। ଏକ ବିଦ୍ୟୁତ ତାର ମନ୍ଦିରର ଟିଣ ଶେଡ୍ ଉପରେ ପଡ଼ିଯିବାରୁ ଉକ୍ତ ଟିଣ ଶେଡ୍ ଦେଇ ବିଦ୍ୟୁତ ପ୍ରବାହ ବ୍ୟାପିଥିଲା, ଯାହାଫଳରେ ମନ୍ଦିର ପରିସରରେ ଆତଙ୍କ ଖେଳିଯାଇଥିଲା ଏବଂ ଦଳାଚକଟା ଘଟିଥିଲା। ସମସ୍ତ ଆହତଙ୍କୁ ନିକଟସ୍ଥ ତ୍ରିବେଦିଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାରାବଙ୍କୀ ଜିଲା ଚିକିତ୍ସାଳୟକୁ ରେଫର କରାଯାଇଛି। ଶ୍ରାବଣ ମାସର ତୃତୀୟ ସୋମବାର ଉପଲକ୍ଷେ ଭଗବାନ ଭୋଲେନାଥଙ୍କୁ ଦର୍ଶନ କରିବା ସହ ଜଳାଭିଷେକ ପାଇଁ ରବିବାର ମଧ୍ୟରାତ୍ରିରେ ଅଭ୍‌ସାନେଶ୍ୱର ମନ୍ଦିରରେ ଅନେକ ହଜାର ଭକ୍ତଙ୍କ ଭିଡ଼ ଜମିଥିଲା।

### 'ଉଦୟପୁର ଫାଇଲ୍ସ' ନିର୍ମାତାଙ୍କୁ ୱାଇ ଶ୍ରେଣୀ ସୁରକ୍ଷା

ନୂଆଦିଲ୍ଲୀ, ୨୮।୭

କେନ୍ଦ୍ର ସରକାର ରବିବାର 'ଉଦୟପୁର ଫାଇଲ୍ସ' ଫିଲ୍ମର ନିର୍ମାତା ଅମିତ ଜାନୀଙ୍କୁ ୱାଇ ଶ୍ରେଣୀ ସୁରକ୍ଷା ପ୍ରଦାନ କରିଛନ୍ତି। ଅମିତଙ୍କ ଜୀବନକୁ ବିପଦ ଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ତାଙ୍କୁ ଏହି ସୁରକ୍ଷା ଯୋଗାଇ ଦିଆଯାଇଛି। ଏନେଇ ଅମିତ ସାମାଜିକ ଗଣମାଧ୍ୟମ 'X'ରେ ସୂଚନା ଦେଇଛନ୍ତି। 'ଉଦୟପୁର ଫାଇଲ୍ସ' ଫିଲ୍ମ ରିଲିଜ୍‌କୁ ନେଇ କିଛିଦିନ ହେବ ତାଙ୍କୁ ସୋସିଆଲ ମିଡିଆରେ ଧମକ ମିଳିଆସୁଥିଲା। ଅଗଷ୍ଟ ୮ରେ ଏହି ଫିଲ୍ମ ରିଲିଜ୍ ହେବ।



ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ସୋମବାର ନୂଆଦିଲ୍ଲୀରେ ଯୁବ କଂଗ୍ରେସ ସଦସ୍ୟମାନେ ପୋଲିସ ବାରିକେଡ୍ ଉପରେ ଛିଡ଼ାହୋଇ ବିକ୍ଷୋଭ କରୁଛନ୍ତି।


# ବିହାର ଚିଠା ଭୋଟର ତାଲିକାରେ ରୋକ୍ ଲଗାଇଲେନି ସୁପ୍ରିମକୋର୍ଟ

## ଆଧାର, ଭୋଟର ପରିଚୟପତ୍ର ଗ୍ରହଣ କରିବାକୁ ଇସିଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୭(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ତେବେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ବେଳେ ଆଧାର ଏବଂ ଭୋଟର ପରିଚୟପତ୍ରକୁ ଗ୍ରହଣୀୟ ଦସ୍ତାବିଜ୍ ଭାବେ ନେବାକୁ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ କହିଛନ୍ତି। ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ବିହାର ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ବିରୋଧରେ ଦାଏର ପିଟିଶନଗୁଡ଼ିକ ଉପରେ ସର୍ବୋଚ୍ଚ ଅଦାଲତ ଏକସଙ୍ଗେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏନେଇ ମଙ୍ଗଳବାର ଚୂଡ଼ାନ୍ତ ଶୁଣାଣି ତାରିଖ ଘୋଷଣା କରାଯିବ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ହାଜର ହୋଇ କହିଥିଲେ, ଅନ୍ତରୀଣ ପର୍ଯ୍ୟାୟରେ ଭୋଟର ତାଲିକା ଚୂଡ଼ାନ୍ତ ହେବା ଉଚିତ ନୁହେଁ। ଅଗଷ୍ଟ ୧ରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବା ପାଇଁ ସେ ନିବେଦନ କରିଥିଲେ। ତେବେ ଅଗଷ୍ଟ ୧ ପୂର୍ବରୁ ସୁପ୍ରିମକୋର୍ଟ ଯଦି ପିଟିଶନ୍‌କୁ



ଶୁଣାଣି ପାଇଁ ତାଲିକାଭୁକ୍ତ କରନ୍ତି, ତେବେ ପ୍ରକାଶନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ଚାପ ପକାଇବେନି ବୋଲି ଶଙ୍କରନାରାୟଣନ କହିଥିଲେ। ନିର୍ବାଚନ କମିଶନଙ୍କ ବିବୃତି ନୋଟ୍ କରିବା ପରେ ଖଣ୍ଡପୀଠ କହିଛନ୍ତି, ଆମ ଉପରେ ବିଶ୍ୱାସ ରଖନ୍ତୁ। ଯଦି ଆପଣମାନଙ୍କ ଜବାବରେ କୋର୍ଟ ସହମତ ହୁଅନ୍ତି ଏବଂ ଯଦି କୌଣସି ଅବୈଧ ଜଣାପଡ଼େ, ତେବେ କୋର୍ଟ ତାହାକୁ ଖାରଜ କରିଦେବ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଜଷ୍ଟିସ୍ ସୁଧାଂଶୁ ଧୁଲିଆଙ୍କ ନେତୃତ୍ୱରେ ଖଣ୍ଡପୀଠ ଏସ୍‌ଆଇଆର୍ ପାଇଁ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡକୁ ବୈଧ ଦସ୍ତାବିଜ୍ ଭାବେ ଗ୍ରହଣ କରିବା ନିମନ୍ତେ ବିଚାର କରିବାକୁ ନିର୍ବାଚନ କମିଶନଙ୍କୁ କହିଥିଲେ।

## ତଦନ୍ତରେ ସାମିଲ ପରେ ରିପୋର୍ଟ ଉପରେ ପ୍ରଶ୍ନ କରୁଛ କିପରି

### ଟଙ୍କା ଜବତ ଘଟଣାରେ ଜଷ୍ଟିସ୍ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୨୮।୭(ପି.ଟି.)

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନ ପରିସରରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଇନ୍‌ହାଉସ୍ ତଦନ୍ତ କମିଟିର ରିପୋର୍ଟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଦନ୍ତ ପ୍ରକ୍ରିୟାରେ ଆପଣ ସାମିଲ ହେବା ପରେ ଏହାର ରିପୋର୍ଟ ଉପରେ ପ୍ରଶ୍ନ ଉଠାଇପାରୁଛ କିପରି ବୋଲି ସୋମବାର ସର୍ବୋଚ୍ଚ ଅଦାଲତ ତାଙ୍କୁ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ତାଙ୍କ ବାସଭବନ ପରିସରରୁ ବିପୁଳ ଅର୍ଥ ବାହାରିବା ଘଟଣାରେ ଇନ୍‌ହାଉସ୍ ତଦନ୍ତ କମିଟି ରିପୋର୍ଟରେ ତାଙ୍କୁ ଅଭିଯୁକ୍ତ କରାଯାଇଛି। ତେବେ ତଦନ୍ତ ଶେଷ ହେବା ଏବଂ ରିପୋର୍ଟ ବାହାରିବା ପର୍ଯ୍ୟନ୍ତ ସେ ଅପେକ୍ଷା କରିଥିଲେ କାହିଁକି ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଏ.ଜି. ମସିହଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ତଦନ୍ତ କମିଟି ଆଗରେ


ଜଷ୍ଟିସ୍ ଯଶୱନ୍ତ ବର୍ମା

କାହିଁକି ହାଜର ହେଉଥିଲ ? ଉକ୍ତ ଭିଡିଓକୁ ଡିଲିଟ୍ କରିବାକୁ କୋର୍ଟକୁ ଆସିଛ କି? ତଦନ୍ତରୁ ଆପଣଙ୍କ ସପକ୍ଷରେ ରିପୋର୍ଟ ବାହାରିବା ସୁଯୋଗକୁ ଅପେକ୍ଷା କରିଥିଲ କି ବୋଲି ଖଣ୍ଡପୀଠ ଜଷ୍ଟିସ୍ ବର୍ମାଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ପ୍ରଶ୍ନ କରିଛନ୍ତି। ଏଭଳି ଆବେଦନ କରାଯିବା ଉଚିତ ନ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।

## ମଧ୍ୟପ୍ରଦେଶ ମନ୍ତ୍ରୀଙ୍କୁ ପୁଣି ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### କଲୋନେଲ ସୋଫିଆ କୁରେଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ମାମଲା

ନୂଆଦିଲ୍ଲୀ, ୨୮।୭

ସୁପ୍ରିମକୋର୍ଟ ସୋମବାର ମଧ୍ୟପ୍ରଦେଶର ମନ୍ତ୍ରୀ କୁନ୍‌ୱର ବିଜୟ ଶାହଙ୍କୁ ପୁଣିଥରେ ଭର୍ତ୍ସନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୁନ୍‌ୱର ସାର୍ବଜନୀନ ଭାବେ କଲୋନେଲ ସୋଫିଆ କୁରେଶୀଙ୍କୁ କ୍ଷମା ନ ମାଗି ସର୍ବୋଚ୍ଚ ଅଦାଲତଙ୍କ ଧୈର୍ଯ୍ୟର ପରୀକ୍ଷା ନେଉଛନ୍ତି ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ କରିଛେନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଖଣ୍ଡପୀଠ ମନ୍ତ୍ରୀ କୁନ୍‌ୱରଙ୍କ ଆଚରଣ, ଉଦ୍ଦେଶ୍ୟ ଏବଂ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଅପରେଶନ ସିନ୍ଦୂରକୁ ନେଇ କୁନ୍‌ୱର କଲୋନେଲ ସୋଫିଆଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିଲେ।

## ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍

ନୂଆଦିଲ୍ଲୀ, ୨୮।୭

ଭାରତର ସବୁଠାରୁ ବଡ଼ ଆଇଟି କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଆର୍ଥିକ ବର୍ଷ ୨୦୨୬ରେ ନିଜର ୨% କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଟିସିଏସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) କେ. କ୍ରିତିବାସନ୍ ନିକଟରେ ଦେଇଥିବା ଏକ ସାକ୍ଷାତ୍‌କାରରୁ ଏହି ସଙ୍କେତ ମିଳିଛି। ଏପରି ହେଲେ ଟିସିଏସ୍‌ର ପ୍ରାୟ ୧୨,୨୦୦ କର୍ମଚାରୀ ଚାକିରି ହରାଇବେ। କମ୍ପାନୀର ମିଡିଲ ଏବଂ ସିନିୟର ଲେଭଲ ମ୍ୟାନେଜମେଣ୍ଟ ଏହି ଛଟେଇ ପ୍ରକ୍ରିୟାରେ ସର୍ବାଧିକ ପ୍ରଭାବିତ ହେବେ।


କ୍ରିତିବାସନ୍ କହିଛନ୍ତି, ସମ୍ପ୍ରତି ଟିସିଏସ୍ ନୂତନ ପ୍ରଯୁକ୍ତିବିଦ୍ୟା ବିଶେଷକରି ଏଆଇକୁ ଆପଣାଇବା ସହ ଅପରେଟିଂ ମଡେଲରେ ପରିବର୍ତ୍ତନ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଧୀରେ ଧୀରେ କାମ କରିବାର ଶୈଳୀ ବଦଳୁଛି। ତେଣୁ ଭବିଷ୍ୟତ ପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ସମ୍ପ୍ରତି କମ୍ପାନୀ ପକ୍ଷରୁ ଏଆଇର ବ୍ୟାପକ ବ୍ୟବହାର କରାଯାଉଛି ଏବଂ ଭବିଷ୍ୟତ ପାଇଁ ଜରୁରୀ ଦକ୍ଷତାର ମୂଲ୍ୟାଙ୍କନ କରାଯାଉଛି। ଟିସିଏସ୍ ନୂତନ ବଜାରରେ ପ୍ରବେଶ କରିଛି। ଫଳରେ ଟିସିଏସ୍ ନୂତନ ପ୍ରଯୁକ୍ତିବିଦ୍ୟାରେ ନିବେଶ କରୁଛି ଏବଂ କୃତ୍ରିମ ବୁଦ୍ଧିମତା ଏଆଇକୁ ବଡ଼ ସ୍ତରରେ କାର୍ଯ୍ୟକାରୀ କରୁଛି। ଫଳରେ କମ୍ପାନୀ ପକ୍ଷରୁ କର୍ମଚାରୀମାନଙ୍କୁ ପୁନଃ ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ପୁନଃ ନିୟୋଜିତ କରାଯାଉଛି। ତେବେ କିଛି କ୍ଷେତ୍ରରେ ପୁନଃ ନିୟୋଜନ ପ୍ରକ୍ରିୟା ସଫଳ ହୋଇପାରୁନାହିଁ। ତେଣୁ ଆଗାମୀ ଦିନରେ ଟିସିଏସ୍ ଏକ କଷ୍ଟକର ନିଷ୍ପତ୍ତି ନେବାକୁ ପ୍ରସ୍ତୁତ ହେଉଛି, ଯାହା କମ୍ପାନୀର ୨% ଗ୍ଲୋବାଲ ୱାର୍କଫୋର୍ସକୁ ପ୍ରଭାବିତ କରିବ।

## ଚର୍ମ ଦେଇ ୮ ମାସର ଶିଶୁକୁ ବଞ୍ଚାଇଲେ ମା'

### ଅହମଦାବାଦ ବିମାନ ଦୁର୍ଘଟଣାରେ ୩୬% ଜଳି ଯାଇଥିଲା ଶିଶୁ

ଅହମଦାବାଦ, ୨୮।୭

ଗତ ଜୁନ୍ ୧୨ରେ ଗୁଜରାଟର ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ସହରର ମେଘାଣୀନଗରସ୍ଥିତ ବି.ଜେ. ମେଡିକାଲ କଲେଜର ବିଲ୍ଡିଂ ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ସେଠାରେ ଥିବା ଅନେକ ଲୋକ ମୃତାହତ ହୋଇଥିଲେ। ଦୁର୍ଘଟଣା ସମୟରେ ବି.ଜେ. ମେଡିକାଲ କଲେଜର ଏକ ଆବାସିକ କୋଠାରେ ମନୀଷା କଚ୍ଛାଡ଼ିଆ ନାମ୍ନୀ ଜଣେ ମହିଳା ନିଜ ୮ ମାସର ଶିଶୁପୁତ୍ର ଧ୍ୟାନ୍ସଙ୍କ ସହ ଥିଲେ। ଦୁର୍ଘଟଣାରେ ନିଆଁ ଏବଂ ଘନ ଧୂଆଁ ମଧ୍ୟରେ ମନୀଷା ନିଜ ଶରୀରରେ ଶିଶୁପୁତ୍ରଙ୍କୁ ଘୋଡ଼ାଇ ଏକ ଢାଲ ସ୍ୱରୂପ ସୁରକ୍ଷା ଯୋଗାଇଥିଲେ ଏବଂ ସୌଭାଗ୍ୟକ୍ରମେ ଉଭୟ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଏହି ଦୁର୍ଘଟଣାରେ ମନୀଷାଙ୍କର ମୁହଁ ଏବଂ ହାତର ୨୫% ଜଳିଯାଇଥିବା ବେଳେ ଧ୍ୟାନ୍ସଙ୍କର ମୁହଁ, ୨ ହାତ, ଛାତି, ପେଟର ୩୬% ଅଂଶ ଜଳିଯାଇଥିଲା। ସ୍ଥାନୀୟ କେଡି ହସ୍ପିଟାଲରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଧ୍ୟାନ୍ସଙ୍କ ଶରୀରର ପୋଡ଼ି ଯାଇଥିବା ଅଂଶର ଚର୍ମ ପ୍ରତିରୋପଣ ପାଇଁ ମନୀଷା ନିଜ ଚର୍ମ ଦାନ କରିଥିଲେ। ୫ ସପ୍ତାହ ଧରି କେଡି ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଗତ ସପ୍ତାହରେ ଉଭୟଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହାସହ ଧ୍ୟାନ୍ସ ସବୁଠାରୁ କମ୍ ବୟସ୍କ ଭାବେ ଅହମଦାବାଦ ବିମାନ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ମନୀଷା ନିଜ ସ୍ୱାମୀ କପିଲ କଚ୍ଛାଡ଼ିଆ ଏବଂ ୮ ମାସର ଶିଶୁପୁତ୍ର ଧ୍ୟାନ୍ସଙ୍କ ସହ ବିଜେ ମେଡିକାଲ କଲେଜର ଏକ ଆବାସିକ ବିଲ୍ଡିଂରେ ରହୁଥିଲେ। କପିଲ ଉକ୍ତ ମେଡିକାଲ କଲେଜରେ ୟୁରୋଲୋଜିର ଜଣେ ଏମ୍‌ସିଏଚ୍ ଛାତ୍ର ହୋଇଥିବା ବେଳେ ଦୁର୍ଘଟଣା ସମୟରେ ସେ ଡ୍ୟୁଟିରେ ଥିଲେ।


୮ ମାସର ଶିଶୁପୁତ୍ର ଧ୍ୟାନ୍ସ ସହ ମନୀଷା କଚ୍ଛାଡ଼ିଆ ଓ ତାଙ୍କ ପରିବାର।

## ଫୁରସତ୍


ମେଧା ରାଣା

### 'ବର୍ଡର ୨': ବରୁଣଙ୍କ ବିପକ୍ଷରେ ମେଧା

ମୁମ୍ବାଇ

ବହୁ ପ୍ରତୀକ୍ଷିତ 'ବର୍ଡର ୨' ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତ୍ରୀ ମେଧା ରାଣା ଯୋଡ଼ି ହୋଇଛନ୍ତି। ଫିଲ୍ମରେ ସେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ନଜରକୁ ଆସିବେ। ପ୍ରଡକ୍ସନ ହାଉସ୍ ଟି-ସିରିଜ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏହି ସୂଚନା ଦିଆଯାଇଛି। କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, 'ବର୍ଡର ୨' ପରିବାରକୁ ଅଭିନେତ୍ରୀ ମେଧା ରାଣାଙ୍କୁ ସ୍ୱାଗତ। ସେ ଫିଲ୍ମରେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ନଜରକୁ ଆସିବେ। 'ଲଣ୍ଡନ ଫାଇଲ୍ସ' ୱେବ୍ ସିରିଜ୍ ମାଧ୍ୟମରେ ମେଧା ଅଭିନୟରେ ଡେବ୍ୟୁ କରିଥିଲେ। ୨୦୨୨ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ମେଧାଙ୍କର ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ସେହିପରି ୨୦୨୩ରେ ରିଲିଜ୍ ହୋଇଥିବା 'ଫ୍ରାଇଡେ ନାଇଟ୍ ପ୍ଲାନ୍' ଫିଲ୍ମରେ ମଧ୍ୟ ନିଜ ଦମ୍‌ଦାର ଅଭିନୟ ଦ୍ୱାରା ମେଧା ବହୁ ପ୍ରଶଂସା ସାଉଣ୍ଟିଥିଲେ। ୧୯୯୭ରେ ରିଲିଜ୍ ହୋଇଥିବା ସୁପରହିଟ୍ ଚଳଚ୍ଚିତ୍ର 'ବର୍ଡର'ର ସିକ୍ୱେଲ 'ବର୍ଡର ୨' ଆସନ୍ତା ବର୍ଷ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ। ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ସନି ଦେଓଲ, ଦିଲଜିତ୍ ଦୋସାଞ୍ଜ ଏବଂ ଅହାନ ପାଣ୍ଡେ ପ୍ରମୁଖ ରହିଛନ୍ତି। ଟି-ସିରିଜ୍‌ର ବ୍ୟାନରରେ ଏବଂ ଅନୁରାଗ ସିଂଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମର ଶୁଟିଂ ଜାରି ରହିଛି।

## ସବୁଠୁ ମହଙ୍ଗା ପନିର

### ୩୬ ଲକ୍ଷରେ ନିଲାମ ହେଲା

ମାଡ୍ରିଡ୍

ସ୍ପେନ୍‌ରେ ଏକ ପନିର ଖଣ୍ଡ ୩୬ ହଜାର ୟୁରୋ (ପ୍ରାୟ ୩୬ ଲକ୍ଷ ଟଙ୍କା)ରେ ନିଲାମ ହୋଇଛି। ଏହାସହ ଉକ୍ତ ପନିର ଖଣ୍ଡ ବିଶ୍ୱର ସବୁଠାରୁ ମହଙ୍ଗା ଛେନା ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ପାଇଛି। ଜିଡବ୍ଲ୍ୟୁଆର୍ ଅନୁଯାୟୀ, ଏହି ପନିର ଖଣ୍ଡର ଓଜନ ପ୍ରାୟ ୨.୩ କେ.ଜି. ହୋଇଥିବା ବେଳେ ଏହା ଗାଈ କ୍ଷୀରରୁ ତିଆରି। ସମୁଦ୍ର ପତ୍ତନଠାରୁ ପ୍ରାୟ ୧,୫୦୦ ମିଟର ଉଚ୍ଚରେ ଅବସ୍ଥିତ ସ୍ପେନ୍‌ର ଲସ୍ ମାଜୋସ୍ ଗୁମ୍ଫାରେ ପ୍ରାୟ ୧୦ ମାସ ଧରି ଏହି ଛେନାକୁ ପରିପକ୍ୱ କରାଯାଇଥିଲା। ଅନେକ ବର୍ଷ ଧରି ଲସ୍ ମାଜୋସ୍ ଗୁମ୍ଫାକୁ ପାରମ୍ପରିକ ଭାବରେ କାବ୍ରାଲେସ୍ ଚିଜ୍‌କୁ ପରିପକ୍ୱ କରିବା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହି ଗୁମ୍ଫାରେ ପରିପକ୍ୱ ହେବାର ପ୍ରକ୍ରିୟା ଦ୍ୱାରା ପନିରଗୁଡ଼ିକ ସବୁଜ-ନୀଳ ରଙ୍ଗର ହେବା ସହ ଏହାର ସ୍ୱାଦ ତୀକ୍ଷ୍ଣ ଏବଂ ସାମାନ୍ୟ ଲୁଣିଆ ରହିଥାଏ, ଯାହା ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ। ଏହି ଅନନ୍ୟ ପନିରକୁ ସ୍ପେନ୍‌ର ଆସ୍ତୁରିଆସ୍‌ଠାରେ ରେଗୁଲେଟୋରି କାଉନ୍‌ସିଲ ଡିଓପି କାବ୍ରାଲେସ୍ (ସ୍ପେନ୍) ଦ୍ୱାରା ଆୟୋଜିତ ଏକ ନିଲାମ ପ୍ରକ୍ରିୟାରେ ବିକ୍ରି କରାଯାଇଥିଲା। ଆଙ୍ଗେଲ ଡିଆଜ୍ ହେରେରୋ ଚିଜ୍ ଫ୍ୟାକ୍ଟ୍ରି ଦ୍ୱାରା ଏହି ପନିର ପ୍ରସ୍ତୁତ କରାଯାଇଥିଲା। ମେଜୋର କ୍ୱାର୍ସୋ ଡେଲ୍ ସର୍ଟାମେନ ପ୍ରତିଯୋଗିତାରେ ଏହି ପନିର ଶ୍ରେଷ୍ଠ ପନିର ଭାବେ ପୁରସ୍କାର ଜିତିଥିବାରୁ ଏହାର ନିଲାମ କରାଯାଇଥିଲା। ପ୍ରତିବର୍ଷ ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପନିରକୁ ନିଲାମ କରାଯାଇ ସର୍ବାଧିକ ନିଲାମଦାତାଙ୍କୁ ବିକ୍ରି କରାଯାଇଥାଏ।

ଚଳିତ ଥର ଏହି ନିଲାମ ପ୍ରକ୍ରିୟା ୩ ହଜାର ୟୁରୋରୁ ଆରମ୍ଭ ହୋଇଥିଲା। ନିଜର ତୀବ୍ର ସୁଗନ୍ଧ ଏବଂ ତୀକ୍ଷ୍ଣ ସ୍ୱାଦ ପାଇଁ ଏହି ପନିରକୁ ଶେଷରେ ଆସ୍ତୁରିଆସ୍ଥିତ ଏଲ୍ ଲାଗାର ଡେ କୋଲୋଟୋ ରେଷ୍ଟୁରାଣ୍ଟର ମାଲିକ ଇଭାନ ସୁଆର୍‌ଜେ ପ୍ରାୟ ୩୬ ଲକ୍ଷ ଟଙ୍କାରେ କିଣିଥିଲେ।






# ଜମି ଦେବାକୁ କହି ମନ୍ତ୍ରୀଙ୍କୁ ୨୫ ଲକ୍ଷ ଟଙ୍କା ଠକେଇ

## ଓକିଲଙ୍କ ଜରିଆରେ ଥାନାରେ ଅଭିଯୋଗ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

ଢେଙ୍କାନାଳ,୨୮।୭(ରତନ ନାୟାର)

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜମି ଦେବାକୁ କହି ୨୫ଲକ୍ଷ ଟଙ୍କା ଠକେଇ କରାଯିବା ଘଟଣା ଢେଙ୍କାନାଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଗତ ୨୬ ତାରିଖରେ ମନ୍ତ୍ରୀ ପାତ୍ର ତାଙ୍କ ଓକିଲଙ୍କ ଜରିଆରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଟାଉନ ଥାନାରେ ନଂ. ୫୦୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଟଙ୍କା ଦେବା ବାବଦ କାଗଜପତ୍ରକୁ ପୋଲିସ ଜବତ କରି ଏ ସଂକ୍ରାନ୍ତରେ ତନାଘନା ଚଳାଇଛି।

ଅଭିଯୋଗରୁ ଜଣାପଡ଼ିଛି, ଢେଙ୍କାନାଳ ସଦର ଥାନା ବଣସିଂହ ଅଞ୍ଚଳର ନିରଞ୍ଜନ ଶତପଥୀ ୨୦୨୧ ମସିହାରେ କୃଷ୍ଣଚନ୍ଦ୍ରଙ୍କୁ ଏକ ଜମି ଦେବାକୁ କହି ତାଙ୍କଠାରୁ ଅଗ୍ରୀମ ୨୫ ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ସେ ଜମି ଦେଲେ ନାହିଁ କି ଟଙ୍କା ମଧ୍ୟ ଫେରାଇଲେ ନାହିଁ। ଜମି ଦେବାକୁ କୃଷ୍ଣଚନ୍ଦ୍ର ବାରମ୍ବାର କହିବା ସତ୍ତ୍ୱେ ନିରଞ୍ଜନ ଜମି ଦେଇ ନ ଥିଲେ।


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଏପରି କି ନିରଞ୍ଜନ ଦେଇଥିବା ୨ଟି ଚେକ୍ ବାଉନ୍ସ ହୋଇଯାଇଥିଲା। ଫଳରେ ଚେକ୍ ବାଉନ୍ସ ନେଇ ନିରଞ୍ଜନଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ସେଥିରେ ସେ ଜାମିନରେ ଆସିଥିବା ନିରଞ୍ଜନଙ୍କ ସୂଚନାରୁ ଜଣାପଡ଼ିଛି। ଏହି ଘଟଣା ସୋମବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି, ଅଭିଯୋଗ ପାଇଛୁ। ଥାନାରେ ମାମଲା ରୁଜୁ ହୋଇଛି। କାଗଜପତ୍ରକୁ ଯାଞ୍ଚ କରାଯାଉଛି।

# ଖର୍ଚ୍ଚ ହୋଇପାରୁନି ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି ଗବେଷଣା ପାଣ୍ଠି

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)


ରାଜ୍ୟରେ ଆଦିବାସୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ସହିତ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା ପ୍ରଣୟନ କରାଯାଇଛି। ଏଥିପାଇଁ ରାଜ୍ୟ ବଜେଟ୍‌ରେ ବ୍ୟାପକ ଅର୍ଥର ବ୍ୟବସ୍ଥା କରାଯାଉଛି। ଏହାବାଦ୍ ଅନ୍ୟାନ୍ୟ ଉତ୍ସରୁ ମଧ୍ୟ ସରକାର ପାଣ୍ଠି ଯୋଗାଇ ଦେଉଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ସେମାନଙ୍କ ପାଇଁ ବିଭିନ୍ନ ଉତ୍ସରୁ ବ୍ୟବସ୍ଥା ହେଉଥିବା ଅର୍ଥର ସୁବିନିଯୋଗ ହୋଇପାରୁନାହିଁ। ଫଳରେ ସେମାନଙ୍କ ସାଂସ୍କୃତିକ ବିକାଶ ବାଧାପ୍ରାପ୍ତ ହେବା ସହିତ ଶିକ୍ଷା ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ଼ ହୋଇପାରୁନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ଯେଉଁ ଉତ୍ସରୁ ଟଙ୍କା ମଞ୍ଜୁର ହେଉଛି ତାହା ଠିକଣା ବାଟରେ ଖର୍ଚ୍ଚ ନ ହେବା ଯୋଗୁ ଏବେ ସୁଧ ଗଣିବାକୁ ସରକାର ଏକପ୍ରକାର ବାଧ୍ୟ ହେଉଛନ୍ତି। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଖବର ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ଙ୍କ ପତ୍ରରୁ ଜଣାଯାଇଛି।

ଓଏମ୍‌ବିଏଡିସି ସିଇଓ ରୋହିତ କୁମାର ଲେଙ୍କା ଚଳିତମାସ ୨୨ରେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖି ବିନିଯୋଗ ହୋଇ ନ ଥିବା ଖର୍ଚ୍ଚ ସୁଧ ସମେତ ଫେରାଇବାକୁ ଦର୍ଶାଇଛନ୍ତି। ସେ ପତ୍ରରେ ଉଲ୍ଲେଖ କରିଛନ୍ତି, ଜନଜାତିଙ୍କ ସଂସ୍କୃତି ଗବେଷଣା ଲାଗି ଓଏମ୍‌ବିଏଡିସି ପକ୍ଷରୁ ପ୍ରଦାନ କରାଯାଇଥିବା ଅର୍ଥ ମଧ୍ୟରୁ ବଳକା ଥିବା ୭ଲକ୍ଷ ୭୦ହଜାର ୬୩୧ ଟଙ୍କା ଓ ଏହାର ସୁଧ ସହିତ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ପ୍ରଦାନ କରାଯାଇଥିବା ୧୦କୋଟି ୬୪ ଲକ୍ଷ ୭୦ହଜାର ୫୦୭ଟଙ୍କା ଫେରସ୍ତ କରାଯାଉ।

ରୋହିତ ପତ୍ରରେ ଦର୍ଶାଇଛନ୍ତି, ଆଦିବାସୀଙ୍କ ସଂସ୍କୃତିର ଅଧିକ ଗବେଷଣା ଓ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ଓଏମ୍‌ବିଏଡିସି ପକ୍ଷରୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଯେଉଁ ଅର୍ଥ ପ୍ରଦାନ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରି ନାହିଁ। ତେଣୁ ସଂସ୍କୃତି ଗବେଷଣା ଲାଗି ବିନିଯୋଗ ହୋଇ ନ ଥିବା ୭ଲକ୍ଷ ୭୦ହଜାର ୬୩୧ ଏବଂ ଶିକ୍ଷା ଭିତ୍ତିଭୂମି ଲାଗି ପ୍ରଦାନ କରାଯାଇଥିବା ୧୦.୬୪କୋଟି ଟଙ୍କା ସୁଧ ସହିତ ଫେରାଅ। ଚଳିତମାସ ୩୧ ତାରିଖ ସୁଦ୍ଧା ଏହାର ଅଦ୍ୟତନ ସୁଧ ସହିତ ସମସ୍ତ ଟଙ୍କା ଫେରାଇବାକୁ ସିଇଓ ରୋହିତ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ବିଭାଗୀୟ ସଚିବ ଏବେ ଅଡ଼ୁଆରେ ପଡ଼ିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର ଭଳି ୮ଟି ଖଣିଜ ଜିଲାର ୭୬ଟି ବ୍ଲକ ଏବଂ ୭୬୨୬ ଗ୍ରାମର ବିକାଶ ଲାଗି ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ ହୋଇଥାଏ। ଏହି ଅର୍ଥରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ପରିବେଶ ଓ ଗ୍ରାମ୍ୟ ଉନ୍ନୟନ ଭିତ୍ତିଭୂମି ସୁଦୃଢ଼ ଲାଗି ଅର୍ଥ ଖର୍ଚ୍ଚ କରାଯାଇଥାଏ।

### ସୁଧ ସହ ୧୦.୭୫କୋଟି ମାଗିଲା 'ଓଏମ୍‌ବିଏଡିସି'


Rohita Kumar Lenka, IFS
CHIEF EXECUTIVE OFFICER

OMBADC

No.1606 /OMBADC-26/2017 (F.Y-2024-25) Dated. 22nd July 2025
To
The Principal Secretary to Govt.,
ST & SC Development, Minorities & Backward Classes Welfare Department,
Government of Odisha.
Sub: Refund of unspent funds released under compensation funds component of OMBADC for the project "Research Activities pertaining to Tribal Culture"-regarding.
Ref: This office letter No. 1153 dtd. 29.05.2025 & No. 1155 dtd. 29.05.2025.
Sir,

In inviting reference to the letters cited above on the captioned subject, this is to bring to your kind notice that it was requested by this office to refund the unutilized amount of Rs.7,70,631.00 along with interest in respect of the project "Research Activities pertaining to Tribal Culture". The said amount is yet to be refunded to OMBADC. Further, an amount of Rs.10,64,70,507.00 was also requested for refund in respect of the project "Development of Education Infrastructure for ST & SC Students of SC & ST Dept. Schools" and the said amount has also not been refunded to OMBADC.

In view of the said fact, it is once again requested to refund the unutilized balance amount of Rs.7,70,631.00 and Rs.10,64,70,507.00 along with the accrued interest and the "up-to-date interest certificate". for the year 2023-24 and 2024-25 to OMBADC in the account as provided here under. The said amount may kindly be refunded back to OMBADC on or before 31.07.2025.

Bank Name: Union Bank of India
Branch Name: Main Branch, Ashok Nagar, Bhubaneswar
A/c No.:380802050000212
IFSC: UBIN0538086

Yours faithfully
Chief Executive Officer
OMBADC

Memo No.1607 Dt. 22.07.2025
Copy forwarded to the Director, SCST Research & Training Institute / the Director ST, Odisha Tribal Development Society/ the Nodal Officer (OMBADC Project), ST & SC Development, Minorities & Backward Classes Welfare Department, Odisha for information and necessary action.

Chief Executive Officer
OMBADC

ODISHA MINERAL BEARING AREAS DEVELOPMENT CORPORATION
(A SPV of Government of Odisha), CIN-U75100OR2014NPL018478
Regd. Off: Aranya Bhawan, 1st Floor, GD-2/12, Chandrasekharpur, Bhubaneswar-23, Odisha
E-mail : ombadc@gmail.com, Phone: (0674) 2300488, Website: www.ombadc.in

ଓଏମ୍‌ବିଏଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇଥିବା ପତ୍ରର ନକଲ।

# ୧୧୦୦ରୁ ଊର୍ଦ୍ଧ୍ୱ ଗୁହାରି ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରତି ଲୋକଙ୍କ ଆଶା ଓ ଭରସା ଦିନକୁ ଦିନ ବୃଦ୍ଧି ପାଉଛି। ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ଜନଶୁଣାଣି ପୋର୍ଟାଲ ଖୋଲିବା ମାତ୍ରେ ଗୋଟିଏ ଦିନରେ ୧ହଜାର ଆବେଦନକାରୀ ତାଙ୍କର ନାମ ପଞ୍ଜୀକରଣ କରିଦେଉଛନ୍ତି। ଅବଶିଷ୍ଟଙ୍କୁ ସାକ୍ଷାତରେ ହିଁ ଅଭିଯୋଗ ଶୁଣାଣି କରାଯାଉଛି ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ଜଣାଯାଇଛି। ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଶ୍ୱାସନାଭରା କଥା ଗଭୀର ଭାବେ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସିଙ୍ଗିଲ୍ ୱିଣ୍ଡୋ ଜରିଆରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି। ଆଜି ୩ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି। ଚଳିତବର୍ଷ ଆରମ୍ଭରୁ ଅଦ୍ୟାବଧି ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଲାଣି।

ସୂଚନାଯୋଗ୍ୟ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡ଼ା ୯୧ ପ୍ରତିଶତ। ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।


ବିଭିନ୍ନ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ବିଭିନ୍ନ ବିଭାଗର ମନ୍ତ୍ରୀ।

# ବିଷ୍ଣୁ ସେଠୀଙ୍କ ଆଗୁଆ ଜାମିନ ଆବେଦନ ଖାରଜ

କଟକ,୨୮।୭(କାର୍ତ୍ତିକ ସାହୁ)

ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ ଭି. ନରସିଂହ ସୋମବାର ରାୟ ପ୍ରକାଶ କରି ଆବେଦନ ଖାରଜ କରିବା ସହ ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ଫଳରେ ଏବେ ବିଷ୍ଣୁପଦଙ୍କ ଗିରଫଦାରି ଆଶଙ୍କା ବଢ଼ିଯାଇଛି।

ସୂଚନାନୁସାରେ, ଲାଞ୍ଚ କାରବାରରେ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ(ସିବିଆଇ) ବିଷ୍ଣୁପଦଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲାକୁ ଖାରଜ କରିବା ସହ ଆଗୁଆ ଜାମିନ ପାଇବା ପାଇଁ ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୩ ତାରିଖରେ ମାମଲାର ଶୁଣାଣି କରି ହାଇକୋର୍ଟ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ବ୍ରିଜ୍ ଆଣ୍ଡ ରୁଫ କର୍ପୋରେଶନ ଲିମିଟେଡ ସମ୍ପର୍କିତ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ କରି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲା। ବିଷ୍ଣୁପଦ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଆକାଉଣ୍ଟକୁ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା। ଏହି ଘଟଣାରେ ବିନା କାରଣରେ ତାଙ୍କୁ ଓ ତାଙ୍କ ପରିବାରକୁ ଟଣାଯାଉଛି ବୋଲି ବିଷ୍ଣୁପଦ ହାଇକୋର୍ଟରେ ଦର୍ଶାଇବା ସହ ତାଙ୍କୁ ଜାମିନ ପ୍ରଦାନ ସହ ତାଙ୍କ ବିରୋଧରେ ହୋଇଥିବା ମାମଲାକୁ ଖାରଜ କରିବାକୁ ଆବେଦନ କରିଥିଲେ। ଅଦାଲତରେ ସିବିଆଇ କେଶ୍‌ଡାଏରୀ ଓ ତଦନ୍ତର ସ୍ଥିତି ଦାଖଲ କରିଥିଲା। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଗତ ୧୮ ତାରିଖରେ ଅଦାଲତ ରାୟକୁ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ଓ ସିବିଆଇ ପକ୍ଷରୁ ସ୍ପେଶାଲ ପିପି ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ।

# ଆଜି ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ଆସନ୍ତାକାଲି (ମଙ୍ଗଳବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ। ଏହି ସମୟରେ ପ୍ରପୀଡ଼ିତଙ୍କୁ କିଭଳି ଉଦ୍ଧାର କରାଯାଇଛି ତା'ର ମଧ୍ୟ ସମୀକ୍ଷା କରିବେ। ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ୬ଟି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଥିମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ପ୍ରଭୃତି ରହିଛି। ଯେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟରରେ ଅଛନ୍ତି ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆସନ୍ତାକାଲି(ମଙ୍ଗଳବାର) ପାଗ ଅନୁକୂଳ ହେଲେ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ବୋଲି ରାଜସ୍ୱମନ୍ତ୍ରୀ ସୂଚନା ଦେଇଛନ୍ତି।

# ତୃତୀୟ ଥର ପାଇଁ ବଳଙ୍ଗା ପୀଡ଼ିତାଙ୍କ ଅସ୍ତ୍ରୋପଚାର

- ବାପା, ପିଉସୀଙ୍କୁ ପୁଣି ଜେରା କଲା ପୋଲିସ
- ଘର ଆଗରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା

ବଳଙ୍ଗା,୨୮।୭ (କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଜାଳିଦେବା ଘଟଣାର ୧୦ଦିନ ପୂରିଲାଣି। ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରିନାହିଁ। ପୋଲିସର ସ୍ୱତନ୍ତ୍ର ଟିମ୍ ଓ କ୍ରାଇମବ୍ରାଞ୍ଚ ଏହି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ ସୋମବାର ଦିଲ୍ଲୀ ଏମ୍ସରେ ତୃତୀୟ ଥର ପାଇଁ ପୀଡ଼ିତାଙ୍କ ଅସ୍ତ୍ରୋପଚାର କରାଯାଇଛି। ତାଙ୍କ ପାଇଁ ଆମେରିକାରୁ ୯ଲକ୍ଷ ଟଙ୍କାର ଔଷଧ ଅଣାଯାଇଥିବା କୁହାଯାଉଛି। ଅସ୍ତ୍ରୋପଚାର ପରେ ସେ ସୁସ୍ଥତା ଅନୁଭବ କଲେ ଦିଲ୍ଲୀ ଯାଇଥିବା ବଳଙ୍ଗା ପୋଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ତୃତୀୟ ଥର ପାଇଁ ତାଙ୍କର ବୟାନ ରେକର୍ଡ କରିବ। କାରଣ ପୀଡ଼ିତା ପୂର୍ବରୁ ଭୁବନେଶ୍ୱର ଏମ୍ସ ଏବଂ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନରେ ତାଳମେଳ ରହୁ ନ ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ତେଣୁ ପୁଣି ଥରେ ତାଙ୍କ ପରିବାର ସଦସ୍ୟ, ମାଜିଷ୍ଟ୍ରେଟ୍ ଓ ଡାକ୍ତରଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯିବ। ତେବେ ସୋମବାର ଦିଲ୍ଲୀ ଏମ୍ସରେ ଥିବା ପୀଡ଼ିତାଙ୍କ ବାପା ଓ ପିଉସୀଙ୍କୁ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ପୋଲିସ ପୁନର୍ବାର ପଚରାଉଚରା କରିଛି। ମଙ୍ଗଳବାର ପୀଡ଼ିତାଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ବୟାନ ରେକର୍ଡ କରାଯାଇପାରେ। ସମ୍ପ୍ରତି ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ନୂଆଗୋପାଳପୁରସ୍ଥିତ ପୀଡ଼ିତାଙ୍କ ଘର ସମ୍ମୁଖରେ ୨୪ ଘଣ୍ଟିଆ ପୋଲିସ ମୁତୟନ କରାଯାଇ କଡ଼ା ସୁରକ୍ଷା ଯୋଗାଇ ଦିଆଯାଉଛି। ଦୁଇଟି ଶିଫ୍ଟରେ ସକାଳ ୬ରୁ ରାତି ୧୦ଟା ଏବଂ ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ପୋଲିସ କର୍ମଚାରୀ ଜଗିରହିବା ସହ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି।


ପୀଡ଼ିତାଙ୍କ ଘର ଆଗରେ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

# ସତର୍କ ସଙ୍କେତ ତଳେ ଜଳକା, ସୁବର୍ଣ୍ଣରେଖା


ବନ୍ୟାଞ୍ଚଳ ବୁଲି ଦେଖିଲେ ଅତିରିକ୍ତ ଏସ୍‌ଆର୍‌ସି, ଜିଲାପାଳ ଓ ଏସ୍‌ପି।

- ୪ ବ୍ଲକର ୧୮ ହଜାର ଲୋକ ପ୍ରଭାବିତ
- ବନ୍ୟାଞ୍ଚଳ ପରିଦର୍ଶନ କଲେ ଅତିରିକ୍ତ ଏସ୍‌ଆର୍‌ସି, ଜିଲାପାଳ

ବାଲେଶ୍ୱର, ୨୮।୭
(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ଜଳକା ଓ ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁ ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକରେ ପରିସ୍ଥିତି ଦୟନୀୟ ହୋଇଛି। ଏହି ୪ଟି ବ୍ଲକର ୧୬ଟି ପଞ୍ଚାୟତର ୪୫ ଗାଁ ପାଣିଘେରରେ ରହିଛି। ୧୮ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି।

ସୋମବାର ଜଳକା ଓ ସୁବର୍ଣ୍ଣରେଖାର ଜଳସ୍ତର ସତର୍କସଙ୍କେତ ତଳେ ପ୍ରବାହିତ ହେଉଥିଲେ ହେଁ ଜନସାଧାରଣଙ୍କ ଦୁର୍ଦ୍ଦଶା କମିନାହିଁ। ବସ୍ତା ବ୍ଲକ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ମିଟର ଓ ସତର୍କ ସଙ୍କେତ ୬ମିଟର ରହିଥିବା ବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୫.୯୬ ମିଟରରେ ପ୍ରବାହିତ ହେଉଛି। ସେହିପରି ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦସଙ୍କେତ ୧୦.୩୬ ମିଟର ଓ ସତର୍କ ସଙ୍କେତ ୯.୪୫ମିଟର ଥିବା ବେଳେ ରବିବାର ରାତି ୯ଟା ସୁଦ୍ଧା ୧୧.୨୫ ମିଟରରେ ପ୍ରବାହିତ ହେଉଥିଲା। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୯.୧୫ମିଟରରେ ପ୍ରବାହିତ ହେଉଛି। ସତର୍କ ସଙ୍କେତ ତଳେ ଦୁଇ ନଦୀର ଜଳସ୍ତର ପ୍ରବାହିତ ହେଉଥିଲେ ହେଁ ବନ୍ୟା ଯୋଗୁ ୪ ବ୍ଲକର ପ୍ରଭାବିତ ଗାଁରେ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍‌ଆର୍‌ସି ଡିକେ ସିଂ ନିୟମିତ ବନ୍ୟା ସ୍ଥିତିର ସମୀକ୍ଷା ସହ ବାଲେଶ୍ୱର ଜିଲାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଇଛନ୍ତି। ଅତିରିକ୍ତ ଏସ୍‌ଆର୍‌ସି ମନୀଷ ଅଗ୍ରୱାଲ (ଆଇଏଏସ୍), ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ ୪ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସବୁ ପ୍ରକାର ପ୍ରସ୍ତୁତି କରାଯାଇଛି। ପ୍ରଭାବିତ ବ୍ଲକଗୁଡ଼ିକରେ ୪ଜଣ ବରିଷ୍ଠ ଅଧିକାରୀଙ୍କୁ ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ନିୟୋଜିତ କରାଯାଇଛି। ୪ ବ୍ଲକରେ ୫,୧୯୨ ଜଣଙ୍କୁ ଉଦ୍ଧାର କରାଯାଇ ୧୬ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି। ସମସ୍ତଙ୍କୁ ମାଗଣା ରନ୍ଧା ଖାଦ୍ୟ ସହ ୨୫୦ କୁଇଣ୍ଟାଲ ଚୁଡ଼ା, ୨୫ କୁଇଣ୍ଟାଲ ଗୁଡ଼ ଦିଆଯାଇଛି। ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଦ୍ୱାରା ୧ଲକ୍ଷ ୩୯ହଜାର ପାଣି ବୋତଲ ପ୍ରଦାନ କରାଯାଇଛି। ଏଥିସହ ୧୨ଟି ପାଣି ଟ୍ୟାଙ୍କର ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି। ୫୧ଟି ଜଳ ଉତ୍ସକୁ ବିଶୁଦ୍ଧ କରାଯାଇଛି। ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ଘରେ ଘରେ ଔଷଧ, ଓଆର୍‌ଏସ୍ ବଣ୍ଟନ କରାଯାଇଛି। ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଶତାଧିକ ଗୃହପାଳିତ ପ୍ରାଣୀଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ସେବା ଓ ଟୀକାକରଣ ହୋଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୨୦ତମ ଗୁରୁ ଦକ୍ଷିଣା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ: ୪ଟା।

## ବାଲେଶ୍ୱର
- ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଜିଲା ରାଜସ୍ୱ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଏଲକଣା, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଅମର୍ଦା ଏୟାରଷ୍ଟ୍ରିପ୍ ପୁନରୁଦ୍ଧାର ନିମନ୍ତେ ସ୍ୱତନ୍ତ୍ର ବୈଠକ,ସ୍ଥାନ:ହରେକୃଷ୍ଣପୁର, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିରୋଧ କର୍ମଶାଳା,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ସିଭିଲ ଜଜ୍(ସିନିୟର ଡିଭିଜନ)କୋର୍ଟ ଉଦଘାଟନ, ସ୍ଥାନ: ପୋଡ଼ାମାରି ରୋଡ଼,ଦିଗପହଣ୍ଡି, ସିଭିଲ କୋର୍ଟ କମ୍ପ୍ଲେକ୍ସ, ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ: ରଣପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ଼ ମେଡିକାଲ କଲେଜ ସମ୍ପର୍କରେ ଆଲୋଚନା ଚକ୍ର ସ୍ଥାନ: ନୟାଗଡ଼ ପୂର୍ତ୍ତ ବିଭାଗ ବଙ୍ଗଳା, ସମୟ: ଅପରାହ୍ନ ୩ଟା।
- ପଞ୍ଚାୟତର ମାସିକ ବୈଠକ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧।

## ରାୟଗଡ଼ା
- ହଷ୍ଟେଲ ହିସାବ ରକ୍ଷକ ଏବଂ ୱାର୍ଡେନଙ୍କ ମୌଖିକ ପରୀକ୍ଷା, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଆକାଂକ୍ଷା ଜିଲା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜିଲା ପରିଷଦର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୬ଟା।

## ମାଲକାନଗିରି
- ହକି ଖେଳାଳିଙ୍କ ଚୟନ ଶିବିର, ସ୍ଥାନ: ମାଲକାନଗିରି ଜିଲା କ୍ରୀଡ଼ା କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୯ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ବୃତାନ୍ତ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ଆଦର୍ଶ ପାଠାଗାରରେ ସଦସ୍ୟ ନିର୍ବାଚନ, ସ୍ଥାନ: ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା।
- ଆରାଧ ପକ୍ଷରୁ ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ରକ୍ଷାବନ୍ଧନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୪୦।

# ବିଚ୍ଛିନ୍ନାଞ୍ଚଳ ପିଲାଙ୍କୁ ମିଳୁନି ଓଡ଼ିଆ ବହି

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

ଓଡିଶାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଉନାହିଁ। ସେଠାରେ ରହୁଥିବା ପିଲାମାନେ ବର୍ଷ ବର୍ଷ ଧରି ଓଡିଆ ପାଠପଢ଼ାରୁ ବଞ୍ଚିତ ହେବା ସହ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସବୁବେଳେ ଓଡିଆ ଅସ୍ମିତାର କଥା କହୁଛନ୍ତି। ଓଡ଼ିଆ ଭାଷା ଓ କଳାସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡିଛନ୍ତି। ଏପରିକି ସମସ୍ତ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଝାଡ଼ଖଣ୍ଡ ଅଧୀନରେ ଥିବା ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ପରିବାର ଓ ସେମାନଙ୍କ ପିଲାମାନେ ଓଡିଆ ଅସ୍ମିତାକୁ ନେଇ ଗର୍ବ କରିବାକୁ ସୁଯୋଗ ନାହିଁ। ଓଡ଼ିଶା ସରକାର ତଥା ପ୍ରଶାସନିକ ସ୍ତରରେ ସେମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ବିଶେଷକରି ଓଡ଼ିଆ ପିଲା ମାତୃଭାଷାରେ ପାଠପଢ଼ିବାକୁ ବହି ପାଉନାହାନ୍ତି।

**ପଢୁଛନ୍ତି ପୁରୁଣା ପାଠ୍ୟକ୍ରମ**

ସେମାନେ ପୁରୁଣା ପାଠ୍ୟକ୍ରମ ପଢୁଥିବାବେଳେ ୯ମ ଶ୍ରେଣୀରୁ ସ୍ନାତକ ଡିଗ୍ରୀ ପର୍ଯ୍ୟନ୍ତ ପିଲାମାନେ ବିନା ବହିରେ ଓଡ଼ିଆ ଭାଷା ପରୀକ୍ଷା ଦେଉଛନ୍ତି। ଏନେଇ ଝାଡ଼ଖଣ୍ଡର ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଅଧିବାସୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବା ସହ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ସେମାନେ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଚ୍ଛିନ୍ନାଞ୍ଚଳର ପିଲାଙ୍କ ପାଖରେ ନୂଆ ଓଡ଼ିଆ ସାହିତ୍ୟ ବହି ଉପଲବ୍ଧ ହେଉ ନାହିଁ। ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ପାଠ୍ୟକ୍ରମର ଓଡ଼ିଆ ସାହିତ୍ୟ ବହି ଯଦି ଝାଡ଼ଖଣ୍ଡ ସରକାର ଗ୍ରହଣ କରନ୍ତେ, ତେବେ ଛାତ୍ରୀଛାତ୍ର ଓଡ଼ିଆ ମାତୃଭାଷା ରଖି ପଢି ପାରନ୍ତେ। ତେଣୁ ଅନୁଗ୍ରହ କରି ଓଡ଼ିଶା ସରକାର ଝାଡ଼ଖଣ୍ଡ ସରକାରଙ୍କ ସହ ବୁଝାମଣା କରି ଓଡ଼ିଶାରେ ପ୍ରଚଳିତ ନୂତନ ପାଠ୍ୟକ୍ରମର ଓଡ଼ିଆ ସାହିତ୍ୟ ବହି ଝାଡଖଣ୍ଡରେ ପ୍ରଚଳନ କରାଯାଉ। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ମାତୃଭାଷା ରଖି ପଢୁଥିବା ଛାତ୍ରୀଛାତ୍ର ନବମ ଶ୍ରେଣୀରୁ ସ୍ନାତକ ଡିଗ୍ରୀ ପର୍ଯ୍ୟନ୍ତ ଓଡ଼ିଆ ପୁସ୍ତକ ପାଇପାରୁ ନାହାନ୍ତି। ସେମାନେ ବିନା ଓଡ଼ିଆ ପୁସ୍ତକରେ ପରୀକ୍ଷା ଦେଉଛନ୍ତି। ଏହାଦ୍ୱାରା ଓଡ଼ିଆ ମାତୃଭାଷାଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ଓଡ଼ିଶା ସରକାର ଯେପରି ଆନ୍ଧ୍ରପ୍ରଦେଶରେ ସମ୍ପୂର୍ଣ୍ଣ ଓଡ଼ିଆ ବହି ଯୋଗାଇ ଦେଉଛନ୍ତି, ସେହିପରି ଝାଡ଼ଖଣ୍ଡରେ ମଧ୍ୟ ସମସ୍ତ ଓଡିଆ ବହି ଯୋଗାଇ ଦେଲେ ଏ ଅଞ୍ଚଳର ପିଲାମାନେ ଓଡ଼ିଆ ମାତୃଭାଷାରେ ପଢିବାରୁ ବଞ୍ଚିତ ହେବେ ନାହିଁ। ସେହିପରି ଉଚ୍ଚ ଶିକ୍ଷା ପାଇଁ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ପିଲାଙ୍କୁ ପୂର୍ବପରି ଓଏଲଓ କୋଟାରେ ପଢ଼ିବା ପାଇଁ ଓଡ଼ିଶାରେ ସୁଯୋଗ ଦେଲେ, ସେଠାକାର ପିଲାମାନେ ଉଚ୍ଚଶିକ୍ଷା ଗ୍ରହଣ କରି ପାରିବେ। ଝାଡ଼ଖଣ୍ଡରେ ଓଡ଼ିଆ ପଢିଥିବା ପିଲାଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତିରେ ପୂର୍ବରୁ ଯେପରି କୋଟା ବା ସଂରକ୍ଷଣ ବ୍ୟବସ୍ଥା ରଖାଯାଇଥିଲା, ପୁଣି ସେହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉ। ସେହିପରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ କଳାର ବିକାଶ ନିମନ୍ତେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ସହଯୋଗ କରନ୍ତୁ ବୋଲି ସେମାନେ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହରିଡ଼ା ବାହାଡ଼ା ଅଁଳା କଷି**
**ତାକୁ ଖାଉଥାନ୍ତି ଋଷିଏ ବସି ।**

ହରିଡ଼ା, ବାହାଡ଼ା ଓ ଅଁଳାକୁ ସାଧାରଣତଃ ତ୍ରିଫଳା କୁହାଯାଇଥାଏ । ପ୍ରାଚୀନ କାଳରୁ ଏହା ମହୌଷଧି ଭାବେ ପରିଗଣିତ ହୋଇ ଆସୁଥିବାବେଳେ ଏହି ଖାଦ୍ୟ ହିଁ ଦେହକୁ ନୀରୋଗ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ହସି ହସି କରି ଖାଇବ ନାହିଁ**
**ଚାଲି ଚାଲି କରି ଖାଇବ ନାହିଁ**
**କଥା କହି କହି ଖାଇବ ନାହିଁ ।**

ହସି ହସି ଖାଦ୍ୟ ଗ୍ରହଣ କଲେ ଖାଦ୍ୟ ତଣ୍ଟିକୁ ଉଠିଯିବାର ଆଶଙ୍କା ରହିଥାଏ । ଚାଲୁଥିବା ଅବସ୍ଥାରେ ଖାଦ୍ୟ ଗ୍ରହଣ କଲେ ତାହା ହଜମ ହୁଏନି । ସେହିପରି ଖାଇବା ସମୟରେ କଥା କହିବା ଅନୁଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଓଡ଼ିଶାରେ ଆରମ୍ଭ ହେବ 'ପଞ୍ଚାୟତ ପୁରସ୍କାର'

**ସରକାର ଖର୍ଚ୍ଚ କରିବେ ୪ କୋଟି ଟଙ୍କା: ମନ୍ତ୍ରୀ ରବି ନାଏକ**

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ତଥା ତୃଣମୂଳସ୍ତରରେ ଭିତ୍ତିଭୂମି ସୁଦୃଢ଼ ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁରସ୍କାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ସହ ଆହୁରି ସୁଯୋଗ ସୃଷ୍ଟି କରିବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି। ସୋମବାର ମନ୍ତ୍ରୀ ରବିନାରାୟଣ ଗଣମାଧ୍ୟମକୁ କହିଛନ୍ତି ଯେ, ୯ଟି ଥିମ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ ଗୋଟି ପୁରସ୍କାର ଦିଆଯିବ। ଏଥିପାଇଁ ସରକାରଙ୍କ ତରଫରୁ ୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏ, ସ୍ୱଚ୍ଛତା- ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ସ୍ରୋତ ବୃଦ୍ଧି, ଅନ୍‌ଲାଇନ ଅଡିଟ୍, ଉନ୍ନତ ଜିପିଡିପି, ଇଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନକୁ ବିଚାରକୁ ନିଆଯିବ। ଚାରିଟି ବର୍ଗରେ ପୁରସ୍କାରଗୁଡ଼ିକ ରାଜ୍ୟସ୍ତର, ଜିଲାସ୍ତର, ବ୍ଲକସ୍ତର ଓ ସଂସ୍ଥାଗତ ସ୍ତରରେ ପ୍ରଦାନ କରାଯିବ।

ରାଜ୍ୟସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମପଞ୍ଚାୟତଗୁଡ଼ିକୁ ପ୍ରଥମ ସ୍ଥାନ ପୁରସ୍କାର ଲାଗି ୧୫ ଲକ୍ଷ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୫ ଲକ୍ଷର ଅର୍ଥରାଶି ପ୍ରଦାନ କରାଯିବ। ଯୋଗ୍ୟ ବିବେଚିତ ପଞ୍ଚାୟତ ସମିତିଗୁଡ଼ିକୁ ଅନୁରୂପ ଭାବେ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ୧୦ ଲକ୍ଷ, ତୃତୀୟ ସ୍ଥାନ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ଯୋଗ୍ୟ ଜିଲା ପରିଷଦଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ୯ଟି ଥିମ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥା କ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ, ସର୍ବମୋଟ ୨୭ ଗୋଟି ପୁରସ୍କାର ପ୍ରଦାନ କରାଯିବ। ଜିଲାସ୍ତରରେ ପ୍ରଥମ ସ୍ଥାନ ପାଇଁ ୩ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ସର୍ବମୋଟ ୯୦ ଗୋଟି ପୁରସ୍କାର ପ୍ରଦାନ କରାଯିବ। ବ୍ଲକସ୍ତରୀୟ ପୁରସ୍କାରରେ ପ୍ରଶଂସାପତ୍ର ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନୱାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା -ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଉଚ୍ଚଶିକ୍ଷା ବିଭାଗ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗକୁ ଟାର୍ଗେଟ କରିଛନ୍ତି ହ୍ୟାକର। ରବିବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି। ହ୍ୟାକରମାନେ ଉକ୍ତ ଆକାଉଣ୍ଟରେ ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିଛନ୍ତି। ତେବେ ଏନେଇ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି। ବିଭିନ୍ନ ସମୟରେ ଶିକ୍ଷା ବିଭାଗ ଓ ଶିକ୍ଷାନୁଷ୍ଠାନଗୁଡିକର ୱେବ୍‌ସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ସକାଳ ପ୍ରାୟ ୬ଟା ୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡ଼ିଓ ପୋଷ୍ଟ ହୋଇଥିଲା। ଏହାର ୫ରୁ ୧୦ ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋଶନ୍ ଭିଡ଼ିଓ ଅପଲୋଡ୍ ହେଲା। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ଅଣାଯାଇଥିଲା। ସମସ୍ତ ଭିଡିଓକୁ ଡିଲିଟ୍ କରିବା ସହ ଶହୀଦନଗରସ୍ଥିତ ସାଇବର ସିକ୍ୟୁରିଟି ସେଲ୍‌ରେ ଅଭିଯୋଗ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ପାର୍ଲାମେଣ୍ଟରେ ଅପରେଶନ...

ଜେଟ୍ ଦାମ୍ ବହୁ କୋଟି ଟଙ୍କା ହୋଇଥିବାବେଳେ ଭାରତର ୫ରୁ ୬ଟି ଜେଟ୍ ଖସିଥିଲା। ସତ ଶୁଣିବା ପାଇଁ ଦେଶ ପାଖରେ ସାହସ ଅଛି ଏବଂ କେତେ ସଂଖ୍ୟାରେ ଲଢୁଆ ବିମାନ ଖସିଛି ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ଆମେ ଜାଣିବାକୁ ଚାହୁଁ ବୋଲି କଂଗ୍ରେସ ନେତା କହିଛନ୍ତି। ସେ ଆହୁରି କହିଛନ୍ତି, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଏକ ସାକ୍ଷାତ୍କାରରେ କହିଥିଲେ ଆମେ କ୍ଷତି ସହିବା ପରେ କୌଶଳରେ ପରିବର୍ତ୍ତନ କରି ପାକିସ୍ତାନର ଆଭ୍ୟନ୍ତରୀଣ ଅଞ୍ଚଳରେ ଆକ୍ରମଣ କରିଥିଲୁ। ଇଣ୍ଡୋନେସିଆରେ ଭାରତର ପ୍ରତିରକ୍ଷା ଅଧିକାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶିବକୁମାର ଏବଂ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲୁଫ୍‌ଟନାଣ୍ଟ ଜେନେରାଲ ରାହୁଲ ଆର୍. ସିଂ ମଧ୍ୟ ସରକାରଙ୍କୁ ପଦାରେ ପକାଇଥିଲେ। କେତେକ ପ୍ରତିବନ୍ଧକ ଯୋଗୁ ସାମରିକ କାର୍ଯ୍ୟାନୁଷ୍ଠାନ ବାଧାପ୍ରାପ୍ତ ହୋଇଥିବା ଶିବକୁମାର କହିଥିବାବେଳେ ଅପରେଶନ ସିନ୍ଦୂର ବେଳେ ଭାରତକୁ ଚାଇନା ସହ ଲଢ଼ିବାକୁ ପଡୁଥିଲା ବୋଲି ରାହୁଲ ସିଂ କହିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନାରେ ଚାଇନା ନାଁ ନେଉନାହାନ୍ତି କାହିଁକି ଏବଂ ଏହି ଦେଶ ପାକିସ୍ତାନକୁ କେତେ ସହାୟତା ଦେଇଥିଲା ଜଣାଉନାହାନ୍ତି କାହିଁକି ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ଏବଂ ସମାଜବାଦୀ ପାର୍ଟିର ରାମଶଙ୍କର ରାଜଭର ପ୍ରମୁଖ ଅପରେଶନ ସିନ୍ଦୂର ଆଲୋଚନାରେ ଭାଗନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ତଥ୍ୟପ୍ରମାଣ ଦସ୍ତାବିଜ୍ ବଦଳରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆତଙ୍କବାଦୀଙ୍କ ମୂଳୋତ୍ପାଟନ ପାଇଁ ନୂଆ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇପାରେ। ଅପରେଶନ ସିନ୍ଦୂରରେ ସଶସ୍ତ୍ର ବଳ ଚାହୁଁଥିବା ଲକ୍ଷ୍ୟ ହାସଲ କରିଥିବା ରାଜନାଥ କହିଛନ୍ତି। ଅସ୍ତ୍ରବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରି ରାଜନାଥ କହିଛନ୍ତି, ସଶସ୍ତ୍ର ବଳ ବାଞ୍ଛିତ ରାଜନୈତିକ-ସାମରିକ ଲକ୍ଷ୍ୟ ହାସଲ କରିବା ପରେ ଅପରେଶନ ସିନ୍ଦୂର ବନ୍ଦ କରାଯାଇଥିଲା। ପାକିସ୍ତାନ ସହ ସଂଘର୍ଷ ବନ୍ଦ କରିବା ପାଇଁ କୌଣସି ଚାପ ପଡ଼ି ନ ଥିଲା। ପାକିସ୍ତାନ ଯଦି ପୁନର୍ବାର ଦୁଃସାହସ କରେ ତେବେ ପୁଣି ଅପରେଶନ ସିନ୍ଦୂର ଆରମ୍ଭ ହେବ ବୋଲି ସେ କହିଛନ୍ତି।

ଭାରତ-ପାକିସ୍ତାନ ସଂଘର୍ଷ ରୋକିବାରେ ୱାଶିଂଟନ୍‌ର କୌଣସି ଭୂମିକା ନ ଥିଲା ଏବଂ ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଫୋନ୍ କଲ୍ ହୋଇ ନ ଥିଲା ବୋଲି ଆଲୋଚନାରେ ଭାଗନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସେ କହିଛନ୍ତି, ସୀମାପାର ଆତଙ୍କବାଦ ବିରୋଧରେ ଭାରତ ୫ ସୂତ୍ରୀ ଦୃଷ୍ଟିକୋଣ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅନ୍ୟପକ୍ଷରେ ଜୟଶଙ୍କର ୨୬/୧୧ ମୁମ୍ବାଇ ଆକ୍ରମଣ ଏବଂ ଚାଇନା ଓ ପାକିସ୍ତାନ ନୀତିକୁ ନେଇ ପୂର୍ବର କଂଗ୍ରେସ ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

# 'ମୋ ସ୍ୱାମୀଙ୍କ ଆତ୍ମାକୁ ଶାନ୍ତି ମିଳିବ'

ବାଲେଶ୍ୱର,୨୮।୭(ବାଞ୍ଛାନିଧି ଦେ)

ଅପରେଶନ୍ 'ସିନ୍ଦୂର' ମୁଁ ଏବଂ ମୋ ଭଳି ସିନ୍ଦୂର ହରାଇଥିବା ସମସ୍ତ ମହିଳାଙ୍କ ପାଇଁ ଥିଲା ଏକପ୍ରକାର ନ୍ୟାୟ। ଅପରେଶନ୍ 'ସିନ୍ଦୂର' ପରେ ଭାବିଥିଲି ଆଉ କେହି ଆତଙ୍କବାଦୀ ଧରାପଡ଼ିବେନି। କିନ୍ତୁ ସରକାର ଓ ଭାରତୀୟ ସେନା ଭିତରେ ଭିତରେ ଯେଉଁ ଅପରେଶନ୍ ଚଳାଇଥିଲେ ତାହା ସଫଳ ହୋଇଛି। ଘଟଣାର ୩ମାସ ପରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ହାସିମ ମୁସା ଓ ଅନ୍ୟ ୨ ଆତଙ୍କୀ ନିପାତ ହେବା ଘଟଣାରେ ମୁଁ ଖୁସି। ଶ୍ରାବଣ ମାସ ସୋମବାରରେ ଅପରେଶନ୍ 'ମହାଦେବ' ତାଣ୍ଡବଲୀଳା ଦେଖାଇଛନ୍ତି। ୩ ଆତଙ୍କବାଦୀ ନିପାତ ହୋଇଛନ୍ତି। ସରକାର ଓ ଭାରତୀୟ ସେନାଙ୍କୁ କୃତଜ୍ଞତା ଜଣାଉଛି। ମୋ ସ୍ୱାମୀଙ୍କ ଆତ୍ମାକୁ ଆଜି ନିଶ୍ଚୟ ଶାନ୍ତି ମିଳିବ ବୋଲି ଆତଙ୍କୀ ହମ୍‌ଲାରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ସୋମବାର କୋହଭରା କଣ୍ଠରେ 'ଧରିତ୍ରୀ'କୁ ପ୍ରତିକ୍ରିୟା ଦେଇଛନ୍ତି।



ପ୍ରିୟଦର୍ଶିନୀ ଶତପଥୀ

ପ୍ରକାଶ ଯେ, ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ (୪୧) ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗତ ଏପ୍ରିଲ ୧୯ରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜକୁ ନେଇ ଜମ୍ମୁକଶ୍ମୀର ବୁଲିବାକୁ ଯାଇଥିଲେ। ୨୨ ତାରିଖରେ ପହଲଗାମ୍‌ର ବୈସରନରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳିମାଡ଼ କରିଥିଲେ।

## ପହଲଗାମ୍ ଆତଙ୍କବାଦୀଙ୍କୁ...

ହୋଇଛି। ଅନ୍ୟ ୨ ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ରକାରୀ ସୁଲେଇମାନ୍ ବୋଲି ବିଶ୍ୱାସ କରାଯାଉଛି। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏମ୍୪ କାର୍ବାଇନ୍ ରାଇଫଲ, ୨ଟି ଏକେ ରାଇଫଲ୍ ଓ ଅନ୍ୟାନ୍ୟ ଅସ୍ତ୍ର ଜବତ ହୋଇଛି। ୨୪ ରାଷ୍ଟ୍ରୀୟ ରାଇଫଲ ଏବଂ ୪ ପାରା ୟୁନିଟ୍‌ର ଯବାନମାନେ ୩ ଜଣିଆ ଆତଙ୍କବାଦୀ ଗୁପ୍‌କୁ ଠାବ କରିବା ପରେ ଗୁଳି ଚଳାଇଥିଲେ। ଅପରେଶନ ଜାରି ରହିଥିବା କଶ୍ମୀର ଜୋନ୍ ପୋଲିସ ଆଇଜି ଭି. ବିର୍ଡି କହିଛନ୍ତି।

ଅନ୍ୟ ଏକ ଘଟଣାରେ ସୁରକ୍ଷା ବଳ କୁପୱାଡ଼ା ଜିଲାରୁ ଆତଙ୍କବାଦୀଙ୍କ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ବହୁ ପରିମାଣର ଅସ୍ତ୍ର ଓ ଗୁଳିଗୋଳା ଜବତ ହୋଇଥିବା ପୋଲିସ କହିଛି। ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ କ୍ରାଲପୋରାର ଚୋକିବାଲ ଅଞ୍ଚଳ ଅନ୍ତର୍ଗତ ମର୍ସାରି ଗ୍ରାମରେ ତଲାସି ଅଭିଯାନ ଚଳାଇଥିବାବେଳେ ୱାଲି ମହମ୍ମଦ ମୀର୍‌ଙ୍କୁ ଗିରଫ କରାଯାଇଛି। ସେ ନିର୍ଦ୍ଦିଷ୍ଟ ଆତଙ୍କବାଦୀ ସଂଗଠନର ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ଆତଙ୍କବାଦୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପହଞ୍ଚାଇବାରେ ସମ୍ପୃକ୍ତ ଥିଲେ।

## ଦିବ୍ୟା ଚେସ୍...

ମଧ୍ୟରେ ଖେଳାଯାଇଥିବା ଦୁଇଟି କ୍ଲାସିକାଲ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିଲା। ଟାଇବ୍ରେକର୍ସର ପ୍ରଥମ ସେଟ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପ୍ରଥମ ୧୫ ମିନିଟ୍ ବିଶିଷ୍ଟ ଟାଇବ୍ରେକରରେ ଦିବ୍ୟା ପ୍ରତିପକ୍ଷ ହମ୍ପିଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ। ହେଲେ ହମ୍ପି ଜବରଦସ୍ତ ଡିଫେନ୍ସ କରି ମ୍ୟାଚ୍‌କୁ ସହଜରେ ଡ୍ର' କରିଥିଲେ। ରିଟର୍ନ ଗେମ୍‌ରେ ହମ୍ପି କାଟଲାନ ଓପନିଂ ବ୍ୟବହାର କରିଥିଲେ। କିନ୍ତୁ ଦିବ୍ୟା ଏଥିଲାଗି ପ୍ରସ୍ତୁତ ଥିଲେ। କ୍ୱିନ ଓ ରୁକ ମାଧ୍ୟମରେ ହମ୍ପି ମୁକାବିଲାକୁ ଡ୍ର' କରିବା ଉଦ୍ଦେଶ୍ୟରେ ଥିଲେ। ୪୦ତମ ମୁଭ୍‌ରେ ହମ୍ପି ଧୈର୍ଯ୍ୟ ହରାଇଥିଲେ। ପନ୍‌କୁ ସାକ୍ରିଫାଇଜ୍ କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏହା ଦେଶମୁଖଙ୍କ ଦିନ ଥିଲା। ସେ ହମ୍ପିଙ୍କ ସମସ୍ତ ଚାଲ୍‌ର ସଫଳ ମୁକାବିଲା କରି ବିଜୟ ମୁକୁଟ ପିନ୍ଧିଥିଲେ। ପୂର୍ବରୁ ଗୋଟିଏ ହେଲେ ନର୍ମ ହାସଲ କରି ନ ଥିଲେ ମଧ୍ୟ ସେ ହାସଲ କରିଥିଲେ ସମ୍ମାନଜନକ ଗ୍ରାଣ୍ଡମାଷ୍ଟର ଟାଇଟଲ। ମ୍ୟାଚ୍ ଜିତିବା ପରେ ଦିବ୍ୟା ଭେନ୍ୟୁରେ ଉପସ୍ଥିତ ଥିବା ତାଙ୍କ ମା'ଙ୍କୁ ଧରି କାନ୍ଦି ପକାଇଥିଲେ। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ସମେତ ଦେଶର ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି।

## 'ଶୋଲେ' ଫିଲ୍ମର...

ସମ୍ଭାଳି ରଖିଛନ୍ତି। ପ୍ରକାଶ ଯେ, ୧୯୭୫ରେ ରିଲିଜ୍ ହୋଇଥିବା 'ଶୋଲେ' ଫିଲ୍ମ ସୁପରହିଟ ସାବ୍ୟସ୍ତ ହୋଇଥିଲା। ଫିଲ୍ମରେ ଅମିତାଭଙ୍କ ସହ ଅଭିନେତା ଧର୍ମେନ୍ଦ୍ର ଏବଂ ଅଭିନେତ୍ରୀ ହେମାମାଳିନୀ ମୁଖ୍ୟ ଭୂମିକାରେ ରହିଥିଲେ। ରମେଶ ସିପ୍ପୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ। ଆସନ୍ତା ଅଗଷ୍ଟ ୧୫ରେ ଏହି ଫିଲ୍ମ ନିଜର ୫୦ ବର୍ଷ ପୂରଣ କରିବ। ଫିଲ୍ମରେ ଅମିତାଭ ଜୟ ଏବଂ ଧର୍ମେନ୍ଦ୍ର ବୀରୁ ଭୂମିକାରେ ଅଭିନୟ କରିଥିଲେ। ଉଭୟଙ୍କର 'ଜୟ ଏବଂ ବୀରୁ' ଯୋଡ଼ି ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ହୋଇରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟିହେବ। ଚନ୍ଦ୍ରମଙ୍ଗଳ ଯୋଗରୁ ପାରିବାରିକ କ୍ଷେତ୍ରରେ ମତାନ୍ତର ଓ ବିତର୍କର ବିଳୟ ଘଟିପାରେ। ଆର୍ଥିକ ସ୍ଥିତି, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା ଏବଂ ଆନୁଷ୍ଠାନିକ କାମ ପାଇଁ ବିଶେଷ ଅସୁବିଧା ହେବନାହିଁ। କୃତି ଓ କୃତିତ୍ୱ ହେତୁ ସାମାଜିକ ସ୍ତରରେ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** — ସୁଖଭାବରେ ଗୁରୁଶୁକ୍ର ଆପଣଙ୍କୁ ବାଗ୍ମୀ ଭାବରେ ପ୍ରଶଂସିତ କରାଇପାରନ୍ତି। ବୈଷୟିକ ଅଭିବୃଦ୍ଧିଜନିତ ସୁଖସମୃଦ୍ଧିରେ ହର୍ଷୋତ୍‌ଫୁଲ୍ଲ ରହିବେ। ପ୍ରକାଶନ, ପ୍ରଶାସନ, ଆଇନ, କ୍ରୀଡ଼ା ଓ ସାହିତ୍ୟ କ୍ଷେତ୍ର ମଧ୍ୟ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ ,ସେମାନେ କହିବେ ବହୁତ କିନ୍ତୁ କାମ କଲା ବେଳକୁ କିଏ ପାଖ ମାଡ଼ିବେ ନାହିଁ।

**ମିଥୁନ** — ବୁଧାଦିତ୍ୟ ଯୋଗ ଆପଣଙ୍କୁ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଭାବରେ ଆଦରଣୀୟ କରାଇବ। ଆର୍ଥିକ ଉନ୍ନତି ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ସମ୍ମାନରେ ନିଜକୁ ଭାଗ୍ୟବାନ୍ ମନେକରିବେ। ଅପ୍ରିୟସତ୍ୟ କହି କଳହକୁ ନିମନ୍ତ୍ରଣ କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା, ସନ୍ତାନହେତୁକ ମାନସିକ ଦ୍ୱନ୍ଦ୍ୱ ଦୁଶ୍ଚିନ୍ତାର କାରଣ ନ ହୋଇପାରେ।

**କର୍କଟ** — ଆଜି ସପ୍ତମ ଭାବାଧିପତି ଭାଗ୍ୟସ୍ଥାନରେ ରହି ପ୍ରତିଦ୍ୱନ୍ଦ୍ୱିତାରେ କଡ଼ା ଟକ୍କର ସୃଷ୍ଟିକରିବେ। ରବି ଓ ବୁଧ ସଂଯୋଗ ହେତୁ ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବେ ସତ , କିନ୍ତୁ ମାନସିକ ଶାନ୍ତି ହରାଇବେ। କେତୁଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ଠିକ୍ ସିଦ୍ଧାନ୍ତ ନେଇ ପାରିବେନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** — କେତୁଙ୍କ ପ୍ରଭାବରୁ ଦିନଟି ସଂଘର୍ଷ ଓ ବ୍ୟୟାଧିକ୍ୟଜନିତ କାରଣରୁ ମନ ଭଲ ରହି ନ ପାରେ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ଦୂରଯାତ୍ରା କରିବାକୁ ବାଧ ହେବେ। ରହୁଥିବା ପରିବେଶରେ କୌଣସି ବ୍ୟତିକ୍ରମରୁ ଆପଣଙ୍କ କାମ ଅଟକି ରହିଯାଇପାରେ। ଉପସ୍ଥିତି ବୁଦ୍ଧି ଖଟାଇ କାର୍ଯ୍ୟସାଧନ କରିପାରିବେ।

**କନ୍ୟା** — ଆଜିର ଗ୍ରହ ସ୍ଥିତି ଆପଣଙ୍କ ସକାଶେ ଅନୁକୂଳ ରହିବ। ଦୀର୍ଘଦିନର ପ୍ରଚେଷ୍ଟାର ପରିଣାମ ସ୍ୱରୂପ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିପାରନ୍ତି। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରା ଜନିତ ଦୁଶ୍ଚିନ୍ତା ବଢ଼ିପାରେ। କଠିନ ଶ୍ରମ ଓ ବିଶେଷ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** — ଭାଗ୍ୟ ସ୍ଥାନରେ ଗୁରୁଶୁକ୍ର ଥିବାରୁ ନୂଆ ନୂଆ କାମ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବା ସକାଶେ ବେଶି କଷ୍ଟ କରିବାକୁ ପଡ଼ିବନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** — ଶନିଙ୍କ ଯୋଗୁ ପରିସ୍ଥିତିକୁ ଅନୁଧ୍ୟାନକରି ପୂର୍ବ ସ୍ଥିରୀକୃତ ନିଜର ମତ ଓ କାମକୁ ବଦଳାଇପାରନ୍ତି। ନବମଭାବରେ ଶୁକ୍ର ଓ ବୃହସ୍ପତି କର୍ମକ୍ଷେତ୍ରରେ ଆଶା ପୂରଣରେ ସାହାଯ୍ୟ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା ଓ ବନ୍ଧୁସମ୍ପର୍କ ମନ୍ଦ ହେବନାହିଁ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହେବ।

**ଧନୁ** — କେନ୍ଦ୍ରସ୍ଥ ଶୁଭଗ୍ରହଜନିତ ଅର୍ଥନୈତିକ ସ୍ଥିତି, ବନ୍ଧୁ ସମ୍ପର୍କ, ଚେଷ୍ଟା କରୁଥିବା କାମ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ କ୍ଷେତ୍ରରେ ଅନ୍ୟମାନଙ୍କର ସମର୍ଥନ ହାସଲରେ ଅସୁବିଧା ହେବନାହିଁ। ସୁସ୍ଥତା ଫେରିପାଇବା ସାଙ୍ଗକୁ ଶିକ୍ଷା କ୍ଷେତ୍ରରେ ଶୁଭଫଳ ମିଳିବ। ଶନିଙ୍କ ପ୍ରଭାବରୁ ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ମାନସିକ ଅସ୍ଥିରତା ବୃଦ୍ଧି କରିପାରେ।

**ମକର** — ଶୁଭଗ୍ରହ ଦୃଷ୍ଟିରୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଦୂର ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରପ୍ତାନି ବାଣିଜ୍ୟ, ହୋଟେଲ, ରେସ୍ତୋରାଁ ବ୍ୟବସାୟ ଚନ୍ଦ୍ର ଓ ଶନିଙ୍କ ପ୍ରଭାବରୁ ଭଲ ରହିବ। କେତେକ ଅଟକି ରହିଥିବା କାମକୁ ଆଜି ହିଁ ପୂର୍ଣ୍ଣାଙ୍ଗ କରିବାକୁ ତତ୍ପର ହେବେ। କାର୍ଯ୍ୟଦକ୍ଷତା ଲାଗି ପଡ଼ୋଶୀ ଭୂରି ଭୂରି ପ୍ରଶଂସା କରିପାରନ୍ତି।

**କୁମ୍ଭ** — ଦ୍ୱିତୀୟସ୍ଥ ଶନିଙ୍କ ଯୋଗୁ ଆପଣଙ୍କ ସାମ୍ନାରେ କିଏ କିଛି କହିବାକୁ ସାହସ କରିପାରିବେ ନାହିଁ। ପରିସ୍ଥିତିବଶତଃ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ସକାଳ ସମୟରେ ଦୀର୍ଘଦିନରୁ ପ୍ରତୀକ୍ଷା କରିଥିବା କୌଣସି ଶୁଭ ଖବର ପାଇପାରନ୍ତି। ସଭାସମିତିରେ, ଆନୁଷ୍ଠାନିକ କ୍ଷେତ୍ର, ବନ୍ଧୁ ଗହଣରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** — ରାଶ୍ୟାଧିପଙ୍କ କୃପାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅଟକିଥିବା କାମ ଆଜି ଅପରାହ୍ନେ ସମ୍ପନ୍ନ ହେବ। ଅଯଥା ତର୍କ ଓ ବିବାଦରୁ ବନ୍ଧୁଙ୍କ ସହ ମନାନ୍ତର ସୃଷ୍ଟି ହୋଇପାରେ। ଅବଶ୍ୟ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବା ସାଙ୍ଗକୁ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ଶ୍ରାବଣ ଶୁକ୍ଳ ୫ମୀ ମଙ୍ଗଳବାର। ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮।୩୯ ଗତେ, ଘ.୧୦।୩୫ ମଧ୍ୟେ, ଘ.୦୧।୧୦ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୦୭ ଗତେ, ଘ.୦୪।୪୪ ମଧ୍ୟେ ରାହୁକାଳ।

# ୪୩ ଦିନରେ ୫୭୪ ପୃଷ୍ଠାର ଚାର୍ଜଶିଟ ଦାଖଲ

**ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲା**

**୧୦ ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଲା କ୍ରାଇମବ୍ରାଞ୍ଚ**

ବ୍ରହ୍ମପୁର,୨୮।୭(ସୁବାସ ଚନ୍ଦ୍ର ପାଢ଼ୀ)


ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ସୋମବାର କ୍ରାଇମବ୍ରାଞ୍ଚ ବ୍ରହ୍ମପୁରରେ ୨ଟି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଘଟଣା ଘଟିବାର ୪୩ ଦିନ ମଧ୍ୟରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କ ନାମରେ ୫୭୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫ ଅଭିଯୁକ୍ତଙ୍କ ନାମରେ ଓ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ନିକଟରେ ୪ ନାବାଳକଙ୍କ ନାମରେ ଚାର୍ଜଶିଟ୍ ଦାଖଲ ହୋଇଛି। ଜଣେ ସାବାଳକଙ୍କୁ ଚାର୍ଜଶିଟ୍‌ରୁ ବାଦ ଦିଆଯାଇଛି। ତେବେ ପୋଲିସ ତାଙ୍କୁ କେଉଁ ଆଧାରରେ ଗିରଫ କରିଥିଲା ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗଣ ବଳାତ୍କାର ମାମଲାରେ ପୋଲିସ ମୋଟ ୧୦ ଜଣଙ୍କୁ ଧରିଥିଲା। ସେଥିମଧ୍ୟରୁ ୬ ଜଣ ସାବାଳକ ରହିଥିବା ବେଳେ ୪ଜଣ ନାବାଳକ। ଏହି ସମ୍ବେଦଶୀଳ ମାମଲାରେ ପୋଲିସ ନାବାଳକଙ୍କୁ ସାବାଳକ ଭାବେ ଗ୍ରହଣ କରିବାକୁ କୋର୍ଟରେ ଆବେଦନ କରିଥିଲା। ପରବର୍ତ୍ତୀ ସମୟରେ ସରକାର ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଗତ ଜୁନ ୧୭ ତାରିଖରେ ମାମଲାର ତଦନ୍ତ କରିବା ସହିତ ସିନ୍ ରିକ୍ରିଏସନ କରି ବିଭିନ୍ନ ଦିଗରୁ ତଥ୍ୟ ପ୍ରମାଣ ସଂଗ୍ରହ କରି ୫ ଜଣ ସାବାଳକଙ୍କୁ ଅଭିଯୁକ୍ତ ଦର୍ଶାଇ ଚାର୍ଜଶିଟ ଦାଖଲ କରିଛି। ବର୍ତ୍ତମାନ ୬ ଅଭିଯୁକ୍ତ ଜେଲ୍‌ରେ ଥିବାବେଳେ ୪ ନାବାଳକ ବାଳ ସୁଧାର ଗୃହରେ ରହିଛନ୍ତି। ସୂଚନାଯୋଗ୍ୟ, ବେଳାଭୂମିରେ ଜୁନ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର ହୋଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଞ୍ଜିଳି ଥାନା ଅନ୍ତର୍ଗତ ବୁରୁପଡ଼ାର ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ, ସିକିରିର ଓମ୍ ପ୍ରଧାନ, ପାଟପୁର ଥାନା ଅନ୍ତର୍ଗତ ବେଲଗାଁର କୁନାଲ ପ୍ରଧାନଙ୍କୁ କାବୁ କରିଥିଲା। ପରବର୍ତ୍ତୀ ସମୟରେ ୪ ନାବାଳକଙ୍କୁ ମଧ୍ୟ କାବୁ କରିଥିଲା। ୧୭ ତାରିଖରେ ରାଜ୍ୟ ସରକାର ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଆଇଜି ଏସ. ସାଇନିଙ୍କ ନେତୃତ୍ୱରେ ଏକ ଟିମ୍ ଗୋପାଳପୁରରେ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ମାରାଥନ ଜେରା ସହିତ ଜେଲରେ ସେମାନଙ୍କ ଟିଆଇ ପରେଡ ମଧ୍ୟ କରାଯାଇଥିଲା। ପୀଡିତାଙ୍କ ବୟାନ, ମାମଲାର ତଦନ୍ତ ରିପୋର୍ଟ ଓ ସାଇଣ୍ଟିଫିକ ପ୍ରମାଣକୁ ଆଧାର କରି କ୍ରାଇମବ୍ରାଞ୍ଚ ୫ ଅଭିଯୁକ୍ତ ଓ ୪ ଜଣ ନାବାଳକଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛି।

# ନିର୍ଯାତନା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା

**ସୁଇସାଇଡାଲ୍ ନୋଟରେ ଏରିଆ ମ୍ୟାନେଜରଙ୍କୁ ଦାୟୀ କଲେ**

ସରି ସମସ୍ତଙ୍କୁ, ମୋର ଏମିତି କରିବାର ହିଁ ନ ଥିଲା। କିନ୍ତୁ କ'ଣ କରିବି ମୁଁ ଆଉ ସହି ପାରୁନି। ସବୁ କିଛି ହରେଇ ସାରିଛି ଆଉ କିଛି ବାକି ନାହିଁ ମୋ ପାଖରେ। ଅଫିସ୍‌ରେ ମୋତେ ବହୁତ ହାରାସ୍‌ମେଣ୍ଟ କରିଛନ୍ତି। ଏମିତିକି ମୋ ଏରିଆ ମ୍ୟାନେଜର ସ୍ମୃତି ରଞ୍ଜନ ଜେନା ବହୁତ ଟର୍ଚର(ମେଣ୍ଟାଲି ଆଉ ଫିଜିକାଲି) କରିଛି। ସରି ମୁଁ ସବୁଦିନ ପାଇଁ ଯାଉଛି। ଏମିତି ଏକ ହାତଲେଖା ଚିଠି ଲେଖି ଆତ୍ମହତ୍ୟା କରିଛନ୍ତି ଖୁସି ପାତ୍ର (୨୧)।



ଜବତ ସୁସାଇଡାଲ୍ ନୋଟ୍।

ମଙ୍ଗୁଳି-ଜଗତପୁର, ୨୮।୭ (ମାନସ ସାମଲ)



ଖୁସି ପାତ୍ର

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ୭ନଂ. ୱାର୍ଡ ମୁଣ୍ଡମାଳ ଗ୍ରାମ ମଠସାହିରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଚୌଦ୍ୱାର ପୋଲିସ ଜବତ କରିଛି। ମୃତା ହେଲେ ଖୁସି ପାତ୍ର। ସୋମବାର ସକାଳେ ଖବର ପାଇ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଥିଲା। ଫାଇନାନ୍ସ କମ୍ପାନୀ ମ୍ୟାନେଜର ମାନସିକ ଏବଂ ଶାରୀରିକ ନିର୍ଯାତନା ଦେବାରୁ ଝିଅ ସହ୍ୟ କରି ନ ପାରି ଆତ୍ମହତ୍ୟା କରିଛି ବୋଲି ମାଉସୀ ପଦ୍ମ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ବିଏନ୍ଏସ୍ ଦଫା.୧୦୮(ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା(୪୫୩/୨୦୨୫) ରୁଜୁ କରିଛି। ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡାଲ୍ ନୋଟ, ଓଢ଼ଣି ଓ ମୋବାଇଲ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

ପ୍ରାପ୍ତ ସୂଚନା ମୁତାବକ, ଖୁସିଙ୍କ ବାପା ସୁରଟରେ ଏକ କମ୍ପାନୀରେ କାମ କରୁଥିବାରୁ ସେ ପିଲାଟି ବେଳୁ ମା'ଙ୍କ ସହ ଚୌଦ୍ୱାରରେ ରହୁଥିଲେ। ପ୍ରାୟ ଏକ ବର୍ଷ ହେବ ଖୁସି ଏକ ପ୍ରାଇଭେଟ୍ ଫାଇନାନ୍ସ କମ୍ପାନୀରେ ଚାକିରି କରିବାରୁ ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଥିଲେ। ଖୁସିଙ୍କ ମା' ଚୌଦ୍ୱାରରେ ମାସେ ଦୁଇ ମାସ ଏକା ରହିବା ପରେ ଭଲ ନ ଲାଗିବାରୁ ସେ ମଧ୍ୟ ସ୍ୱାମୀଙ୍କ ପାଖକୁ ସୁରଟ ଚାଲି ଯାଇଥିଲେ। ଖୁସି ପ୍ରତି ସପ୍ତାହର ରବିବାର ଘରକୁ ଆସି ଘର ଦେଖା ଚାହାଁ କରି ପୁଣି ସୋମବାର ଭୁବନେଶ୍ୱର ଚାଲି ଯାଇଥାନ୍ତି। ସେ ରବିବାର ସନ୍ଧ୍ୟାରେ ଚୌଦ୍ୱାରସ୍ଥିତ ଘରକୁ ଆସିଥିଲେ। ରାତିରେ ପଡ଼ୋଶୀଙ୍କ ଘରେ ରାତ୍ରି ଭୋଜନ କରି ରୁମ୍‌କୁ ରାତି ଦଶଟାରେ ଚାଲି ଆସିଥିଲେ। ଖୁସିଙ୍କ ମା' ରାତି ପ୍ରାୟ ୧୧ ଟାରେ ଝିଅ ସହ ଫୋନ୍‌ରେ କଥା ହୋଇଥିଲେ। ସୋମବାର ସକାଳ ପ୍ରାୟ ୬ଟାରେ ଝିଅ ଡ୍ୟୁଟି ଗଲାକି ନାହିଁ ବୁଝିବା ପାଇଁ ମା' ପୁଣିଥରେ ଫୋନ୍ କରିଥିଲେ। କିନ୍ତୁ ଝିଅ ଫୋନ ଉଠାଇ ନ ଥିଲେ। ପଡ଼ୋଶୀଙ୍କୁ ଖବର ଦେବାରୁ ସେମାନେ ଘରକୁ ଆସି ଦେଖନ୍ତି ଦାଣ୍ଡ କବାଟ ବନ୍ଦ ରହିଛି। ପଛ ପଟ କବାଟ ଯାଇ ଖୋଲି ଦେଖିବାବେଳକୁ ଖୁସି ଫ୍ୟାନରେ ନିଜ ଓଢ଼ଣିରେ ଝୁଲିଥିବା ଦେଖିବାକୁ ପାଇଥିଲେ। ଏନେଇ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣା ପଡୁଛି। ଝିଅଟି ଏକ ସୁଇସାଇଡାଲ ନୋଟରେ ଫାଇନାନ୍ସ କମ୍ପାନୀ ମ୍ୟାନେଜର ନିର୍ଯାତନା ଦେଉଥିବା ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଆଧାର କରି ଉକ୍ତ ଯୁବକଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସ୍ୱାଇଁ କହିଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା ଘଟଣା: ଫେରାର ସ୍ୱାମୀ ଗିରଫ

ବାସୁଦେବପୁର,୨୮।୭ (କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଟଙ୍କା ପାଇଁ ଗୁରୁବାରୀ ଜେନା ନାମ୍ନୀ ମହିଳାଙ୍କୁ ହତ୍ୟା କରି ଫେରାର ଥିବା ତାଙ୍କ ସ୍ୱାମୀ ଗୋପୀନାଥ ଜେନା(୫୮)ଙ୍କୁ ସୋମବାର ପୋଲିସ ଗିରଫ କରିଛି। ପ୍ରକାଶ ଯେ, ଗୋପୀନାଥ କୌଣସି ଧାରୁଆ ଅସ୍ତ୍ରରେ ଗୁରୁବାରୀଙ୍କୁ ହାଣି ହତ୍ୟା କରି ଫେରାର ହୋଇଯାଇଥିଲେ। ରବିବାର ସକାଳେ ଘର ଭିତରୁ ଗୁରୁବାରୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ଏନେଇ ତାଙ୍କ ଝିଅ କୁନିଲତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୩/୨୫) ରୁଜୁ କରିଥିଲା। ଥାନାଧିକାରୀ ସାବିତ୍ରୀ ପଣ୍ଡା ଘଟଣାର ତଦନ୍ତ ଚଳାଇଥିଲେ। ସୋମବାର ସକାଳେ ସେ ବାସୁଦେବପୁର ବଜାରରେ ଚଢ଼ାଉ କରି ଅଭିଯୁକ୍ତ ଗୋପୀନାଥଙ୍କୁ ଧରିବା ପରେ ଥାନାକୁ ନେଇ ପଚରାଉଚରା କରାଯାଉଛି।

# ଘରେ ପଶି ସବୁଜବାହିନୀ କର୍ମଚାରୀଙ୍କୁ ଆକ୍ରମଣ

**ଜେଲ ଫେରନ୍ତା ଶିକାରୀଙ୍କ ଆତଙ୍କରାଜ**

- ପେଚକସ ମୁନରେ ଭୁସିଦେଲେ
- ନାବାଳିକାଙ୍କୁ ଦୁର୍ବ୍ୟବହାର

ଉଦଳା,୨୮।୭ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପୋଡ଼ାଡ଼ିହା ଡାହିସାହି ଗ୍ରାମରେ ଜେଲ ଫେରନ୍ତା ଶିକାରୀଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଘରେ ପଶି ଜଣେ ସବୁଜବାହିନୀ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ନାବାଳିକା ଝିଅକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଗୁରୁତର ସବୁଜବାହିନୀ କର୍ମଚାରୀ ଭରତ ଶତ୍ରୁସାଲ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ କପ୍ତିପଦା ପୋଲିସ ଏକ ମାମଲା (ନଂ.୧୭୩/୨୫)ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଭରତ ପୋଡ଼ାଡ଼ିହା ବନାଞ୍ଚଳ ଅଧୀନରେ ସବୁଜ ବାହିନୀ କର୍ମଚାରୀ ଭାବେ କାର୍ଯ୍ୟରତ। ୨୦୨୪ ଅକ୍ଟୋବରରେ ଶିମିଳିପାଳରେ ଶିକାର କରୁଥିବା ୪ରୁ ଅଧିକ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଥିଲା। ଏଥିମଧ୍ୟରେ ପୋଡ଼ାଡିହା ଅଞ୍ଚଳର ୩ ଜଣ ଶିକାରୀ ରହିଥିଲେ। ଗିରଫ ପରେ ଅଭିଯୁକ୍ତ ଶିକାରୀମାନେ କୋର୍ଟଚାଲାଣ ହୋଇଥିଲେ। ଶିକାରୀମାନଙ୍କୁ ଗିରଫ କରିଥିବା ବନ ବିଭାଗ ଟିମ୍‌ରେ ଭରତ ସାମିଲ ଥିଲେ। ମାସକ ପୂର୍ବେ ପୋଡ଼ାଡିହା ଅଞ୍ଚଳର ୩ ଶିକାରୀ ଗଣ୍ଡ ସିଂ, ଗୁଡୁ ସିଂ ଏବଂ ଲାକ ସିଂ ଜାମିନରେ ଆସିବା ପରେ ସବୁଜବାହିନୀ କର୍ମଚାରୀ ଭରତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରବିବାର ରାତି ୮ଟା ୩୦ ସମୟରେ ସେମାନେ ଭରତଙ୍କ ଘରେ ପହଞ୍ଚି ତାଙ୍କ ୧୫ ବର୍ଷର ଝିଅଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ଭରତ ବିରୋଧ କରିବାରୁ ଶିକାରୀଙ୍କ ମଧ୍ୟରୁ ଜଣେ ଏକ ପେଚକସ ତାଙ୍କ ପେଟରେ ଭୁସି ଦେଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଗୁରୁତର ଭରତଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଉଦଳା ମେଡିକାଲ ଓ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ସ୍ଥାନାନ୍ତର କରାଯାଇଛି।

# ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ଗିରଫ





ଜବତ ମୋଟରସାଇକେଲ୍, ମୋବାଇଲ୍ ଫୋନ୍, ଟଙ୍କା ଓ ଅଳଙ୍କାର।

- ୮ ସୁନା ଚେନ୍, ୧୪ ବାଇକ୍, ୨୧ ମୋବାଇଲ ଜବତ
- ପୂର୍ବରୁ ୧୫ ଜଣ କୋର୍ଟଚାଲାଣ ହୋଇଛନ୍ତି

କେନ୍ଦୁଝର,୨୮।୭ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ସୋମବାର ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲାର ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଗଞ୍ଜାମ ଜିଲାର ଏମ୍. ଆଶୁ, ଏମ୍ ଅନିଲ ଓ ସୁନୀଲ ଦାସ। ସେମାନଙ୍କ ନିକଟରୁ ଚୋରି ସୁନାଚେନ, ବାଇକ୍ ଓ ମୋବାଇଲ ଜବତ ହୋଇଛି। ଘଟଣାରେ ପୂର୍ବରୁ ୧୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ଏସ୍‌ପି ନୀତିନ କୁଶଲକର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୋମବାର ପୂର୍ବାହ୍ନରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରିଥିବା ବେଳେ ଏହା ଦେଖିବା ପାଇଁ ସହରରେ ପ୍ରବଳ ଭିଡ଼ ହୋଇଥିଲା।

ସୂଚନା ଅନୁଯାୟୀ, ଜୁଲାଇ ୧୬ ସନ୍ଧ୍ୟାରେ କେନ୍ଦୁଝର ସହରରେ ୮ ଟି ସ୍ଥାନରେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଥିଲା। ଘଟଣା ସହରରେ ଆଲୋଡନ ଓ ଭୟର ବାତାବରଣ ସୃଷ୍ଟି କରିଥିଲା। ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ବେଳେ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଘଟଣାକୁ ନେଇ ଏସ୍‌ପି ନୀତିନ କୁଶଲକର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି, ଡିଏସ୍‌ପିଙ୍କ ସହ ଟାଉନ ଥାନା, ବଡ଼ବିଲ, ଚମ୍ପୁଆ ଥାନା ଆଇଆଇସି, ଜିଲା ସାଇବର ପୋଲିସ ଓ ଯାଜପୁର ପୋଲିସର ସହାୟତା ସହ ବିଭିନ୍ନ ଥାନାର ସବଇନ୍ସପେକ୍ଟର ଓ ସହକାରୀ ସବ୍ ଇନ୍ସପେକ୍ଟର ପ୍ରଭୃତି ରହିଥିଲେ। ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗତ ୨୧ ତାରିଖରେ ଦୁଇଜଣ, ଗତ ୨୪ରେ ୧୩ ଜଣଙ୍କୁ ଗିରଫ କରିଥିଲା। ସୋମବାର ଆଉ ପାଞ୍ଚ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ଯାଜପୁରର ଦସମାନିଆ, ମୁଣ୍ଡମାଳ ଓ ପୂର୍ବାକୋଟ ଅଞ୍ଚଳର ହୋଇଥିବା ବେଳେ ଯୋଜନା ମୁତାବକ ଲୁଟ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୮ଟି ସୁନା ଚେନ୍, ୧୪ ବାଇକ୍, ୨୧ଟି ମୋବାଇଲ ଓ ନଗଦ ୧୧ ହଜାର ଟଙ୍କା ଜବତ କରାଯାଇଛି। ଗ୍ୟାଙ୍ଗ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ , ବିହାର , ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ପ୍ରାୟ ୧୦୦୦ ପାଖାପାଖି ଛିନ୍ତାଇ ଅପରାଧରେ ଲିପ୍ତ ଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଟାଉନ ଥାନାରେ ୮ ମାମଲା(ନଂ.୪୯୧/୨୫, ୪୯୨/୨୫, ୫୧୫/୨୫, ୫୧୬/୨୫, ୫୧୭/୨୫, ୫୧୮/୨୫, ୫୧୯/୨୫, ୫୨୦/୨୫) ରୁଜୁ ହୋଇଛି। ସୋମବାର ଅପରାହ୍ନରେ ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ସହରର ଡିଏନ୍ ହାଇସ୍କୁଲ ଅଞ୍ଚଳ, ମାଇନିଂ ରୋଡ୍ ଓ ସରକାରୀ ମହିଳା ହାଇସ୍କୁଲ ନିକଟରେ ସିନ୍ ରିକ୍ରିଏଶନ କରିଥିଲା। ଏହିସମୟରେ ଭିଡ଼ ପରିଲକ୍ଷିତ ହୋଇଥିଲା।

# ପୂର୍ବତନ ଆଇଟିଆଇ ଅଧ୍ୟକ୍ଷଙ୍କୁ ୩ ବର୍ଷ ଜେଲ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଫୁଲବାଣୀ,୨୮।୭ (ରାକେଶ କୁମାର ରାଉତ)

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସୋମବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ରାଜେଶ ଦାସ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ସରକାରୀ ଆଇଟିଆଇର ପୂର୍ବତନ ଅଧ୍ୟକ୍ଷ ସରୋଜ କାନ୍ତ ରୟ। ସେ ଏବେ ଢେଙ୍କାନାଳ ସରକାରୀ ପଲିଟେକନିକରେ କାର୍ଯ୍ୟରତ ଅଛନ୍ତି। ପ୍ରମାଣ ଅଭାବରୁ ବିଚାରପତି ସରୋଜଙ୍କ ସ୍ତ୍ରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି. ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

**ପୁଣି ବରପଦା ଇଞ୍ଜିନିୟରିଂ କଲେଜରେ ଅଶାନ୍ତି**

# ଡିପ୍ଲୋମା ଅଧ୍ୟକ୍ଷଙ୍କୁ ଆକ୍ରମଣ



ଆହତ ଅଧ୍ୟକ୍ଷ ଗଙ୍ଗାଧର ଧଳଙ୍କୁ ଡାକ୍ତରଖାନା ନିଆଯାଉଛି।

ଭଦ୍ରକ,୨୮।୭ (ସନାତନ ରାଉତ)

ଦୀର୍ଘଦିନ ଧରି ବିବାଦରେ ଛନ୍ଦି ହୋଇଥିବା ଭଦ୍ରକର ବରପଦା ଇଞ୍ଜିନିୟରିଂ କଲେଜରେ କିଛିଦିନର ବ୍ୟବଧାନ ପରେ ପୁଣି ଥରେ ଅଶାନ୍ତି ସୃଷ୍ଟି ହୋଇଛି। କିଛିଦିନ ତଳେ କଲେଜରୁ ନିଲମ୍ବିତ ହୋଇଥିବା କର୍ମଚାରୀମାନେ ଡିପ୍ଲୋମା ଅଧ୍ୟକ୍ଷ ଗଙ୍ଗାଧର ଧଳଙ୍କୁ ସୋମବାର ଆକ୍ରମଣ କରିଛନ୍ତି। ଆକ୍ରମଣରେ ଆହତ ଅଧ୍ୟକ୍ଷ ଧଳଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅପରାହ୍ନରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ୧୨ଟା ବେଳେ କେତେଜଣ ନିଲମ୍ବିତ କର୍ମଚାରୀ ଓ ତାଙ୍କ ସହଯୋଗୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭିତରକୁ ପଶି କାହିଁକି ସେମାନଙ୍କୁ ନିଲମ୍ବନ କରିଛନ୍ତି କହି ହଟ୍ଟଗୋଳ କରିଥିଲେ। ଏଥିସହ ତାଙ୍କୁ ଟାଣି ଆଣି ତଳେ ପକାଇ ବିଧା, ଗୋଇଠା ମାରିଛନ୍ତି। ଅନ୍ୟ କର୍ମଚାରୀମାନେ ଅଧ୍ୟକ୍ଷଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ଛାତି ଓ ଗୋଡ଼ରେ ଯନ୍ତ୍ରଣା ହେଉଥିବା ସେ କହିଛନ୍ତି। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ କଲେଜରେ ପହଞ୍ଚି ଘଟଣାର ତଦନ୍ତ କରିଛି। ଟାଉନ ପୋଲିସ ଡାକ୍ତରଖାନାରେ ପହଞ୍ଚି ଅଧ୍ୟକ୍ଷ ଧଳଙ୍କୁ ଘଟଣା ବିଷୟରେ ପଚରାଉଚରା କରିଛି। ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନ ଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାଶ କହିଛନ୍ତି।

# ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ସଂରକ୍ଷଣ ଦିବସ

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)



ବାଘ ଦୁନିଆର ସବୁଠାରୁ ପରିଚିତ ପ୍ରାଣୀ। ଏମାନଙ୍କ ସଂରକ୍ଷଣ ଜୈବ ବିବିଧତା ତଥା ପରିବେଶର ସନ୍ତୁଳନ ବଜାୟ ରଖିବାରେ ସହାୟକ ହୋଇଥାଏ। ତେଣୁ ବାଘ ବଂଶବୃଦ୍ଧି ସହ ଏମାନଙ୍କ ସଂରକ୍ଷଣ ନିତାନ୍ତ ଆବଶ୍ୟକ। ଏନେଇ ଲୋକଙ୍କ ମନରେ ସଚେତନତା ତଥା ଜାଗ୍ରତ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୯କୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ୍ ରହିଛି 'ବାଘମାନଙ୍କ ପାଇଁ ଗର୍ଜନ'। ଦେଶ ତଥା ବିଶ୍ୱରେ ଦିନକୁ ଦିନ ବାଘଙ୍କ ସଂଖ୍ୟା କମିବାରେ ଲାଗିଛି। ଅବୈଧ ଶିକାର ଏହାର ଏକ ପ୍ରମୁଖ କାରଣ ସାଜିଥିବାବେଳେ ଆଧୁନିକତା ନାମରେ ଜଙ୍ଗଲ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି କେତେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଓଡ଼ିଶାର ଶିମିଳିପାଳରେ ପୂର୍ବାପେକ୍ଷା ବାଘ ସଂଖ୍ୟା ବଢ଼ିଥିବାରୁ ଏହାକୁ ନେଇ ବନ୍ୟପ୍ରାଣୀ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୨୦୩୬ସୁଦ୍ଧା ଶିମିଳିପାଳରେ ବାଘ ସଂଖ୍ୟା ୧୦୦କୁ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏହା ଭାରତର ବ୍ୟାଘ୍ର ସଂରକ୍ଷଣ ରୋଡ୍‌ମ୍ୟାପ୍‌ରେ ଶିମିଳିପାଳର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ବନ ବିଭାଗର ଆଶା ଉଜ୍ଜୀବିତ ହୋଇଛି।

ଏନେଇ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା କହିଛନ୍ତି, ଶିମିଳିପାଳରେ ବାଘଙ୍କ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଇଛି। ମହାରାଷ୍ଟ୍ରରୁ ଆସିଥିବା 'ଜିନତ୍' ଓ 'ଯମୁନା' ମଧ୍ୟ ସୁସ୍ଥ ଅଛନ୍ତି। ସେହିପରି ବାଘଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ପାଇଁ ନୂତନ ସ୍ଥାନ ଲାଗି ଦେବ୍ରିଗଡଠାରେ ଟାଇଗର ରିଜର୍ଭ କରିବା ନେଇ ଯୋଜନା କରାଯାଉଛି। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। କମିଟିରେ ଅବସରପ୍ରାପ୍ତ ଆଇଏଫ୍ଏସ୍ ଅଧିକାରୀ ଡ. ଅନୁପ କୁମାର ନାୟକ ଅଧ୍ୟକ୍ଷ ରହିଛନ୍ତି। ସେହିପରି ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଇଣ୍ଡିଆ ଡେରାଡୁନ୍‌ର ସଦସ୍ୟ ଡ. ବିଭାସ ପାଣ୍ଡବ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଅତିଥି ଅଧ୍ୟାପକ ଡ. ହେମା କୁମାର ନାୟକ ସଦସ୍ୟ ରହିଛନ୍ତି। ଏହି କମିଟି ଟାଇଗର ରିଜର୍ଭ ପାଇଁ ବଫର ଜୋନ୍‌ଗୁଡ଼ିକର ସୀମା ନିର୍ଣ୍ଣୟ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ନିରୀକ୍ଷଣ କରିବେ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।


# ମହାବଳ ବାଘ: ୨୦୩୦ ସୁଦ୍ଧା ୧୦୦ ଟପିବ

ବାରିପଦା,୨୮।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାବଳ ବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ଉପଯୁକ୍ତ ବାସସ୍ଥାନ ଭାବେ ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ)ପକ୍ଷରୁ ସବୁଜ ସଙ୍କେତ ପ୍ରଦାନ କରାଯାଇଛି। ଏଠାରେ ମହାବଳ ବାଘ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ୨୦୩୦ ସୁଦ୍ଧା ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୧୦୦ ଟପିବ ବୋଲି ଆଶା କରାଯାଇଛି। ବର୍ତ୍ତମାନ ଶିମିଳିପାଳରେ ମହାବଳ ବାଘ ୪୦ ଥିବାବେଳେ ଦୁଇ ଅତିଥି ଯମୁନା ଓ ଜିନ୍ନତକୁ ମିଶାଇ ଏମାନଙ୍କ ସଂଖ୍ୟା ୪୨ରେ ପହଞ୍ଚିଛି। ଏଥିମଧ୍ୟରେ ୩୪ଟି ମହାବଳ ଓ ୮ଟି ଶାବକ ରହିଛନ୍ତି। ବାଘ ଗଣନା ପରିସଂଖ୍ୟାନ ଅନୁଯାୟୀ, ପ୍ରତି ୪ବର୍ଷରେ ବାଘ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଉଛି। ଏହାକୁ ଲକ୍ଷ୍ୟରେ ରଖି ୨୦୨୬ ଗଣନାରେ ଏହା ୬୦ ପାର୍ ହେବା ଆଶା ରହିଛି। ଶିକାରୀଙ୍କ କବଳରୁ ରକ୍ଷା କରିବା ଏବଂ ମହାବଳର ଗତିବିଧି ଉପରେ ନଜର ରଖିବା ପାଇଁ ବିଭାଗ ପକ୍ଷରୁ ଟ୍ରାପ୍ ଓ ଏଆଇ କ୍ୟାମେରା ଖଞ୍ଜାଯାଇଛି। ବନ କର୍ମଚାରୀଙ୍କ ସହ ଡାକ୍ତରୀଟିମ୍ ପାଟ୍ରୋଲିଂରେ ଯାଇ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରୁଛନ୍ତି। ଏପରି ସ୍ଥଳେ ମହାରାଷ୍ଟ୍ର ତଡବା ଅନ୍ଧାରୀ ଜଙ୍ଗଲରୁ ଅଣାଯାଇଥିବା ମହାବଳ ବାଘୁଣୀ ଜିନ୍ନତ ସେପ୍ଟେମ୍ବର ଶେଷ ସୁଦ୍ଧା ମା' ହେବାକୁ ଯାଉଛି। କଳାବାଘ ଜେନେଟିକ୍‌ରେ ପରିବର୍ତ୍ତନ ଆଣିବା ଯୋଜନା ସଫଳ ହେଲେ ଆଗାମୀ ଦିନରେ ଶିମିଳିପାଳକୁ ମହାବଳ ବାଘୁଣୀ ଆଣିବାର ଯୋଜନା ଜାରି ରହିବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଏନେଇ ପୂର୍ବତନ ବନ୍ୟପାଣୀ ତତ୍ତ୍ୱାବଧାରକ ତଥା ଓଡ଼ିଶା ରାଜ୍ୟ ବନ ଉନ୍ନୟନ ୨ନଂ. ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ବାଘ ପାଇଁ ନିର୍ଭୟ ନିଶ୍ଚଳ ବାସସ୍ଥଳୀ, ସହଜ ଖାଦ୍ୟ ସଂଗ୍ରହ, ଶିକାରୀମୁକ୍ତ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ବାଘ ସଂଖ୍ୟା ବୃଦ୍ଧିରେ ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିବ ବୋଲି ମତ ରଖିଛନ୍ତି।

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ଏଫ୍‌ଏମ୍ କଲେଜ ଛାତ୍ର ଜ୍ୟୋତିପ୍ରକାଶ

କଟକ,୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)



ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଆତ୍ମାହୁତି ସମୟରେ ରକ୍ଷା କରିବାକୁ ଯାଇ ଆହତ ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ସୋମବାର ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଜ୍ୟୋତିଙ୍କ ପରୀକ୍ଷା ନିରୀକ୍ଷା କରାଯିବା ସହ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଅପରାହ୍ନ ସମୟରେ ଡିସ୍‌ଚାର୍ଜ କରାଯାଇଛି। ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ସୂଚନାନୁଯାୟୀ, ଜ୍ୟୋତିପ୍ରକାଶ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିଛନ୍ତି। ଏହାସହ ଆସନ୍ତା ୧୫ଦିନ ପରେ ସେ ମେଡିକାଲ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ଏବଂ ତାଙ୍କୁ ସମସ୍ତ ଔଷଧ ଓ ଖାଦ୍ୟପେୟ ସମ୍ପର୍କରେ କୁହାଯାଇଥିବା ନାୟକ କହିଛନ୍ତି। ଅନ୍ୟପଟେ ଜ୍ୟୋତି ଏସ୍‌ସିବିରୁ ଡିସ୍‌ଚାର୍ଜ ହେବା ପରେ କହିଛନ୍ତି, ବାଲେଶ୍ୱର ଘଟଣା ସମ୍ପର୍କରେ କିଛି କହିବାକୁ ଚାହୁଁନି, କିନ୍ତୁ ଏସ୍‌ସିବିରେ ସମସ୍ତ ଚିକିତ୍ସା ମିଳିଛି ଏବଂ ସମସ୍ତେ ସହଯୋଗ କରିଛନ୍ତି।

MBBS in RUSSIA
Made Affordable, Attend Our Mega Event!
fulfill your dreams to becoming doctor.
MAXIM
KEMEROVO GOVT. STATE MEDICAL UNIVERSITY, Kemerovo, Russia
COUNSELLING & SPOT ADMISSION FAIR
become a doctor with Top Ranking University & NMC coaching free
31st JULY 2025 at BHUBANESWAR
Hotel Marigold, 311, Bapuji Nagar Janpath, Bhubanewar
Education Loan Available from SBI
VERONIKA ALSHEVSKAIA Director, International Department
OLGA TARASOVA Dean, Medical Affairs
MAXIM CONSULTANCY PVT. LTD.
Mob. : +91 9300432509, 9040180295

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

-ଜାଗ୍ରଦ୍‌ଗୌରୀ ପଞ୍ଚମୀ



# ପୁରୁଷ ହେଲେ ମହିଳା

ଦେଶର ବିଭିନ୍ନ ରାଜ୍ୟରେ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ହିତାଧିକାରୀ ହେବା ପାଇଁ ଜୀବିତ ବ୍ୟକ୍ତି ମୃତ ହେବା, ବିଧବା ମହିଳା ସଧବା ହେବା ବା ସଧବା ବିଧବା ହେବା କିମ୍ବା ପୁରୁଷ ନିଜକୁ ମହିଳା ଦର୍ଶାଇବା ଭଳି କୌତୂହଳ ଠକେଇ ବାରମ୍ବାର ସାମ୍ନାକୁ ଆସୁଛି। ଉଦାହରଣ ସ୍ୱରୂପ, ନିକଟରେ ମହାରାଷ୍ଟ୍ରରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଲଡ଼କୀ ବହିନ୍ ଯୋଜନାରେ ୧୪, ୦୦୦ରୁ ଊର୍ଦ୍ଧ୍ୱ ପୁରୁଷ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। କେବଳ ଏତିକି ନୁହେଁ ଏମାନଙ୍କ ସମେତ ମୋଟ ୨୬ ଲକ୍ଷ ୩୪ ହଜାର ଅଯୋଗ୍ୟ ହିତାଧିକାରୀଙ୍କର ପ୍ରାପ୍ୟ ଜୁନ୍ ୨୦୨୫ରୁ ସାମୟିକ ଭାବେ ବନ୍ଦ କରାଯାଇଥିବା ମହାରାଷ୍ଟ୍ର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି। ଲଡ଼କୀ ବହିନ୍ ଯୋଜନା ବିଶେଷକରି ଆର୍ଥିକ କ୍ଷେତ୍ରରେ ଦୁର୍ବଳ ୨୧ରୁ ୬୫ ବର୍ଷର ମହିଳାଙ୍କୁ ମାସିକ ୧,୫୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଉଲ୍ଲେଖନୀୟ ଯେ,୧୭ ଅଗଷ୍ଟ ୨୦୨୪ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଶିବସେନା(ଶିନ୍ଦେ)ର ନେତା ଏକନାଥ ଶିନ୍ଦେ ଲଡ଼କୀ ବହିନ୍ ଯୋଜନା ଆରମ୍ଭ କରିଥିଲେ ଏବଂ ଏହା ପାଇଁ ବଜେଟରେ ୪୬,୦୦୦ କୋଟି ଟଙ୍କା ବରାଦ ହୋଇଥିଲା। ୨୦୨୪ ନଭେମ୍ବର ବିଧାନସଭା ନିର୍ବାଚନକୁ ଲକ୍ଷ୍ୟକରି ପୂର୍ବରୁ ମଧ୍ୟପ୍ରଦେଶରେ ଲାଗୁ କରାଯାଇଥିବା ଲାଡ୍‌ଲୀ ବହେନ ଯୋଜନାକୁ ଅନୁସରଣ କରି ଏହା କରାଯାଇଥିଲା। ଭାଜପା, ଶିବସେନା(ଶିନ୍ଦେ) ଓ ଏନ୍‌ସିପି (ଅଜିତ୍ ପାୱାର)ମେଣ୍ଟ ମହାଯୁତି କ୍ଷମତାକୁ ଫେରି ଏକନାଥ ଶିନ୍ଦେଙ୍କ ବଦଳରେ ଦେବେନ୍ଦ୍ର ଫଡ଼ନବିସ୍ ମୁଖ୍ୟମନ୍ତ୍ରୀ ଭାବେ ୫ ଡିସେମ୍ବର ୨୦୨୪ରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ୨ କୋଟି ୨୫ଲକ୍ଷ ହିତାଧିକାରୀ ଥିବା ଲଡ଼କୀ ବହିନ୍ ଯୋଜନାକୁ ବର୍ଷେ ନ ପୂରୁଣୁ ଏବେ ସେଥିରେ ୧୪,୦୦୦ ପୁରୁଷ ସାମିଲ ହୋଇ ଟଙ୍କା ନେଇଯାଇଛନ୍ତି, ଯାହା ପ୍ରଶାସନିକ ଦୁର୍ବଳତାକୁ ସୂଚିତ କରିଛି। ସେହିଭଳି ଓଡ଼ିଶାରେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଲାଗୁ କରାଯାଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ବର୍ଷକୁ ୧୦, ୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବା ଲାଗି ଯୋଜନା କରାଯାଇ ଟଙ୍କା ବଣ୍ଟାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଏହି ଯୋଜନାରେ ୧୫୭ ପୁରୁଷ ଆବେଦନ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଥିଲା। ଏହା ବ୍ୟତୀତ ଚଳିତ ବର୍ଷ ପ୍ରାରମ୍ଭରେ ଖାଦ୍ୟ ସୁରକ୍ଷା ଯୋଜନାରେ ବାଲେଶ୍ୱର ଜିଲ୍ଲାରେ ବାଲିଆପାଳ ବ୍ଲକରେ ଶିକ୍ଷକ, ଇଞ୍ଜିନିୟର, ଅଧ୍ୟାପକ, ପୋଲିସ, ଜିଏସ୍‌ଟି ଅଧିକାରୀ, ଡାଟା ଏଣ୍ଟ୍ରି ଅପରେଟର, ପିଅନ ସମେତ ମୋଟ ୧୬୫ ସରକାରୀ ଚାକିରିଆ ରାଶନ କାର୍ଡ ହାତେଇଥିବା ରାଜ୍ୟ ଖାଉଟି ବିଭାଗ ସୂତ୍ରରୁ ଜଣାପଡ଼ିଥିଲା। ଦୁଇ ରାଜ୍ୟର ଏହିସବୁ ଉଦାହରଣକୁ ଦେଖିଲେ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ହିତାଧିକାରୀ ଚୟନରେ ଘୋର ତ୍ରୁଟି ବା ଜାଣିଶୁଣି ଅବହେଳା କରୁଛନ୍ତି। ଫଳରେ ମହିଳାଙ୍କ ଅର୍ଥକୁ ପୁରୁଷ ନେଇଯାଉଛନ୍ତି କିମ୍ବା ନେବାକୁ ଚେଷ୍ଟା କରୁଛନ୍ତି। ଅପରପଟେ ଗରିବଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ କିମ୍ବା ଗହମକୁ ବାଡ଼ ଫସଲ ଖାଇଲା ଭଳି ସରକାରୀ ଚାକିରିଆ, ଧନୀମାନେ ଖାଇଯାଉଛନ୍ତି। ବିଶେଷକରି ଅମଲାତାନ୍ତ୍ରିକ ବିଫଳତା ଓ ଦୁର୍ନୀତି ଯୋଗୁ ମହିଳା ସଶକ୍ତୀକରଣ ଓ ଗରିବ ଦୂରୀକରଣ ଭଳି ଅନେକ ଯୋଜନାରେ ସଫଳତା ମିଳିବା କଷ୍ଟକର ହୋଇଯାଇଛି। ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଦଣ୍ଡ ଦେବା କିମ୍ବା ସେମାନଙ୍କଠାରୁ ଅର୍ଥ ଫେରାଇଆଣିଲେ ସମସ୍ୟା ସମାଧାନ ହୋଇପାରିବ ନାହିଁ। ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଜଡ଼ିତ ପ୍ରଶାସନିକ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ତୃଣମୂଳ ପର୍ଯ୍ୟାୟରେ ତୃଣମୂଳ ସ୍ତରରେ ହିତାଧିକାରୀଙ୍କ ସ୍ଥିତି ପ୍ରଶାସନିକ କ୍ଷେତ୍ରରେ ଯାଞ୍ଚ ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି।

ହିତାଧିକାରୀ ହେବା ପାଇଁ ଜଣେ ବ୍ୟକ୍ତିଙ୍କ ଆବେଦନ ପତ୍ର ପଞ୍ଚାୟତ ସ୍ତରରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ପାଖକୁ ଆସୁଛି। ସେଥିରେ ପଞ୍ଚାୟତ ସଚିବ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀଙ୍କ ସମ୍ମତି ଓ ବଡ଼ବାବୁଙ୍କ ଦସ୍ତଖତ ରହୁଛି। ବିଡିଓଙ୍କର ମଧ୍ୟ ଦସ୍ତଖତ ରହୁଛି। ତା'ପରେ ତାକୁ ଉପ ଜିଲାପାଳ ସ୍ୱୀକୃତି ଦେବା ପରେ ତାହା ଜିଲାପାଳଙ୍କ ବାଟ ଦେଇ ରାଜ୍ୟ ସରକାରଙ୍କ ସ୍ତରରେ ହିତାଧିକାରୀ ହେବା ଲାଗି ଆବେଦନ କରିଥିବା ବ୍ୟକ୍ତିଙ୍କ ଆବେଦନ ପତ୍ର ଓ ସେଥିରେ ସଂଯୋଗ ହୋଇଥିବା ଦଲିଲ ଯାଞ୍ଚ କରାଯାଏ। ଏହା ପରେ ସରକାର ବିଭିନ୍ନ ବିଭାଗ ମାଧ୍ୟମ ଦେଇ ଆସିଥିବା ଆବେଦନଗୁଡ଼ିକୁ ମଞ୍ଜୁରୀ ଦିଅନ୍ତି ଓ ସେହି ଯୋଜନା ପାଇଁ ବଜେଟରେ କରାଯାଇଥିବା ବ୍ୟୟ ବରାଦରୁ ହିତାଧିକାରୀଙ୍କ ପାଖକୁ ସାହାଯ୍ୟ ପଠାଯାଇଥାଏ। ଅର୍ଥାତ୍ ହିତାଧିକାରୀଙ୍କ ଆବେଦନକୁ ବିଭିନ୍ନ ସ୍ତରରେ ଯାଞ୍ଚ କରାଯାଏ। ଏପରି ସତ୍ତ୍ୱେ ମହାରାଷ୍ଟ୍ରଠାରୁ ଆରମ୍ଭ କରି ଓଡ଼ିଶା ପର୍ଯ୍ୟନ୍ତ ସବୁଆଡ଼େ ପ୍ରବଳ ମାତ୍ରାରେ ତ୍ରୁଟି ଦେଖାଯାଉଛି। ଏହା ପ୍ରମାଣ କରୁଛି ଯେ, କଶ୍ମୀରରୁ କନ୍ୟାକୁମାରୀ, ଗୁଜରାଟରୁ ମିଜୋରାମ ଭାରତ ନା ଯେ କେବଳ ମହାନ, ତାହା ଦୁର୍ନୀତି ମାଧ୍ୟମରେ ସଂଗଠିତ। ଏଭଳି ଦୁର୍ନୀତିର ପ୍ରତିକାର ପାଇଁ ସରକାର ନୂଆ ଆଇନ ଆଣିପାରନ୍ତେ, ଯେଉଁଥିରେ ଅସତ୍ୟ ଉପରେ ଆଧାରିତ ତଥ୍ୟ ଦେଉଥିବା ଏବଂ ହିତାଧିକାରୀ ହେବା ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ରହନ୍ତା। ଯଥା ଲିଙ୍ଗ ବଦଳାଇ କାଗଜରେ ଦସ୍ତଖତ କରି ଜଣେ ପୁରୁଷ ଯଦି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରୁ ଅର୍ଥ ଲାଭ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ସେହି ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ସହିତ ବାସଗୃହ କୋରକ କରିବାର ଆଇନ ପ୍ରଣୀତ ହୋଇପାରନ୍ତା। ଏଥିସହିତ ତୃଣମୂଳ ସ୍ତରରେ ପ୍ରଥମ ସରକାରୀ କର୍ମଚାରୀ ଏଭଳି ତ୍ରୁଟିପୂର୍ଣ୍ଣ ଆବେଦନକୁ ସ୍ୱୀକାର କରି ଦ୍ୱିତୀୟ ସ୍ତରକୁ ପଠାଉଛନ୍ତି , ସେଭଳି ଜାଗାରେ ପ୍ରଥମ ସ୍ତରର ସରକାରୀ ଅଧିକାରୀଙ୍କ ଉପରେ ସେହିଭଳି ଫୌଜଦାରି ମକଦ୍ଦମା ରୁଜୁ କରିବା ସହ ଲକ୍ଷେ ଟଙ୍କା ଜରିମାନା କରାଯାଇପାରନ୍ତା, ତାହା ହେଲେ ଲଡ୍‌କୀ ବହିନ୍‌ରୁ ସୁଭଦ୍ରା ପର୍ଯ୍ୟନ୍ତ କୌଣସି ପୁରୁଷ ଆବେଦନ କରିବା ପୂର୍ବରୁ ଅନେକ ଥର ଚିନ୍ତା କରିବାକୁ ଭାବିବେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | | |
| | 2 | | 4 | | | 9 | 8 | 7 |
| | 9 | | 8 | | | 3 | | |
| 6 | | | | | | | 7 | |
| | | 1 | 3 | 9 | | | | |
| | | | | 5 | | | | |
| 8 | | | | 2 | 3 | | 9 | |
| | | | | | 8 | | | 5 |
| 2 | 7 | | 9 | | | | 1 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 7 | 4 | 5 | 2 | 1 | 6 | 8 |
| 5 | 2 | 6 | 9 | 8 | 1 | 3 | 7 | 4 |
| 1 | 8 | 4 | 3 | 7 | 6 | 5 | 2 | 9 |
| 8 | 7 | 9 | 2 | 1 | 4 | 6 | 5 | 3 |
| 6 | 3 | 2 | 8 | 9 | 5 | 7 | 4 | 1 |
| 4 | 5 | 1 | 7 | 6 | 3 | 8 | 9 | 2 |
| 9 | 4 | 8 | 5 | 3 | 7 | 2 | 1 | 6 |
| 7 | 6 | 3 | 1 | 2 | 9 | 4 | 8 | 5 |
| 2 | 1 | 5 | 6 | 4 | 8 | 9 | 3 | 7 |

ଗତକାଲିର ଉତ୍ତର

# ଜାତିସଂଘରେ ଭାରତ, ପାକିସ୍ତାନ



ଜ୍ୟୋତିପ୍ରକାଶ କର

ଆଧୁନିକ ଯୁଗର ଭୟଙ୍କର ପରିସ୍ଥିତିକୁ ସମଗ୍ର ମାନବ ସମାଜ ପ୍ରତ୍ୟକ୍ଷ କରିଛି ଦୁଇଟି ବିଶ୍ୱଯୁଦ୍ଧ। ପ୍ରଥମ ବିଶ୍ୱଯୁଦ୍ଧ ମିତ୍ରଶକ୍ତି (ଆଲାଏଡ୍ ପାୱାର) ଓ କେନ୍ଦ୍ର ଶକ୍ତି (ସେଣ୍ଟ୍ରାଲ୍ ପାୱାର) ମଧ୍ୟରେ ହୋଇଥିଲା। ମିତ୍ରଶକ୍ତି ଯେଉଁଥିରେ ମୁଖ୍ୟତଃ ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ୍, ରୁଷିଆ, ଜାପାନ୍ ରହିଥିଲେ ଓ ପରେ ଇଟାଲୀ, ୟୁନାଇଟେଡ୍ ଷ୍ଟେଟ୍ସ ଯୋଗ ଦେଇଥିଲେ। କେନ୍ଦ୍ରଶକ୍ତି ଯେଉଁଥିରେ ଜର୍ମାନୀ, ଅଷ୍ଟ୍ରିଆ-ହଙ୍ଗେରୀ, ତୁର୍କୀ, ଗ୍ରୀସ୍, ଲେବାନନ୍, ୟେମେନ୍, ଇଜିପ୍ଟ, ଇରାକ୍, ସିରିଆ ପ୍ରଭୃତି ରହିଥିଲେ ଓ ମିତ୍ରଶକ୍ତିର ବିଜୟ ହୋଇଥିଲା ଏବଂ ୨୮ ଜୁନ୍ ୧୯୧୯ରେ ୩୨ଟି ଦେଶର ଦସ୍ତଖତରେ ଏକ ଶାନ୍ତି ଚୁକ୍ତିନାମା ଫ୍ରାନ୍ସର ଭର୍ସାଲିଜ୍ ପ୍ରାସାଦର ମିର୍‌ରସ୍ ହଲ୍‌ରେ ସ୍ୱାକ୍ଷରିତ ହୋଇ ପରିସମାପ୍ତି ଘଟିଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଲୋମହର୍ଷଣକାରୀ ଭୟାବହତା ଏବେ ବି ସମାଜର ସ୍ଥିତିକୁ ଦୋହଲାଇଦିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ମୁଖ୍ୟତଃ ଅକ୍ଷଶକ୍ତି (ଆକ୍ସିସ୍ ପାୱାର୍) ଓ ମିତ୍ରଶକ୍ତି (ଆଲାଏଡ୍ ପାୱାର) ମଧ୍ୟରେ ହୋଇଥିଲା। ଅକ୍ଷଶକ୍ତି, ଜର୍ମାନୀର ଆଡ୍‌ଲଫ୍ ହିଟ୍‌ଲର୍‌ଙ୍କ ନେତୃତ୍ୱରେ ଇଟାଲୀ, ଜାପାନ, ହଙ୍ଗେରୀ, ରୋମାନିଆ, ବୁଲ୍‌ଗେରିଆ ଓ ସ୍ଲୋଭାକିଆ ପ୍ରଭୃତି ରହିଥିଲେ। ମିତ୍ରଶକ୍ତିରେ ଗ୍ରେଟ୍ ବ୍ରିଟେନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା; ଯେଉଁଥିରେ ଫ୍ରାନ୍ସ, ସୋଭିଏତ୍ ୟୁନିୟନ୍, ୟୁନାଇଟେଡ୍ ଷ୍ଟେଟ୍ସ ଓ ଚାଇନା ପ୍ରମୁଖ ରହିଥିଲେ। ୮ ମେ ୧୯୪୫ରେ ଜର୍ମାନୀର ନିଃସର୍ତ୍ତ ଆତ୍ମସମର୍ପଣ, ୬ ଓ ୯ ଅଗଷ୍ଟରେ ୟୁନାଇଟେଡ୍ ଷ୍ଟେଟ୍ସ ଜାପାନର ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପଣ ପରେ ୧୫ ଅଗଷ୍ଟ ୧୯୪୫ରେ ଜାପାନ୍ ନିଃସର୍ତ୍ତ ଆତ୍ମସମର୍ପଣ କରି ୨ ସେପ୍ଟେମ୍ବର ୧୯୪୫ରେ ଆତ୍ମସମର୍ପଣର ଦସ୍ତାବିଜ୍‌ରେ ସ୍ୱାକ୍ଷର ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଥିଲା।

ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା କରି ଏହାର ଭୟାବହତା ଓ ବିଧ୍ୱଂସତାର ସୁଦୂର ପରିଣାମକୁ ଚିନ୍ତା କରି ବିଶ୍ୱ ଶାନ୍ତି ବିଷୟରେ ପ୍ରାୟ ୫୦ଟି ଦେଶର ପ୍ରତିନିଧିମାନେ କାଲିଫର୍ନିଆରେ ମିଳିତ ବୈଠକରେ ଆନ୍ତର୍ଜାତିକ ସଂଗଠନ ବିଷୟରେ ଆଲୋଚନା କଲେ, ଯାହା ୨୫ ଏପ୍ରିଲ୍‌ରୁ ୨୬ ଜୁନ୍ ୧୯୪୫ ମସିହା ପର୍ଯ୍ୟନ୍ତ ଚାଲିଲା। ପରବର୍ତ୍ତୀ ୨ ମାସରେ ଚିଠା ପ୍ରସ୍ତୁତ କରି ମିଳିତ ରାଷ୍ଟ୍ରର ଲିଖିତ ସମ୍ବିଧାନରେ ସ୍ୱାକ୍ଷର କଲେ, ଯାହା ଏକ ନୂତନ ଆନ୍ତର୍ଜାତିକ ସଂଗଠନ 'ଜାତିସଂଘ'ର ରୂପ ନେଲା। ଆଶା କରାଗଲା ଏହି ସଂସ୍ଥା ଅନ୍ୟ ଏକ ବିଶ୍ୱଯୁଦ୍ଧକୁ ପ୍ରତିହତ କରିପାରିବ। ଆମେରିକା, ସୋଭିଏତ୍ ୟୁନିୟନ୍, ଫ୍ରାନ୍ସ, ବ୍ରିଟେନ୍, ଚାଇନା ଓ ଅନ୍ୟାନ୍ୟ ପ୍ରଭାବଶାଳୀ ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ସନନ୍ଦ ଅନୁମୋଦିତ ହୋଇ କାଲିଫର୍ନିଆ ବୈଠକର ୪ ମାସ ପରେ ୨୪ ଅକ୍ଟୋବର ୧୯୪୫ରେ ଔପଚାରିକ ଭାବରେ ମିଳିତ ଜାତିସଂଘ ଆରମ୍ଭ ହେଲା। ବାସ୍ତବରେ ଚାଇନା ପ୍ରଭାବଶାଳୀ ନ ଥିଲା, ତା' ଅପେକ୍ଷା ଜାପାନ ବେଶ୍ ପ୍ରଭାବଶାଳୀ ଥିଲା; କିନ୍ତୁ ହୀରୋସିମା ଓ ନାଗାସାକି ଉପରେ ପଡ଼ିଥିବା ପରମାଣୁ ବୋମାର ଭୟାବହତା ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସିଆ ମହାଦେଶରେ ଚାଇନାକୁ ମନୋନୀତ କରାଗଲା। ଏମାନେ ଏକୁ ଆରେକ ବଳିଆର ଓ ପରସ୍ପରର ଶତ୍ରୁ ହେଲେ ବି ଏହି ୫ଟି ଦେଶକୁ ଭିଟୋ (ପ୍ରସ୍ତାବିତ ବିଷୟରେ ନିଷେଧ ଅଧିକାର) ଭଳି ସ୍ୱତନ୍ତ୍ର ଶକ୍ତି ଦିଆଯାଇ ସମ୍ବିଧାନ ଅନୁମୋଦିତ ହେଲା। ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ପ୍ରସ୍ତାବ ଅନୁମୋଦିତ ହେଲେ ମଧ୍ୟ ଏହି ପି-୫ (ପର୍ମାନେଣ୍ଟ-୫) ଦେଶ ମଧ୍ୟରୁ କେହି ଜଣେ ବି ଭିଟୋ ଶକ୍ତି ବଳରେ ପ୍ରତିକୂଳ ମତପୋଷଣ କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇ ପାରିବ। ଉଦାହରଣ ସ୍ୱରୂପ ଭିଟୋ କ୍ଷମତା ବଳରେ ଚାଇନା ଚାରିଥର ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈସ୍-ଇ-ମହମ୍ମଦର ପ୍ରତିଷ୍ଠାତା ମସୁର୍ ଅଜହର୍‌ଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପ୍ରସ୍ତାବକୁ ରଦ୍ଦ କରିପାରିଛି।



ଭବିଷ୍ୟତରେ ଜାତିସଂଘର ସଭ୍ୟ ଥିବା ଦେଶଗୁଡ଼ିକ କାଳେ ଏହି ୫ ଜଣଙ୍କୁ ନ ମାନିବେ, ତେଣୁ ଆଉ ୧୦ ଜଣଙ୍କୁ ଅସ୍ଥାୟୀ ସଦସ୍ୟ ଭାବେ ୨ ବର୍ଷର ଅବଧି ପାଇଁ ମନୋନୀତ କରିବାକୁ ସ୍ଥିର କଲେ, ଯଦ୍ୱାରା ସେମାନେ ମିଳିତ ଭାବେ ସମ୍ପର୍କରେ ରହି ପାରସ୍ପରିକ ଚିନ୍ତାଧାରାକୁ ଆଦାନପ୍ରଦାନ କରିପାରିବେ। ଆଫ୍ରିକା ମହାଦେଶରୁ ୩ ଜଣ, ଏସିଆ-ପାସିଫିକ୍‌ରୁ ୨ ଜଣ, ଲାଟିନ୍ ଆମେରିକାରୁ ଜଣେ, କାରବିୟାନ୍‌ରୁ ଜଣେ, ପଶ୍ଚିମ ୟୁରୋପ୍‌ରୁ ୨ ଜଣ ଓ ପୂର୍ବ ୟୁରୋପ୍‌ରୁ ଜଣେ ଏପରି ମୋଟ ୧୦ ଜଣ ଅସ୍ଥାୟୀ ସଦସ୍ୟ ନିର୍ବାଚିତ ହୁଅନ୍ତି।


୧୯୪୫ରେ ନୋବେଲ୍ କମିଟି ମଧ୍ୟ ବିଶ୍ୱର ଏକ ମିଳିତ ପ୍ରତିଷ୍ଠାନ ଗଠନ ବିଷୟରେ ଚିନ୍ତା କରିଥିଲା ଏବଂ ଶାନ୍ତି ପାଇଁ କର୍ଡେଲ୍ ହଲ୍‌ଙ୍କୁ ପୁରସ୍କୃତ କରାଗଲା, ଯିଏକି ମିଳିତ ଜାତିସଂଘର ପିତା ଭାବରେ ପରିଚିତ ହେଲେ। ଏହାର ପୂର୍ବ ନାମ ଲିଗ୍ ଅଫ୍ ନେଶନ୍ସ ଥିଲା। ଆମେରିକାର ପ୍ରେସିଡେଣ୍ଟ ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍‌ଟ ପ୍ରଥମେ ଏହି 'ୟୁନାଇଟେଡ୍ ନେଶନ୍ସ' ନାମକୁ ଔପଚାରିକ ଭାବେ ଅଭିହିତ କଲେ। ଜାତିସଂଘରେ ବିଭିନ୍ନ ଆନ୍ତର୍ଜାତିକ ପ୍ରସଙ୍ଗ ଆଲୋଚନା ପାଇଁ ପ୍ରମୁଖ ସଂସ୍ଥାଗୁଡ଼ିକ ହେଲା ସାଧାରଣ ପରିଷଦ, ସୁରକ୍ଷା ପରିଷଦ, ଆର୍ଥିକ ଓ ସାମାଜିକ ପରିଷଦ, ଆନ୍ତର୍ଜାତିକ ବିଚାରାଳୟ, ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଙ୍ଗଠନ, ମାନବାଧିକାର, ଜଙ୍ଗଲ-ଜଳବାୟୁ ଓ ମହାକାଶ ସମ୍ବନ୍ଧୀୟ ଅନେକ ଆଲୋଚ୍ୟ ପ୍ରସଙ୍ଗକୁ ନେଇ ଫୋରମ୍ ମାନ ଗଢ଼ାଯାଇଅଛି।

ସ୍ୱାଧୀନତା ପ୍ରାପ୍ତିର ୨ ବର୍ଷ ପୂର୍ବରୁ ଅର୍ଥାତ୍ ୩୦ ଅକ୍ଟୋବର ୧୯୪୫ରେ ଭାରତ ଜାତିସଂଘରେ ଯୋଗ ଦେଇଛି ଏବଂ ଭାରତ ମଧ୍ୟ ସେହି ୫୦ଟି ଦେଶ ଭିତରେ ଥିଲା, ଯେଉଁମାନେ ୨୬ ଜୁନ୍ ୧୯୪୫ରେ ସନନ୍ଦକୁ ଅନୁମୋଦନ କରି ସ୍ୱାକ୍ଷର କରିଥିଲେ। ପାକିସ୍ତାନ ମଧ୍ୟ ସ୍ୱାଧୀନତା ପ୍ରାପ୍ତିର ୧ ମାସ ପରେ, ୩୦ ସେପ୍ଟେମ୍ବର ୧୯୪୭ରେ ଜାତିସଂଘର ସଦସ୍ୟତା ଲାଭ କଲା। ଭାରତ ୧୯୫୦-୫୧ ରୁ ୨୦୨୧-୨୨ ଭିତରେ ୮ଥର ଅସ୍ଥାୟୀ ସଦସ୍ୟର ମାନ୍ୟତା ଲାଭ କରି ନିର୍ବାଚିତ ହୋଇ ୪ର୍ଥ ସ୍ଥାନରେ ରହିଛି। ପାକିସ୍ତାନ ମଧ୍ୟ ଭାରତ ପଛେ ପଛେ ୧୯୪୭ରୁ ୧୯୫୬ ଯାଏଁ 'ଡୋମିନିୟନ୍‌ଅଫ୍‌ପାକିସ୍ତାନ' ଏବଂ ୧୯୫୬ ପରଠାରୁ 'ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ପାକିସ୍ତାନ' ଭାବରେ ରହିଛି। ବର୍ତ୍ତମାନ ୨୦୨୫-୨୬ରେ ୮ମ ଥର ପାଇଁ ନିର୍ବାଚିତ ହୋଇ ଏସିଆ ମହାଦେଶର ଅବଧି ପୂରିଥିବା ଜାପାନର ସ୍ଥାନକୁ ପୂରଣ କରିଛି। ୧୯୩ ସଦସ୍ୟଙ୍କ ମଧ୍ୟରୁ ୧୨୪ଟି ମତ ଆବଶ୍ୟକ ଥିବାବେଳେ ୧୮୨ଟି ଦେଶ ପାକିସ୍ତାନ ସପକ୍ଷରେ ମତଦାନ ଦେଇଥିବାରୁ ଜାତିସଂଘରେ ପାକିସ୍ତାନର ପୂର୍ବତନ ସ୍ଥାୟୀ ପ୍ରତିନିଧି ମୁନିର୍ ଆକ୍ରମ୍‌ଙ୍କର ଆସ୍ଫାଳନ ଥିଲା ଯେ, ଆମେ ଗର୍ବର ସହିତ ଏ ଆସନ ଅଧିକାର କରିଛୁ। ପାକିସ୍ତାନ ଅସ୍ଥାୟୀ ସଦସ୍ୟ ଭାବରେ ଜାତିସଂଘର ଆତଙ୍କବାଦ ପ୍ରତିରୋଧ କମିଟିର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛି। ନିଜକୁ ସୁହାଇଲା ଭଳି ଆପଣା ହିତରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ସହ ଧାରା-୩୭୦ ଉଚ୍ଛେଦ ପ୍ରସଙ୍ଗ ବାରମ୍ବାର ଉଠାଇ ବିଶ୍ୱ ନେତାଙ୍କ ଦୃଷ୍ଟି ଆକର୍ଷଣ କରିବ। ପାକିସ୍ତାନ ଜୁଲାଇ ୨୦୨୫ରୁ ଗୋଟିଏ ମାସ ପାଇଁ ଜାତିସଂଘ ନିରାପତ୍ତା ପରିଷଦର ସଭାପତି ପଦରେ ରହିଛି। ଏତଦ୍‌ବ୍ୟତୀତ ଜାତିସଂଘରେ ୨୦୨୫ ପାଇଁ ତାଲିବାନ୍ ସ୍ୱୀକୃତି କମିଟିର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇଛି। ଦୁଃଖର କଥା, ଯେଉଁ ଦେଶ ଆତଙ୍କବାଦୀଙ୍କୁ ପାଳିପୋଷି ତା'ର କଳେବର ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି, ସେହି ଦେଶ ଆତଙ୍କବାଦ ବିରୋଧୀ କମିଟିର ଉପାଧ୍ୟକ୍ଷ। ଏହା ଚୋର ହାତରେ ଚାବିକାଠି ସମର୍ପି ଦେବା ସଦୃଶ।

ଅପରପକ୍ଷରେ ଭାରତ ସବୁବେଳେ କିପରି ଜାତିସଂଘରେ ସଂସ୍କାର ଆସିବ, ସ୍ଥାୟୀ ସଦସ୍ୟତା ସଂଖ୍ୟା ବୃଦ୍ଧି ପାଇବ, କିପରି ଆତଙ୍କବାଦ ସମୂଳେ ଉତ୍ପାଟନ ହେବ, ଜଳବାୟୁ ପରିବର୍ତ୍ତନରେ ବିଶ୍ୱର ଉଷ୍ମତା ବୃଦ୍ଧି, ବିଶ୍ୱରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ପାଇଁ ଜାତିସଂଘର ନିରପେକ୍ଷ ଭୂମିକାକୁ ଗୁରୁତ୍ୱ ଦେବା ଭଳି ସକାରାତ୍ମକ ଓ ଗଠନମୂଳକ ପ୍ରସଙ୍ଗକୁ ଉତ୍ଥାପନ କରି ଚର୍ଚ୍ଚା କରିଥାଏ। ବୈଶ୍ୱିକ ମଞ୍ଚରେ ହୀନ ସ୍ୱାର୍ଥକୁ ଦୂରେଇ ଦେଇ ମାନବ ସମାଜର ସମୂହ ଉନ୍ନତି କଳ୍ପେ ସର୍ବଦା ଚିନ୍ତା କରିଆସିଛି ଭାରତ। ବିଶ୍ୱ ସ୍ୱାର୍ଥକୁ ନେଇ ସତତ ଅଙ୍ଗୀକାରବଦ୍ଧ ଓ ଅନ୍ୟାୟ ବିରୁଦ୍ଧ ଶୂନ୍ୟ ସହିଷ୍ଣୁତା ନୀତିକୁ ପ୍ରାଧାନ୍ୟ ଦିଏ। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ଏହି ବୈଶ୍ୱିକ ସଂଗଠନ ଉପରେ ବିଶ୍ୱସନୀୟତା ବଜାୟ ରଖନ୍ତୁ।

ମୋ:୯୪୩୮୫୩୨୪୫୭

# ସମନ୍ୱୟର ଅଭାବ



ଯଦୁମଣି ପାଣିଗ୍ରାହୀ

ଆଜିକାଲି ପାରିବାରିକ ଜୀବନଠାରୁ ଆରମ୍ଭ କରି ସାମାଜିକ ଜୀବନ ଯାଏ ସବୁଠି ପରସ୍ପର ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ପରିଲକ୍ଷିତ ହେଉଛି। ପରିଣାମ ସ୍ୱରୂପ ସର୍ବତ୍ର ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବା ସହ ନାନା ପ୍ରକାର ବିଭ୍ରାଟ ମଧ୍ୟ ସୃଷ୍ଟି ହେଉଛି। ପରିବାର ଭିତରେ କାହା ସହିତ କାହାର ସମନ୍ୱୟ ରହୁନାହିଁ। ଯାହା ଫଳରେ ଅଧିକାଂଶ ପରିବାର ଭିତରେ ଆଜି ଅଶାନ୍ତି ଓ ବିଶୃଙ୍ଖଳା। କାହା ମନ କାହାକୁ ପାଉନି। ପାରସ୍ପରିକ ମାନ ମନାନ୍ତର ଘଟି ପାରିବାରିକ ଜୀବନ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସମନ୍ୱୟ କି ସହମତି ନାହିଁ। ଯେଉଁଥିଲାଗି ଆଜି ସ୍ୱାମୀ ସ୍ତ୍ରୀଙ୍କ କଳି ଘରର ଚାରିକାନ୍ଥ ଡେଇଁ ଥାନା କୋର୍ଟ କଚେରି ଯାଏ ଗଲାଣି। ସେ ପ୍ରେମ ବିବାହ ହେଉ କି ପ୍ରସ୍ତାବ ପଡ଼ି ହେଉ ଆଜିକାଲି ହେଉଥିବା ଅଧିକାଂଶ ବାହାଘର ପ୍ରାୟତଃ ଅସଫଳ ହେଉଥିବା ଦେଖାଯାଉଛି। ବାହାଘରର କିଛି ମାସ କି ବର୍ଷ ଭିତରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ମାନ ମନାନ୍ତର ଘଟି କଥା ଛାଡ଼ପତ୍ର ଯାଏ ଯାଉଛି। ପରସ୍ପରକୁ ଭଲଭାବେ ବୁଝିବା ଓ ଗ୍ରହଣ କରିନେବାରେ ସମ୍ପର୍କ ଯେ ଦୃଢ଼ ହୋଇଥାଏ ଏକଥା ବୁଝିବାକୁ ସେମାନେ ନାରାଜ। ସମନ୍ୱୟ ଅଭାବରୁ ଆଜି ପଡ଼ୋଶୀ ଓ ବନ୍ଧୁବାନ୍ଧବଙ୍କ ମଧ୍ୟରେ ରହିଥିବା ମଧୁର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି। ଅତି ଛୋଟ ଛୋଟ କଥା ଉଗ୍ରରୂପ ଧାରଣ କରୁଛି। ଅନେକ ସମୟରେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଉଛି। ସେହିପରି ଅନେକ ପରିବାର ଭିତରେ ବାପ-ପୁଅ, ଭାଇ-ଭାଇ ଓ ଶାଶୁ- ବୋହୂଙ୍କ ଭିତରେ ସମନ୍ୱୟ ନ ରହିବା କାରଣରୁ ପରିବାର ଭିତରେ ନାନାଦି ବିଭ୍ରାଟ ଓ ବିଶୃଙ୍ଖଳା ଦେଖାଦେଉଛି। ଏହା ପାରିବାରିକ ଜୀବନକୁ କଳୁଷିତ କରିଦେଉଛି। ଗାଁ ଲୋକଙ୍କ ଭିତରେ ପୂର୍ବରୁ ଯେପରି ପାରସ୍ପରିକ ମଧୁର ସମ୍ପର୍କ ଓ ଏକତା ମନୋଭାବ ରହୁଥିଲା ଆଜି ତାହା ଆଉ ଦେଖିବାକୁ ମିଳୁନି। ଗାଁ ଭିତରେ କାହାରି ମନ କାହାକୁ ପାଉନି। ଦିନେ ଅନେକ ବଡ଼ ବଡ଼ ବାଦବିବାଦକୁ ଯେଉଁ ଗାଁର ଭଦ୍ରଲୋକ ବସି ଆପୋସ ସମାଧାନ କରି ଦେଉଥିଲେ ଏବେ ସେହି ଗାଁର ଛୋଟିଆ କଳି ଝଗଡ଼ାର ସମାଧାନ ଲାଗି ଥାନା କିମ୍ବା କଚେରିକୁ ଯିବାକୁ ପଡୁଛି। ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ଦିନେ ଗାଁର ଭୋଜିଭାତ ଠୁଁ ଆରମ୍ଭ କରି ପୁଣି ଉତ୍ସବ ଅନୁଷ୍ଠାନ ଯାଏ ସବୁକିଛି ସୁରୁଖୁରୁରେ ସମାହିତ ହେଉଥିଲା। ଏବେ କିନ୍ତୁ ଏସବୁ ପାଳନକୁ ନେଇ ବାଦବିବାଦ ଓ ଗଣ୍ଡଗୋଳ ସୃଷ୍ଟି ହେଉଛି। କେବଳ ପାରସ୍ପରିକ ସମନ୍ୱୟର ଅଭାବ ଏହାର ଏକମାତ୍ର କାରଣ ବୋଲି କୁହାଯାଇପାରେ। ଆଜିକାଲି ବିଭିନ୍ନ ସଂଘ ସମିତି, ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନ, ଧର୍ମାନୁଷ୍ଠାନ ଅଥବା କ୍ରୀଡ଼ାନୁଷ୍ଠାନଗୁଡିକ ଭିତରେ ବେଶି ବିଶୃଙ୍ଖଳା ଓ ବାଦବିବାଦ ଦେଖାଦେଉଛି। ସମନ୍ୱୟର ଅଭାବ ଯୋଗୁ ସେମାନଙ୍କ ଭିତରେ ମାନ ମନାନ୍ତର ଓ ମତାନ୍ତର ଘଟୁଥିବା ପରିଲକ୍ଷିତ ହେଉଛି। ଯାହା ଫଳରେ ଏସବୁ ବସ୍ତୁତଃ ଯେଉଁ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଛି ସେସବୁ ଲକ୍ଷ୍ୟପଥରୁ ଦୂରେଇ ଯାଉଛି।



ବର୍ତ୍ତମାନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକର ପରିବେଶ ଅଧିକ ମାତ୍ରାରେ ବିଶୃଙ୍ଖଳିତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଶିକ୍ଷକ-ଶିକ୍ଷକଙ୍କ ମନୋମାଳିନ୍ୟ ରହୁଥିବା ବେଳେ ଶିକ୍ଷକ-ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲ ସମ୍ପର୍କ ରହୁନାହିଁ। ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ସହକାରୀ ଶିକ୍ଷକଙ୍କର ସମନ୍ୱୟ ରହୁ ନ ଥିବାରୁ ଶିକ୍ଷାନୁଷ୍ଠାନଗୁଡିକରେ ଶୈକ୍ଷିକ କାର୍ଯ୍ୟକ୍ରମ ଫଳପ୍ରସୂ ହୋଇପାରୁନି। ଫଳରେ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରୁ ନାହାନ୍ତି। ସେହିପରି ବିଦ୍ୟାଳୟର ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିଦ୍ୟାଳୟରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ଅନ୍ୟାନ୍ୟ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। କେବଳ ଶିକ୍ଷାନୁଷ୍ଠାନ ନୁହେଁ ବରଂ ବ୍ଲକ, ଥାନା ଓ ତହସିଲ ଆଦି ସରକାରୀ ଦପ୍ତରଗୁଡ଼ିକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ସମନ୍ୱୟର ଅଭାବ ଯୋଗୁ ସାଧାରଣ ଲୋକଙ୍କୁ ସୁଫଳ ମିଳିପାରୁନି। ଏହିସବୁ ଦପ୍ତରର ମୁଖିଆଙ୍କ କଥା ବା ନିର୍ଦ୍ଦେଶକୁ ଅନ୍ୟମାନେ ଠିକ୍ ଢଙ୍ଗରେ ପାଳନ କରୁ ନ ଥିବା କାରଣରୁ ଦପ୍ତର ଭିତରେ ପରିଚାଳନାଗତ ତ୍ରୁଟି ଦେଖିବାକୁ ମିଳୁଛି।

କେବଳ ସେତିକି ନୁହେଁ ପ୍ରଶାସନ ଓ ପୋଲିସ ମଧ୍ୟରେ ସମନ୍ୱୟ ଅଭାବରୁ ବିଭିନ୍ନ ସଭାସମିତି, ଉତ୍ସବ ଅନୁଷ୍ଠାନ ଓ ସଚେତନତା କାର୍ଯ୍ୟକ୍ରମ ପାଳନ ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ଚରମ ବିଫଳତା ନଜରକୁ ଆସୁଛି। ଠିକ୍ ସେମିତି ତୃଣମୂଳଠାରୁ ଆରମ୍ଭ କରି ଉପରସ୍ତର ଯାଏ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ/କର୍ମଚାରୀଙ୍କ ଭିତରେ ସମନ୍ୱୟ ରକ୍ଷା ହୋଇ ନ ପାରିବା କାରଣରୁ ଅନେକ ସମୟରେ ବିଶୃଙ୍ଖଳା ଓ ବାଦବିବାଦ ସୃଷ୍ଟି ହେଉଛି। ସରକାର ପ୍ରଣୟନ କରିଥିବା ଅନେକ ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ପ୍ରଶାସନ ହାତରେ ରହିଛି। ହେଲେ ସରକାର ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ହିତାଧିକାରୀମାନେ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଅନେକ ସମୟରେ ମତ ମତାନ୍ତର ସୃଷ୍ଟି ହୋଇଥାଏ। ସେହିପରି ଦଳର ମୁଖିଆଙ୍କ ସହିତ ଅନ୍ୟ ନେତାଙ୍କ ସମନ୍ୱୟ ରକ୍ଷା ହୋଇ ନ ପାରିବା ଯୋଗୁ ମନ ଫଟାଫଟି ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ସମନ୍ୱୟ ଅଭାବରୁ ଶାସନରେ ଥିବା ଦଳୀୟ ନେତାଙ୍କ ଭିତରେ ବି ଅନେକ ସମୟରେ ମାନ ମନାନ୍ତର ଓ ବାଦ ବିବାଦ ଦେଖାଦେଇଥାଏ। କେତେବେଳେ ଦଳ ମୁଖିଆଙ୍କ ହସ୍ତକ୍ଷେପ ପରେ ଏହା ପ୍ରଶମିତ ହୋଇଥାଏ ତ ଆଉ କେତେବେଳେ ଏହା ଆୟତ୍ତ ବାହାରକୁ ଚାଲି ଯାଇଥାଏ। ଅନ୍ୟପକ୍ଷେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବା କାରଣରୁ ଅନେକ ସମୟରେ ବିବଦମାନ ପରିସ୍ଥିତ ଉପୁଜିଥାଏ। ଅନେକ ପ୍ରସଙ୍ଗ/ଅପ୍ରସଙ୍ଗକୁ ନେଇ ବିଧାନସଭା ଭିତରେ ଓ ବାହାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆକ୍ଷେପ-ପ୍ରତି ଆକ୍ଷେପ, ଆବଶ୍ୟକ ସ୍ଥଳେ ମାଡ଼ଗୋଳ ଭଳି ସ୍ଥିତି ଉପୁଜିଥାଏ। ତେଣୁ ସବୁଠି ଓ ସବୁକ୍ଷେତ୍ରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଇ ପାରିଲେ ସାଧାରଣ ଲୋକେ ଏହାର ସୁଫଳ ଭୋଗ କରିବେ ଏଥିରେ ସନ୍ଦେହ ନାହିଁ।

ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

ସକାଳ ହେଲେ ଚା' ନ ହେଲେ ନ ଚଳେ। ରାସ୍ତାକଡ଼ ଚା' ଦୋକାନ ଖୋଲିଗଲେ ସବୁଠି ଭିଡ଼ ଲାଗେ। ଚା' ଦୋକାନୀ ଲୋକଙ୍କୁ ଚା' ଦେଇଚାଲନ୍ତି। କିନ୍ତୁ ପଶ୍ଚିମବଙ୍ଗ ସାମପୁରରେ ଭିନ୍ନ ଧରଣର ଚା' ଦୋକାନ ଅଛି, ଯେଉଁଠି କୌଣସି କର୍ମଚାରୀ ନାହାନ୍ତି। ଏହାର ମାଲିକ ଅଶୋକ ଚକ୍ରବର୍ତ୍ତୀ ନାମକୁମାତ୍ର। ସ୍ଥାନୀୟ ଲୋକମାନେ ପ୍ରତିଦିନ ଏହି ଦୋକାନକୁ ଆସନ୍ତି ଓ ସେମାନେ ନିଜେ ସବୁ କାମ କରି ଚା' ପିଇ ଚାଲିଯାଆନ୍ତି। ଏହି ଦୋକାନ ୧୦୦ ବର୍ଷର ପୁରୁଣା । ଲୋକଙ୍କ ବିଶ୍ୱାସକୁ ନେଇ ଏହା ଚାଲିଛି। ଅଶୋକଙ୍କ ଚା' ଦୋକାନ ସକାଳେ ଖୋଲେ ଓ ସନ୍ଧ୍ୟା ୭ଟା ଯାଏ ଚାଲେ। ଯେଉଁମାନେ ସେଠାକୁ ଚା' ପିଇବାକୁ ଆସନ୍ତି, ସେମାନେ ପ୍ରାୟତଃ ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତି । ସେମାନେ ନିଜେ ଚା' କରି ପିଇବା ସହ ସେଠାକୁ ଆସୁଥିବା ଅନ୍ୟମାନଙ୍କୁ ମଧ୍ୟ ଚା' ଦିଅନ୍ତି ଓ ଟଙ୍କା ରଖନ୍ତି। ସେମାନେ ଦୋକାନର ବାସନ ମଧ୍ୟ ସଫା କରନ୍ତି। ବଡ଼ କଥା ହେଉଛି ଏହି ଦୋକାନରେ କେବେ ବି ବାକି ରହିବା କିମ୍ବା ବାକି ଦେବା ଦେଖିବାକୁ ମିଳିନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୭୬

- ରାଜଘାଟ ସମାଧିସ୍ଥଳୀର ବିଭିନ୍ନ ଖର୍ଚ୍ଚ ତୁଲାଇବା ବାବଦରେ କେନ୍ଦ୍ର ସରକାର ରାଜଘାଟ ସମାଧି କମିଟିକୁ ୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ହାଇକୋର୍ଟଗୁଡ଼ିକ ମଧ୍ୟରେ ମୋକଦ୍ଦମା ବଦଳି ପାଇଁ ସୁପ୍ରିମ୍‌କୋର୍ଟକୁ କ୍ଷମତା ଦେବା ନିମନ୍ତେ ସମ୍ବିଧାନରେ ବ୍ୟବସ୍ଥା ରଖିବା ଲାଗି ସ୍ୱରଣ ସିଂହ କମିଟିର ସୁପାରିଶ।
- ଆନ୍ତର୍ଜାତିକ ଅର୍ଥନୈତିକ ମାନ୍ଦାବସ୍ଥା ଭିତରେ ପ୍ରଥମ ଥର ପାଇଁ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ କାର୍ଯ୍ୟରୁ ବରଖାସ୍ତ କରାଯାଇଥିବା ଅନ୍ତର୍ଜାତିକ ଶ୍ରମିକ ସଂସ୍ଥାର ଏକ ସର୍ଭେରୁ ଜଣାପଡ଼ିଛି।

## ଚିରନ୍ତନୀ

ସହସ୍ର ଅଭାବ ମୋର ଶତ ଅପରାଧ
ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
ପୋଛିଦିଅ ଜୀବନର ସବୁ ପରମାଦ
ନିଭୃକ୍ଷଣେ ବିଶ୍ୱର ଅସୀମ ଅବସାଦ ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ବଲପୁର ଅନୁଭୂତି

ମହାଶୟ,

ଏକ ନିର୍ବନ୍ଧ ଉତ୍ସବ (ଆଜିକାର ରିଂ ସେରିମନି)ରେ ଯୋଗଦେବାକୁ ସମ୍ବଲପୁର ଯାଇଥିଲି। ସମ୍ବଲପୁରର ପୂର୍ବନାମ ହୀରାଖଣ୍ଡ, ସମ୍ବଲପୁରୀ ବସ୍ତ୍ର, ମା' ଘଣ୍ଟେଶ୍ୱରୀ, ହୀରାକୁଦ ବନ୍ଧ, ମା' ସମଲେଶ୍ୱରୀଙ୍କ ନିମନ୍ତେ ପ୍ରସିଦ୍ଧ ଏହି ଜିଲାର ବିଜୁ ଏକ୍ସପ୍ରେସ, ହାଇୱେ ନିକଟସ୍ଥ ଏକ ରିସର୍ଟରେ ଅବସ୍ଥାନ କଲା ବେଳେ ଦେଖିଲି ରାସ୍ତା ଦୁଇପାର୍ଶ୍ୱରେ ଅନେକ ଅନୁଷ୍ଠାନ କାର୍ଯ୍ୟାଳୟ ଥିଲେ ମଧ୍ୟ କାଦୁଅରେ ଲଟପଟ ହୋଇଥିଲା। ମା' ଘଣ୍ଟେଶ୍ୱରୀଙ୍କ ମନ୍ଦିରକୁ ଯାଉଥିବା ଚିପିଲିମାର ସଂକୀର୍ଣ୍ଣ ଲୁହାସେତୁରେ ଯିବା ବେଳେ ପାର୍ଶ୍ୱ ନଈର ପ୍ରଚୁର କଟକୀ ଦଳରେ ପରିପୂର୍ଣ୍ଣ। ଦର୍ଶନୀୟ ସ୍ଥାନ ଏବଂ ଏଚ୍‌ଡିପିସିର ପ୍ରକଳ୍ପ ଥାଇ ମଧ୍ୟ ଦଳ ସଫା ନ ହେବା ଦୁଃଖ ଲାଗିଲା। ପ୍ରଖ୍ୟାତ ହୀରାକୁଦ ବନ୍ଧ ଦେଖିବାକୁ ଗଲୁ। ଏକ ପାର୍ଶ୍ୱରେ ଜବାହର ମୀନାର ଉପରେ ଚଢି ହୀରାକୁଦ ବନ୍ଧ ଓ ଜଳ ବିଦ୍ୟୁତ କେନ୍ଦ୍ର ଆଦି ଦେଖି ଖୁସି ହେଲି। ହେଲେ ମୋର ମନେହେଲା ସାଂପ୍ରତିକ ସମୟରେ ଦୁଷ୍ଟ ବୁଦ୍ଧି ଆଗନ୍ତୁକ ମଣିଷମାନଙ୍କ ନିମନ୍ତେ କୌଣସି ସୁରକ୍ଷା କର୍ମୀ କିମ୍ବା ଆରକ୍ଷୀ ମୁତୟନ ନାହାନ୍ତି। ଯଦି ମୋର ମନ୍ତବ୍ୟ ସତ୍ୟ ହୋଇଥାଏ, ତାହା ହେଲେ ସେ ନେଇ ବ୍ୟବସ୍ଥା କରାଯିବା ଉଚିତ ନୁହେଁ କି ?

-ଶ୍ରୀରାମଚନ୍ଦ୍ର ଦାଶ, ସମାଜସେବୀ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଙ୍ଗ୍ରା ସରପଞ୍ଚ ଭାବେ ଦାୟିତ୍ୱ ନେଲେ ଥାମେଶ୍ୱରୀ

ତେନ୍ତୁଳିଖୁଣ୍ଟି, ୨୮।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରା ସରପଞ୍ଚ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ଥାମେଶ୍ୱରୀ ଭୋଇ। ସେ କନ୍ଦଗୁଡା ଗ୍ରାମ ୧୩ନମ୍ବର ୱାର୍ଡ ସଭ୍ୟା ଅଟନ୍ତି। ସୂଚନାନୁଯାୟୀ ଜୁଲାଇ ୨୧ରେ ହୋଇଥିବା ଅନାସ୍ଥା ଭୋଟରେ କଂଗ୍ରା ସରପଞ୍ଚ ରୁକ୍ମଣୀ ଭତରା ପରାଜିତ ହୋଇ



ନିଜ ପଦ ହରାଇଥିଲେ। ସେ ଗୋଟିଏ ବି ଭୋଟ ପାଇନଥିବା ବେଳେ ବିପକ୍ଷରେ ୧୩ ଭୋଟ ପଡ଼ିଥିଲା। ଉପଜିଲାପାଳ ନାଏବ ସରପଞ୍ଚ ଥାମେଶ୍ୱରୀ ଭୋଇଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରିଛନ୍ତି। ଦାୟିତ୍ୱ ହସ୍ତାନ୍ତର ପରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ।

# କାଦୁଅ ରାସ୍ତାରେ ଧାନତଳି ରୋଇ ପ୍ରତିବାଦ

ପାପଡ଼ାହାଣ୍ଡି, ୨୮।୭
(ସ୍ୱପ୍ନଜିତ ପଟ୍ଟନାୟକ)

ଦୀର୍ଘଦିନ ହେଲା ଶୋଚନୀୟ ହୋଇପଡ଼ିଛି ରାସ୍ତା। ବର୍ଷା ହେଲେ କାଦୁଅ ଯୋଗୁ ଯିବା ଆସିବା କଷ୍ଟକର। ଏହି ରାସ୍ତା ଦେଇ ସ୍କୁଲ ଯିବାକୁ ପିଲା ଅମଙ୍ଗ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଧ୍ୟାନ ନ ଦେବାରୁ ସୋମବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଗାଦବାକତ୍ରା ପଞ୍ଚାୟତ ଆଦିବାସୀଗୁଡ଼ା ଗ୍ରାମବାସୀ ଉକ୍ତ ରାସ୍ତାରେ ଧାନ ରୋଇ ପ୍ରତିବାଦ ଜଣାଇଛନ୍ତି। ସାହିରେ ଏକ ପକ୍କା ରାସ୍ତା ନିର୍ମାଣ ନେଇ ସେମାନେ ଦାବି କରିଛନ୍ତି।



ମହିଳାମାନେ ଧାନ ତଳି ରୋଉଛନ୍ତି।

ସୂଚନାନୁଯାୟୀ, ଏଠାରେ ପ୍ରାୟ ୩୦ ବର୍ଷ ହେବ ଜନବସତି ସ୍ଥାପନ ହୋଇଥିଲା। ଏବେ ସୁଦ୍ଧା ଗାଁରେ ପକ୍କା ରାସ୍ତାଟିଏ ନାହିଁ। ବର୍ଷା ଋତୁ ଆସିଲେ ଗ୍ରାମବାସୀଙ୍କ ଦୁଃଖ ବଢିଯାଏ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗ୍ରାମରୁ ସଦର ପଞ୍ଚାୟତ ଗାଦବା କୋତ୍ରା ଯିବାକୁ ୧ କି.ମି. ଦୂର କାଦୁଅ ଭରା ରାସ୍ତା। ମେଡିକାଲ ନେବାକୁ ହେଲେ ଟ୍ରାକ୍ଟର କିମ୍ବା ଭାରରେ ବୁହା ହେଉଥିବା କହିଛନ୍ତି। ରବିବାର ଗ୍ରାମର ଜଣେ ରୋଗୀଙ୍କୁ ଟ୍ରାକ୍ଟର ଯୋଗେ ମେଡିକାଲ ନିଆଯାଇଥିବା ଗ୍ରାମବାସୀ କହିଛନ୍ତି। ଏତେ ପରିମାଣରେ କାଦୁଅ ରହିଛି ଯେ ଚାଲିବା କଷ୍ଟକର ହେଉଛି। ଶୀଘ୍ର ପ୍ରଶାସନ ଏହି ଗାଁ ପ୍ରତି ଧ୍ୟାନ ଦେଇ ଏକ ପକ୍କା ରାସ୍ତା ନିର୍ମାଣ କରିବା, ସଦର ପଞ୍ଚାୟତ ଯିବା ରାସ୍ତାକୁ ପିଚୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସେଲ୍ଫି ନେଲା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ନାବାଳକ ଗୁରୁତର

ଚିତ୍ରକୋଣ୍ଡା, ୨୮।୭(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ଛାତ ଉପରେ ସେଲ୍ଫି ନେଲା ବେଳେ ସୋମବାର ସନ୍ଧ୍ୟା ପ୍ରାୟ ୫ଟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ନାବାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତ୍ରିନାଥ ଖିଲ(୧୭) ଓ ଉଦ୍ଧବ ଦାସ(୧୨)। ଏମାନେ ବ୍ଲକ ଅଫିସ ଛାତ ଉପରେ ଚଢି ମୋବାଇଲରେ ସେଲ୍ଫି ନେଉଥିବା ବେଳେ ହଠାତ୍ ଉଭୟେ ନିକଟରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ଉପରେ ପଡିଯାଇଥିଲେ। ପରେ ବିଦ୍ୟୁତ୍ ଆଘାତରେ ଉଭୟେ ଗୁରୁତର ହୋଇ ତଳକୁ ଖସି ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଚିତ୍ରକୋଣ୍ଡା ମେଡିକାଲକୁ ନେଇଥିଲେ । ସେଠାରେ ଉଦ୍ଧବଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ଜିଲା ଚିକିତ୍ସାଳୟକୁ ନିଆଯାଇଛି। ତ୍ରିନାଥ ଚିତ୍ରକୋଣ୍ଡା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଟିପିଏସ୍ଓଡିଏଲ୍‌ର ପରିବେଶ ସୁରକ୍ଷା ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଟିପିଏସ୍ଓଡିଏଲ କର୍ମଚାରୀ ବୃନ୍ଦ।

ବ୍ରହ୍ମପୁର,୨୮।୭(ସ୍ମୃତି ରଞ୍ଜନ ମହାଲିକ)

ମାଲକାନଗିରି ଜିଲାର ସିନ୍ଧ୍ରିମାଳ ଗ୍ରାମରେ ଟିପିଏସ୍ଓଡିଏଲ୍ ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା କରାଯାଇଛି। ବୃକ୍ଷମିତ୍ର ପଦକ୍ଷେପ ଅଧୀନରେ ଚାରାରୋପଣ କରାଯାଇଛି। ଟାଟା ସଷ୍ଟେନବିଲିଟି ମାସର ଏହା ଏକ ଅଂଶ। କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲ୍ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ ଭାଗ ନେଇ ଚାରାରୋପଣ କରିଥିଲେ। ପରିବେଶ ସଚେତନତା ବୃଦ୍ଧି ସହ ସ୍ଥାନୀୟ ଅଂଚଳରେ ଗୋଷ୍ଠୀ ନିୟୋଜନକୁ ଏହା ପ୍ରୋତ୍ସାହିତ କରିଥିଲା। ମାଲକାନଗିରି ଜିଲା ଜୈବ ବିବିଧତା ଓ ଜନଜାତି ସଂସ୍କୃତି ପାଇଁ ପରିଚିତ। ଏଣୁ କଂପାନୀ ପକ୍ଷରୁ ଜିଲାକୁ ପ୍ରାଧାନ୍ୟ ଦିଆଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ସହଭାଗିତାରେ ଏକ ସବୁଜ ପରିବେଶ ଓ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ପ୍ରତ୍ୟେକ କାର୍ଯ୍ୟରେ ସଷ୍ଟେନବିଲିଟିକୁ ଗୁରୁତ୍ୱ ଦିଆଯାଏ। ବୃକ୍ଷ ମିତ୍ର ପଦକ୍ଷେପ କେବଳ ଚାରା ରୋପଣରେ ସୀମିତ ନୁହେଁ। ଏହା ଏକ ସ୍ୱଚ୍ଛ ସବୁଜ ପରିବେଶ ଗଠନ ଦିଗରେ ସମର୍ପିତ ମନୋଭାବକୁ ଦର୍ଶାଇଥାଏ ବୋଲି ସେ କହିଛନ୍ତି।

# କୋରାପୁଟ-ଜଗଦଲପୁରକୁ ଯାତ୍ରୀବାହୀ ଟ୍ରେନ୍ ପୁନଃ ଚଳାଚଳ ଦାବି

ଜୟପୁର,୨୮।୭(ପବନ ପାଣିଗ୍ରାହୀ)

## ଷ୍ଟେଶନ ସମ୍ମୁଖରେ ବିଜେଡିର ବିକ୍ଷୋଭ

୨୭ଦିନ ହେବ ବିଶାଖପାଟଣା-କିରଣ୍ଡୁଲ ଟ୍ରେନ୍ ଲାଇନରେ କୋରାପୁଟ ଓ ଜଗଦଲପୁର ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଏହାକୁ ପୁଣି ଆରମ୍ଭ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। କୋରାପୁଟ ଜିଲାର ଜୟପୁର, କୋଟପାଡ଼, ବୋରିଗୁମ୍ମା, ବୈପାରୀଗୁଡା, କୁନ୍ଦୁରା ବ୍ଲକ, ନବରଙ୍ଗପୁର ଓ ମାଲକାନଗିରି ଜିଲା ସମେତ ଛତିଶଗଡର ଲୋକେ ଜଗଦଲପୁରରୁ ଭୁବନେଶ୍ୱର, ବିଶାଖପାଟଣା, ରାଉରକେଲାକୁ ଚଳାଚଳ କରୁଥିବା ଏକ୍ସପ୍ରେସ୍ ଓ ପାସେଞ୍ଜର ଟ୍ରେନ୍ ବନ୍ଦ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଜୟପୁର ଉପଖଣ୍ଡ ୫ଟି ବ୍ଲକ୍‌ର ବିଜେଡି କର୍ମୀ ମିଳିତ ଭାବେ ସୋମବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଷ୍ଟେଶନ ସମ୍ମୁଖରେ ଧାରଣା ଦେଇଥିଲେ। ଶୀଘ୍ର ଜଗଦଲପୁର, ଭୁବନେଶ୍ୱର, ରାଉରକେଲା ସମେତ ବାହାର ରାଜ୍ୟକୁ ଯାତାୟାତ କରୁଥିବା ଏକ୍ସପ୍ରେସ୍ ଓ ପାସେଞ୍ଜର ଟ୍ରେନ୍‌କୁ ପୁନଃ ଚଳାଚଳ କରିବାକୁ ଦାବି ହୋଇଛି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରି ଜୟପୁର ଷ୍ଟେଶନ ଦେଇ ଯାତାୟାତ କରୁଥିବା ସମସ୍ତ ମାଲବାହୀ ଟ୍ରେନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି କୁହାଯାଇଛି। ଏହି ସମ୍ବଳିତ ଏକ ଦାବିପତ୍ର ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳବିଭାଗର ସାଧାରଣ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ବିଶାଖପାଟଣା ଡିଭିଜନର ଜୈନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶ ଯେ, କୋରାପୁଟରୁ ଜଗଦଲପୁର ପର୍ଯ୍ୟନ୍ତ ସଂଯୋଗ କରୁଥିବା ରେଳଧାରଣାର ଜରତି ଓ ମାଳିଗୁଡା ଷ୍ଟେଶନ ମଧ୍ୟରେ ପ୍ରବଳ ବର୍ଷା ଯୋଗୁ ୨ ତାରିଖରେ ପାହାଡ଼ ଧସି ରେଳଧାରଣା ଉପରେ ମାଟି ଓ ବଡ ପଥର ପଡିଯାଇଥିଲା। ଏଥିଯୋଗୁ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପୂର୍ବତଟ ରେଳ ବିଭାଗ ପକ୍ଷରୁ ଏହି ଯାତ୍ରୀବାହୀ ଟ୍ରେନ ଜୟପୁର ଦେଇ ଜଗଦଲପୁର ମଧ୍ୟରେ ଚଳାଚଳ ନେଇ ବାରମ୍ବାର ତାରିଖର ପରିବର୍ତ୍ତନ କରିବା ସହ ସାଧାରଣ ଯାତ୍ରୀଙ୍କୁ ହଇରାଣ କରୁଛନ୍ତି ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଆନ୍ଦୋଳନରେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ବାଲା ରାୟ, ସୂର୍ଯ୍ୟନାରାୟଣ ରଥ, ଦୁର୍ଗାପ୍ରସାଦ ମିଶ୍ର, ନାଗୁ ଦୋରା, ବିରେନ ବିଶୋୟୀ, ହରପ୍ରସାଦ ମିଶ୍ର, ଗଣେଷ ପାଢୀ,ବି.ସୁନିତା,ଟୁଇଙ୍କେଲ ମିଶ୍ର, ବାଲିଙ୍କି ରାଓ, ଶିବ ପଟ୍ଟନାୟକ ଓ ମହେନ୍ଦ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


**GOVERNMENT OF ODISHA** No.C-751

**OFFICE OF THE ADDITIONAL CHIEF ENGINEER, P.H. CIRCLE, NAYABAZAR, CUTTACK-753004**

Ph. : 0671-2440841, E-mail : sephctc@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB) No.ACEPHCTC-03/2025-26 Dtd.24.07.2025

| Sl. No. | Name of the work | Estimated cost (Approx) |
|---|---|---|
| 1. | Augmentation of distribution system including laying of clear main from CWR to different OGRs & introduction of Zonal system, Hindol under State Plan Basudha 2024-25 | Rs.731.79 lakh |

1. Date & time of availability of bid document in the portal : 11.00 Hrs. of dt.01.08.2025 to 17.30 Hrs. of dt.18.08.2025
2. Last date/time of receipt of bids in the portal : 18.08.2025 upto 17.30 Hrs.
3. Date & time of opening of bids : 19.08.2025 at 12.30 Hrs.
4. Name and address of the Officer Inviting Bid : The Additional Chief Engineer, P.H. Circle, Nayabazar, Cuttack - 753004, Odisha, Ph. (0671)2440841, email : sephctc@gmail.com

Further details can be seen from the website www.tendersorissa.gov.in

Sd./- Addl. Chief Engineer, P.H. Circle, Cuttack

OIPR-13029/11/0011/2526

**ଚକ୍ରଧରପୁର ମଣ୍ଡଳରେ ପାର୍ସଲ ଏସ୍ଏଲ୍ଆର୍ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ପାର୍ସଲ ଏସ୍ଏଲ୍ଆର୍ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ବନ୍ଦ ସମୟ |
|---|---|---|---|---|
| ପାର୍ସଲ ଏସ୍ଏଲ୍ଆର | ପାର୍ସଲ-ଏସ୍ଏଲ୍ଆର-ଏୟୁଜି | ୦୨.୦୮.୨୦୨୫ | ୧୧.୩୦ ଘଟିକା | ୧୭.୨୦ ଘଟିକା |

ଆଗ୍ରହୀ ପକ୍ଷମାନେ ଏହାକୁ ଧ୍ୟାନରେ ରଖନ୍ତୁ ଏବଂ ସାଇଟ୍ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖନ୍ତୁ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-448) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**NCC GROUP HEADQUARTERS, CUTTACK**

1. Applications are invited from retd. offrs. of the Armed Forces for the post of Manager for CSD of NCC Gp. HQs, Cuttack.
2. **Qualifications & Terms of Employment.**
(a) Rk - Retd. Lt. Col. / Col.
(b) Age - Max 60 yrs.
(c) Min. 5 yrs experience in handling Type 'F' Cat | CSD.
(d) Knowledge of IT & Accts.
(e) Experience in HR mgt.
(f) Residing within 30 kms around Cuttack.
(g) Well versed with labour laws and policies/guidelines on CSD & QD Fund.
(h) Consolidated monthly pay of Rupees Sixty Thousand only (Rs 60,000/-) (Negotiable)
(j) Not emp. in any Govt/ Semi Govt/Pvt Org.
(k) 11 months on contractual basis (Max four tenures can be given)
3. Interested retd. offrs. to send their resume along with copy of PPO, Discharge Book & self certificate (No recordable discp award in career) to the address below:-
OIC CSD
NCC Gp HQs, Cuttack
SO-15, Cantonment Road
Near Senior Police Officers' Mess
Cuttack-753001
**e mail : gphqcuttack@nccorissa.org**
**Mob :7893123452**
4. Last date for submission of applications is **25 Aug. 2025**.

**SUBSIDIARY INTELLIGENCE BUREAU**

(Ministry of Home Affairs)
Government of India
Unit-5, Biudyut Marg, Bhubaneswar

**AUCTION NOTICE**

Sealed quotations are invited from interested bidders for the public auction of the following vehicle of Subsidiary Intelligence Bureau, Ministry of Home Affairs, Govt. of India, Bidyut Marg (Near Special Circuit House), Unit-V, Bhubaneswar-751001.

| Model/Type of Vehicle | Year of Manufacturing | Total Kms. run |
|---|---|---|
| Tata Sumo | 08/2016 | 1,44,170 |

Interested parties may inspect during office hours from **1000 hrs to 1300 hrs & 1500 hrs to 1700 hrs** on any working day on or before **12/08/2025** and submit the sealed quotations by **15:30 hrs on 12/08/2025** along with a Demand Draft (NOT A/c Payee) of **Rs. 10000/-** (Rupees ten thousand only) as Earnest Money Deposit (EMD) in favour of **"DDO, SIB Bhubaneswar"** payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for office vehicle to be auctioned" and addressed to Assistant Director/E, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2396440. Quotations will be opened in presence of members of the Auction Committee and bidders present on **12/08/2025 at 1600 hrs.** Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of auctioned vehicle, failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The Head of the Office reserves the right to cancel any bid without assigning any reason thereof.

**Sd./- Assistant Director/E**

**OFFICE OF THE EXECUTIVE ENGINEER ROAD CONSTRUCTION DEPARTMENT ROAD DIVISION, DUMKA**

CORRIGENDUM
TENDER REFERENCE No.- RCD/DUMKA/975
PR 354584 Road(25-26):D and PR 355582 Road (25-26)_D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73

**CORRIGENDUM DETAIL OF NIT**

| | | |
|---|---|---|
| 4 | Last date/Time for receipt of bids | 08.09.2025 at 10.30 A.M in place of 26.08.2025 Up to 12.00 Noon. |
| 5 | Date of Publication of Tender on website | 12.08.2025 at 10.30 A.M in place of 28.07.2025 |
| 6 | Pre Bid Meeting | 18.08.2025 at 10.30 A.M in place of 04.08.2025 at 11.00 A.M |

Other terms and conditions shall remain unchanged.

Executive Engineer
Road Construction Department,
Road Division, Dumka

PR 358355 Road(25-26)D

No.gg-18

**Government of Odisha**
**Department of Social Security & Empowerment of Persons with Disabilities**

ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି।

ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବ୍‌ସାଇଟ୍ https://ssepd.odisha.gov.in/ ରେ ଆବେଦନ କରିପାରିବେ।

Sd./- Director,
SS&EPD Department

OIPR-46001/11/0058/2526

See Career Appointment on every Wednesday & Saturday

**केन्द्रीय विद्यालय कामाख्यानगर**
मुंडीदेउली, कामाख्यानगर,
वार्ड नंबर 9, डाकघर - कामाख्यानगर,
जिला - ढेंकानाल,
ओडिशा - 759018
ई-मेल - kvkamakhyanagar@gmail.com
वेबसाइट - https://kamakshyanagar.kvs.ac.in

केन्द्रीय विद्यालय संगठन

**KENDRIYA VIDYALAYA KAMAKHYANAGAR**
Mundideuli, Kamakhyanagar,
Ward No. 9, P.O -Kamakhyanagar,
Distt. Dhenkanal, Odisha - 759018
E-mail:-kvkamakhyanagar@gmail.com
Website- https://kamakshyanagar.kvs.ac.in

**WALK-IN-INTERVIEW**

**Date-26/07/2025**

A Walk-in-Interview will be conducted in the Vidyalaya premises of **KENDRIYA VIDYALAYA KAMAKHYANAGAR** on **2nd August 2025** to prepare a panel to engage teachers on part-time contractual basis for the academic session **2025-26** as and when required basis. Interested candidates fulfilling the qualification for the posts given below may appear for interview along with their original Mark Sheets / Certificates (for verification only), Bio-data, a recent passport size photograph and a set of self-attested photocopies of all testimonials/mark sheets. For more details i.e. Bio-data/Registration form, Qualifications, Term and conditions etc. click on the link :- https://shorturl.at/yjwWR

OR scan the QR

Post required : 1) Primary Teachers, 2) Music Coach
Date : 02/08/2025, Saturday
(Registration time : 9:00 A.M. - 10 A.M.)

**Sd./- प्राचार्य / PRINCIPAL**

**यूनियन बैंक ऑफ इंडिया** **Union Bank of India**
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଜୁବୁରୀ-୨ ଶାଖା** / ଋଣଗ୍ରହୀତାମାନେ: ୧) ମେସର୍ସ ବର୍ଣ୍ଣି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି, ୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି / ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲି, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | ୨୪.୦୪.୨୦୨୫ ସୁଦ୍ଧା ଟ.୧୦,୫୨,୭୦୬.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୦୫.୨୦୨୫ / ୨୩.୦୭.୨୦୨୫ | ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୧୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲଗାଁ, ଏସ୍ଆର୍‌ଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି |
| **ଭଦ୍ରକ-୩ ଶାଖା** / ଋଣଗ୍ରହୀତା: ମେସର୍ସ ଓମ୍ ସାଇ ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତ, ସା/ପୋ: ଜଳଙ୍ଗା, ଭାୟା: ମାଧବନଗର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୮୧/ କୋ-ଓବ୍ଲିଗାଣ୍ଟମାନେ: ୧) ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତ, ୨) ଶ୍ରୀ ଶୁଭାଶିଷ ରାଉତ, ପିତା: କମଳାକାନ୍ତ ରାଉତ, ଉଭୟଙ୍କ ଠିକଣା- ୟୁ.ପି ସ୍କୁଲ ନିକଟ, କୁଆଁସ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦, ୩) ଶ୍ରୀମତୀ ଭକ୍ତିସୁଧା ରାଉତ, ସ୍ୱାମୀ: ଦେବାଶିଷ ରାଉତ, ୟୁ.ପି ସ୍କୁଲ ସମ୍ମୁଖ, କୁଆଁସ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦ | ୨୦.୦୫.୨୦୨୫ ସୁଦ୍ଧା ଟ.୨୦,୩୧,୯୭୧.୧୧ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୫.୨୦୨୫ / ୨୫.୦୭.୨୦୨୫ | ଶ୍ରୀ ଶୁଭାଶିଷ ରାଉତ, ପିତା: କମଳାକାନ୍ତ ରାଉତ, ଶ୍ରୀମତୀ ଭକ୍ତିସୁଧା ରାଉତ, ସ୍ୱାମୀ: ଦେବାଶିଷ ରାଉତ ଏବଂ ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୧୦୬/୧୯୩, ପ୍ଲଟ୍ ନଂ.: ୬୯୬, କ୍ଷେତ୍ର: ଏକର୧.୨୦ ଡିସିମିଲି, ମୌଜା: ଜଳଙ୍ଗା, ଥାନା: ଭଦ୍ରକ ଏବଂ ନଂ. ୧୧୯, ତହସିଲ: ଭଦ୍ରକ ଏବଂ ନଂ. ୧୧୯, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗୋଚର, ଦକ୍ଷିଣ: ଅନାବାଦୀ ଜମି, ପୂର୍ବ: ଭାବନା ମହାରାଣା, ପଶ୍ଚିମ: ନାଳ ଏବଂ ଅନାବାଦୀ ଜମି |

ତାରିଖ: ୨୮.୦୭.୨୦୨୫
ସ୍ଥାନ: ବାଲେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, गुमला।**
mail-rdsdgumla123@gmail.com

**अति अल्पकालीन ई–निविदा आमंत्रण सूचना**

ई– निविदा सूचना संख्या – RDD/SD/GUMLA/08/2025-26

1. कार्य की विस्तृत विवरणी:

| ग्रुप०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | Comprehensive renovation including toilet, floor, window, kitchen, door, roof, dilapidated classroom fan etc and Electrification work in Hostel of ST Residential School, Dokapath, Block-Chainpur. Dist- Gumla | 1,99,63,300.00 | 3,99,300.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि –05.08.2025
3. ई–निविदा प्राप्ति की तिथि एवं समय – दिनांक 05.08.2025 से दिनांक 20.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गुमला।
5. ई–निविदा खोलने की तिथि एवं समय – 22.08.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गुमला।
7. ई–निविदा प्रकोष्ठ का दूरभाष सं० – 06524223013 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, गुमला।

PR 358384 (Rural Development) 25-26 (D)

**Information & Public Relations Department.**
**Government of Jharkhand, Suchana Bhawan, Ranchi.**
**Annexure – I**

**Request For Proposal (RFP)**

Request for Proposal (RFP) are invited for selection of eligible reputed qualified firms/companies with sound Technical and Financial capabilities for **Selection of Event Management Agency to organize Jharkhand Tribal Festival in various states.**

1. The following table provides a quick overview of the key activities and some important information about this RFP:

| Sl. No. | Particulars | Details |
|---|---|---|
| 1.1 | RFP Reference No. | 1064 |
| 1.2 | RFP issuing Authority | Information & Public RelationDepartment (IPRD). Government of Jharkhand, Suchana Bhawan, Ranchi. |
| 1.3 | Name of the Project | Request for Proposal (RFP) are invited for **Selection of Event Management Agency to organise Jharkhand Tribal Festival in various states on turnkey basis.** |
| 1.4 | Bid submission end date and time | 02-08-2025; 03:30 PM |
| 1.05 | Date of opening of Technical Bids / RFP | 04-08-2025; 03:30 PM |
| 1.06 | Date of Presentation | On the date of opening of the technical bid. |
| 1.07 | Validation of RFP | Proposal must remain valid for 90 days after the submission Date. |
| 1.08 | EMD | INR 5,00,000/- (Five Lakh Only). To be paid online as per instructions on https://jharkhandtenders.gov.in/nicgep/app. EMD fee will be received through online mode only. Bidders can use internet banking facility. Refund will only be issued to the originated bank account used for the online payment of EMD Fee for the bidders which are not selected. Relaxation will be granted as per the Jharkhand Govt. norms. |
| 1.13 | Address of Communication | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |
| 1.14 | Details of Appellate Authority | Special Secretary, Information and Public Relations Department,Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |

The Terms & Conditions and detailed copy of the RFP document should be downloaded from our website http://prdjharkhand.in/ iprd/and https://jharkhandtenders.gov.in

Sd/-
Director
Information & Public Relations Department
Government of Jharkhand

PR 358420 IPRD (25-26)D

# ତଦନ୍ତକରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

### ପଦ୍ମପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ପଦ୍ମପୁର,୨୮।୭ (ପ୍ରଶାନ୍ତ କୁମାର କର)

ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ପଦ୍ମପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗଦେଇଥିବା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ସ୍ୱାଥି ଏସ୍ କୁମାର, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡି. ସରୋଜିନୀ ଦେବୀ, ପଦ୍ମପୁର ବ୍ଲକ ଅଧକ୍ଷା ମଣିମାଳା ଶବର ଯୋଗଦେଇ ମୋଟ ୬୦ଟି


ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଉଛି।

ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୫୩ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ପଞ୍ଜୀକରଣ ହୋଇଥିଲା । ସମସ୍ତ ଅଭିଯୋଗ ଅତିରିକ୍ତ ଜିଲାପାଳ ଗ୍ରହଣ କରିବା ପରେ ଅଭିଯୋଗଗୁଡ଼ିକୁ ତଦନ୍ତକରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲାପାଳଙ୍କ ଅବଗତ କରାଯିବାକୁ କହିଥିଲେ ।

ଅଭିଯୋଗ ଶିବିରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ଅବକାରୀ ନିରୀକ୍ଷକ ଧଳସାମନ୍ତ, ଲିଡ୍ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଜାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମପୁର ତହସିଲଦାର, ପଦ୍ମପୁର ଥାନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ସହକାରୀ ଜିଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣିର ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତାନନ୍ଦ ଲିମା, କନିଷ୍ଠ ରାଜସ୍ୱ ସହାୟକ ଲୋପାମୁଦ୍ରା ଶିବିର ପରିଚାଳନା କରିଥିଲେ ।

## ନଦୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ

ଗୁଣପୁର,୨୮।୭ ( ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବ୍ଲକ୍ ଦେଇ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ବୁଡ଼ି ସୋମବାର ଜଣେ ବୋଲବମ ଭକ୍ତଙ୍କ ମୃତ୍ୟୁ ଘଟିଛି। ମୃତ କାଉଡିଆ ହେଲେ ଗଜପତି ଜିଲା ନୂଆଗଡ ବ୍ଲକ୍ ଅନ୍ତର୍ଗତ କେ.ଝାଲର ସିଂ ଗ୍ରାମର ଦେବଦତ୍ତ ବେହେରା ଦଳେଇ(୨୧)। ପୁଟାସିଂ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କେ.ଝାଲର ସିଂ ଗ୍ରାମର ୩୦ ଜଣ ବୋଲ୍‌ବମ ଭକ୍ତଙ୍କ ସହ ଦେବଦତ୍ତ ସୋମବାର ସକାଳେ ଗୁଣପୁର ବ୍ଲକ ଭୀମପୁର ଶୈବପୀଠକୁ ଜଳ ଲାଗି ପାଇଁ ଆସିଥିଲେ । ତେବେ ଶୌଚହେବା ପାଇଁ ସେ ଭୀମପୁର ପଞ୍ଚାୟତ ଦିନବନ୍ଧୁପୁର ଘାଟକୁ ଯାଇଥିବାବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ । ସାଥିରେ ଥିବା ଅନ୍ୟ କାଉଡ଼ିଆମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀରେ ପଶି


ଦେବଦତ୍ତ ବେହେରା ଦଳେଇ।

ଖୋଜାଖୋଜି କରିଥିଲେ। ସୂଚନା ପାଇ ନୂଆଗଡ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସ୍ଥାନୀୟ ଲୋକ ମୃତଶରୀରକୁ ପାଣିରୁ ବାହାର କରିସାରିଥିଲେ। ଅଗ୍ନିଶମ କର୍ମଚାରୀ ମୃତ ଶରୀରକୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ତଦନ୍ତ ନିର୍ଦ୍ଦେଶ ଦେଲେ ନୂଆ ଜିଲାପାଳ

### ମ୍ୟାଲେରିଆରେ ଛାତ୍ରୀଙ୍କ ମୃତ୍ୟୁ ଘଟଣା

ରାୟଗଡା,୨୮।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ କୁଲି ଗ୍ରାମର ଆବାସିକ ଆଶ୍ରମ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ମ୍ୟାଲେରିଆରେ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ନୂତନ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି। ରାୟଗଡ଼ା ଜିଲାରେ ସୋମବାର କାର୍ଯ୍ୟରେ ଯୋଗଦାନ ପରେ ଜିଲାପାଳ ଆଶୁତୋଷ ଏହି ନିର୍ଦ୍ଦେଶ ଦେବା ସହ ୩ ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ କହିଛନ୍ତି। ତଦନ୍ତ କମିଟିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ଶିକ୍ଷାଧିକାରୀ ରହିଛନ୍ତି। ଏହି ୩ ଅଧିକାରୀ ବିଦ୍ୟାଳୟ ଯାଇ ତଦନ୍ତ କରିବା ସହିତ ମୃତ ଛାତ୍ରୀ ଦିବ୍ୟା ମାଣ୍ଡାଙ୍ଗିଙ୍କ ପରିବାରକୁ ମଧ ଭେଟିବେ ବୋଲି ସୂଚନା ମିଳିଛି।

ଛାତ୍ରୀ ଜଣଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ରହି କୁଲିସ୍ଥିତ ଶିକ୍ଷା ବିଭାଗର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। କିଛିଦିନ ତଳେ ତାଙ୍କୁ ଜ୍ୱର ହେବାରୁ ଦିବ୍ୟାଙ୍କୁ ହଷ୍ଟେଲରେ ୩ଦିନ ଧରି ଏଏନ୍‌ଏମ୍ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଯାଇଥିଲା । ତେବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ହେବାରୁ ଗତ ୨୪ ତାରିଖରେ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଦିବ୍ୟା ମୃତ୍ୟୁବରଣ କରିଥିଲେ।

## ବନବାସୀଙ୍କ ସଂସ୍କୃତିର ସୁରକ୍ଷା, ଅସ୍ମିତା ସଂରକ୍ଷଣ ଲକ୍ଷ୍ୟ

### ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ଆୟୋଜକ କମିଟି ଗଠିତ


ଆୟୋଜକ କମିଟିର ନୂତନ କର୍ମକର୍ତ୍ତା।

ମୁନିଗୁଡ଼ା,୨୮।୭ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ୍ ମୁନିଖୋଲ ଗ୍ରାମ ପଞ୍ଚାୟତ ସଭାଗୃହ ପରିସରରେ ବିଶ୍ୱ ଆଦିବାସୀ ଦିବସ ପାଳନକୁ ନେଇ ସୋମବାର ଏକ ବ୍ଲକ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ନେତା ଜଗନ୍ନାଥ ନୁଣ୍ଡ୍ରୁକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଶ୍ୱ ଆଦିବାସୀ ଦିବସ ପାଳନକୁ ନେଇ ବିଭିନ୍ନ କମିଟି ଗଠନ ହୋଇଥିଲା। ବନବାସୀଙ୍କ ସଂସ୍କୃତିର ସୁରକ୍ଷା, ସେମାନଙ୍କ ଅସ୍ତିତ୍ୱ ଆଉ ଅସ୍ମିତାର ସଂରକ୍ଷଣ ସହ ସେମାନଙ୍କ ବାସସ୍ଥଳୀ ବନଭୂମି, ପ୍ରକୃତିର ସୁରକ୍ଷା ଏବଂ ମୌଳିକ ଅଧିକାରକୁ ପ୍ରଭାବିତ କରିବା ପାଇଁ ଆଦିବାସୀ ଦିବସ ପାଳନ କରାଯାଉଛି ବୋଲି ଆଦିବାସୀ ନେତା ନୁଣ୍ଡ୍ରୁକା ମତପ୍ରକାଶ କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଜଗନ୍ନାଥ ନୁଣ୍ଡ୍ରୁକାଙ୍କୁ ଆୟୋଜନ କମିଟିର ସଭାପତି ଭାବେ ଚୟନ କରାଯାଇଥିଲା। ଉପ ସଭାପତି ଭାବେ ଉପେନ୍ଦ୍ର ସିକକା ଓ ରାଜୀବ ପୁଷିକା, ସାଧାରଣ ସମ୍ପାଦକ ଭାବେ ତ୍ରିପତି କିଲାକା, ସମ୍ପାଦକ ପ୍ରକାଶ କରସିକା, ଅନନ୍ତ ନୁଣ୍ଡ୍ରୁକା, କୋଷାଧକ୍ଷ ଭାବେ ସରପଞ୍ଚ ଅନନ୍ତ ନୁଣ୍ଡ୍ରୁକା, କାର୍ଯ୍ୟକାରୀ ସଭ୍ୟ ଭାବେ ଜଗା ଶବର, ଜଗନ୍ନାଥ ସିକକାଙ୍କୁ ଚୟନ କରାଯାଇଥିଲା। ସେହିପରି ଅଭ୍ୟର୍ଥନା କମିଟି ମୁଖ୍ୟ ଭାବେ ସୁନ୍ଦର ସିକକା, ସାଂସ୍କୃତିକ କମିଟି ମୁଖ୍ୟ ପାଇକ ଜାକେକା, ପ୍ରଚାରପ୍ରସାର କମିଟି ତ୍ରିପତି କିଲାକା, ପାଣ୍ଠି ସଂଗ୍ରହ କମିଟି ମୁଖ୍ୟ ଜଗା ଶବର, ଖାଦ୍ୟ ଓ ଲାଇଟ ସାଉଣ୍ଡ କମିଟି ମୁଖ୍ୟ ବେଣୁଧର ଗାଡେକା ପ୍ରମୁଖ ଚୟନ ହୋଇଥିଲେ। ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରଖି ଏହି ଦାୟିତ୍ୱ ତୁଲାଇବାକୁ ସଭାପତି ନୁଣ୍ଡ୍ରୁକା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଦିନ ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଜନଜାତି ସମ୍ପ୍ରଦାୟ ବିଭିନ୍ନ ଜନଜାତି ସାଂସ୍କୃତିକ ମଣ୍ଡଳୀ ସହ ସହର ପରିକ୍ରମା କରିବା ସହ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ସ୍ଥିରୀକୃତ ହୋଇଥିଲା। କାର୍ଯ୍ୟକ୍ରମରେ ସଞ୍ଜୀବ କାଡ୍ରାକା, ସନ୍ତୋଷ କାଡ୍ରାକା,କଳ୍ପ କୁମୁରୁକା, ସହଦେବ ପିଡ଼ିକାକା, ରଘୁପତି କାଡ୍ରାକା, ସୁମନ୍ତ ନୁଣ୍ଡ୍ରୁକା, ବିଶ୍ୱନାଥ ସିକକା, ରାହୁଲ ନୁଣ୍ଡ୍ରୁକା ପ୍ରମୁଖ ଉପସ୍ଥିତ ରହିବା ସହ ଆଲୋଚନାରେ ଭାଗନେଇଥିଲେ। ଶେଷରେ ପ୍ରକାଶ କରାସିକା ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା,୨୮।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଷ୍ଟେଶନ ପ୍ଲାଟ୍‌ଫର୍ମ ନମ୍ବର ୩ରୁ ଜିଆର୍‌ପି ଓ ଆର୍‌ପିଏଫ୍ ପୋଲିସ ୧୫କେ.ଜି. ଗଞ୍ଜେଇ ଜବତ କରିଛି। ଏଥିସହ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶର ମହମ୍ମଦ ରୋହନ(୨୪)।


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ଘଟଣାରୁ ପ୍ରକାଶ, ଜିଆର୍‌ପି ଓ ଆର୍‌ପିଏଫ୍ ପୋଲିସ ମିଳିତ ଭାବେ ସୋମବାର ରେଳ ଷ୍ଟେଶନ ପରିସରରେ ଯାଞ୍ଚକରିବା ସମୟରେ ରୋହନଙ୍କ ଉପରେ ସନ୍ଦେହ ହେବାରୁ ପଚରାଉଚୁରା କରିଥିଲେ । ତାଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସେ ଧରିଥିବା ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରୁ ଗଞ୍ଜେଇ ବାହାରିଥିଲା। ପୋଲିସ ରୋହନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ଏହି ଯାଞ୍ଚ ବେଳେ ଜିଆର୍‌ପି ପୋଲିସ ବିଭାଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଆଇଆଇସି ବିଜୟ କୁମାର ବେକ୍, ଏସ୍‌ଆଇ ଆଲୋକ କୁମାର ନାୟକ, ମାଣିକ ଚନ୍ଦ୍ର ଗୌଡ଼ଙ୍କ ସମେତ ଆର୍‌ପିଏଫ୍‌ର ଏସ୍‌ଆଇ ସରୋଜ କୁମାର ବାରିକ ଏବଂ ବିନୋଦ କୁମାର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ରୋହନ ଏହି ଜବତ ଗଞ୍ଜେଇ ଉତ୍ତରପ୍ରଦେଶ ନେଇ ଯାଉଥିବା ତଦନ୍ତରୁ ଜଣାପଡ଼ିଥିବା ଜିଆର୍‌ପି ପୋଲିସ ସୂଚନା ଦେଇଛି।

## ପରିବେଶ ସୁରକ୍ଷା ସଚେତନତା ପାଇଁ ଗ୍ରୀନ୍ ରାଲି

ଗୁଣପୁର,୨୮।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଦ୍ୟାନିକେତନ ପବ୍ଲିକ ସ୍କୁଲ ତରଫରୁ ପରିବେଶ ସଚେତନତା ବୃଦ୍ଧି ପାଇଁ ଏକ ଗ୍ରୀନ୍ ରାଲି ଆୟୋଜିତ ହେଇଥିଲା। ଏହି ଶୋଭାଯାତ୍ରାରେ ଛାତ୍ରୀଛାତ୍ର ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ପରିବେଶ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୁବୁଦ୍ଧି ସୁମନ ଓ ମନୋଜ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପରିବେଶ ସୁରକ୍ଷା ନେଇ ଗ୍ରୀନ୍ ରାଲିରେ ଲୋକଙ୍କୁ ସଚେତନ କରାଯାଉଛି।

## ଗଞ୍ଜେଇ ଜବତ ମାମଲା, ୨ ନିର୍ଦ୍ଦୋଷରେ ଖଲାସ

ଗୁଣପୁର,୨୮।୭ (ପ୍ରଦୀପ କୁମାର ପାଢ଼ୀ)

୪୧୯ କେ.ଜି. ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣିକରି ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟ ସାକ୍ଷ୍ୟ ପ୍ରମାଣ ଅଭାବରୁ ସୋମବାର ୨ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏଡିଜେ ଦେବଦତ୍ତ ପଟ୍ଟନାୟକ ଏହି ରାୟ ପ୍ରକାଶ କରିଛନ୍ତି।

ମାମଲାରୁ ଜଣାଯାଏ, ୨୦୨୪ ଫେବୃଆରୀ ୫ରେ ଗୁଡ଼ାରି ପୋଲିସ ପକ୍ଷରୁ ଗୁମୁଡ଼ା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଗୁଡ଼ାରି ଛକରେ ଗୋଟିଏ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଅଟକାଇ ଗାଡ଼ିରେ ବସିଥିବା ୨ ଜଣଙ୍କୁ ପଚରାଉଚରା କରିଥିଲେ। ସେମାନେ ଠିକ୍ ଉତ୍ତର ଦେଇ ନ ପାରିବାରୁ ପୋଲିସର ସନ୍ଦେହ ହେବାରୁ ଗାଡ଼ିକୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡ଼ି ଡାଲାରେ ୧୨ଟି ଜରି ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୪୧୯.୨୬୦ କେଜି ଗଞ୍ଜେଇ ସହ ଗାଡ଼ିକୁ ଜବତ କରିଥିଲା। ଏଥିସହ ୨ଜଣ ଅଭିଯୁକ୍ତ ଯଥା ଗଞ୍ଜାମ ଜିଲା ସୋରଡା ଥାନା ଅଧୀନ ଖିଲବାଡ଼ି ଗ୍ରାମର ସଞ୍ଜୟ ରଇତ ଏବଂ ଗଜପତି ଜିଲା ଅଡବା ଥାନା ଅଧୀନ ପାଲକୁଆ ଗ୍ରାମର ଅଜିତ ରଇତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର ଗୁଣପୁର ଏଡିଜେଙ୍କ କୋର୍ଟରେ ହୋଇଥିଲା। ସରକାରଙ୍କ ପକ୍ଷରୁ କୃଷ୍ଣଚନ୍ଦ୍ର ସେନାପତି ଏବଂ ଅଭିଯୁକ୍ତଙ୍କ ପାଇଁ ଭାଗୀରଥି ବାଙ୍ଗାରି ମାମଲା ପରିଚାଳନା କରୁଥିଲେ।

## ଗୁମୁଡ଼ା ଥାନା ଏଏସ୍‌ଆଇଙ୍କ ପରଲୋକ

ବିଷମକଟକ,୨୮।୭ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡା ଜିଲା ଗୁମୁଡା ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ମନୋରଞ୍ଜନ ସେନାପତିଙ୍କ ବିଷମକଟକସ୍ଥିତ ବାସଭବନରେ ସୋମବାର ଅପରାହ୍ନ ପ୍ରାୟ ୨.୩୦ରେ ମୃତ୍ୟୁ ଘଟିଛି। ମନୋରଞ୍ଜନ ପ୍ରଥମେ ମୁନିଗୁଡା ଥାନାରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ପରେ ତାଙ୍କର କଲ୍ୟାଣସିଂପୁର ଥାନାକୁ ଏଏସ୍‌ଆଇ ଭାବେ ପଦୋନ୍ନତି ହୋଇଥିଲା। ଏବେ କିଛି ଦିନ ତଳେ ତାଙ୍କର ଗୁମୁଡା ଥାନାକୁ ବଦଳି ହୋଇଥିଲା। ତେବେ ସେ ଅସୁସ୍ଥ ଅନୁଭବ କରିବାରୁ ଟ୍ରେନିଂରେ ଛୁଟି ନେଇ ବିଷମକଟକ ତାଙ୍କ ଘରକୁ ଆସି ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ବିଷମକଟକ ବିଧାୟକ ନିଳମାଧବ ହିକକା, କଂଗ୍ରେସ ନେତା ଦିଲୀପ ପଟ୍ଟନାୟକ, ବିଜେଡି ନେତା ପୃଥ୍ୱୀରାଜ ସାହୁ, ବିଷମକଟକ ବିଜେଡି ବ୍ଲକ ସଭାପତି



ଦେବୀ ପଟ୍ଟନାୟକ, ସୁଧୀର କୁମାର ଦାସ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଷମକଟକ ବିଡିଓ ଶିବ ପଟ୍ଟନାୟକ, ତହସିଲଦାର କେ ଭେଙ୍କେଟେଶ୍ୱର ରେଡ୍ଡି, ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ, ମୁନିଗୁଡା ଥାନା ଅଧିକାରୀ ସୌଦାମିନ ବେହେରା, ବିଷମକଟକ ଏସ୍‌ଡିପିଓ ସନ୍ତୋସିନି ଓରାମ, ଭୁବନେଶ୍ୱର ଏସ୍‌ଡିପିଓ ଆକାଶ କୁମାର ସାହୁ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି।

## ନୂତନ ଜିଲାପାଳ ଆଶୁତୋଷଙ୍କ କାର୍ଯ୍ୟରେ ଯୋଗଦାନ

ରାୟଗଡ଼ା,୨୮।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ନୂତନ ଜିଲାପାଳ ଭାବେ ଆଶୁତୋଷ କୁଲକର୍ଣ୍ଣି ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଆଶୁତୋଷ ପୂର୍ବରୁ ସୁନ୍ଦରଗଡ଼ ଜିଲାରେ ଅତିରିକ୍ତ ଜିଲାପାଳ ପରେ ରାଉରକେଲା ମହାନଗର ନିଗମ କମିଶନର ତଥା ରାଉରକେଲା ସ୍ମାର୍ଟ ସିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟରତ ଥିଲେ । ଜିଲାପାଳ ଆଶୁତୋଷ କାର୍ଯ୍ୟରେ ଯୋଗଦେବା ପରେ କାର୍ଯ୍ୟାଳୟର ଚିନ୍ତନ କକ୍ଷଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହାପରେ ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାରଙ୍କ ସହ ଆଲୋଚନାକରି ଜନସାଧାରଣଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ଆଶୁତୋଷ କାର୍ଯ୍ୟରେ ଯୋଗଦାନ କରିବା ସମୟରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର, ଉପଜିଲାପାଳ ରମେଶ କୁମାର ଜେନା, ସହକାରୀ ଜିଲାପାଳ ନିର୍ମଳ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ସାବତ, ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, କଲ୍ୟାଣସିଂହପୁର ବିଡିଓ ମନୀଷା ଦାଶ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।



ନୂଆ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

## ସହକାରୀ ଶିକ୍ଷକଙ୍କ ବିୟୋଗ

ଚନ୍ଦ୍ରପୁର,୨୮।୭ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାସ୍ଥିତ ସରକାରୀ ଏସ୍‌ଏସ୍‌ଡି ବିଦ୍ୟାଳୟର ସହକାରୀ ଶିକ୍ଷକ ଜନାର୍ଦ୍ଦନ ଶବରଙ୍କ ସୋମବାର କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ ରକ୍ତଚାପ ସମସ୍ୟାରେ ପୀଡିତ ହୋଇ ଗତ ଗୁରୁବାର ପ୍ରଥମେ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ଯାଇ ଚିକିତ୍ସିତ ହେଉଥିଲେ। କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ଚନ୍ଦ୍ରପୁର ଏସ୍‌ଏସ୍‌ଡି ବିଦ୍ୟାଳୟର ଶିକ୍ଷକ ପ୍ରଦୀପ ଚୌଧୁରୀ ସୂଚନା ଦେଇଛନ୍ତି। ତାଙ୍କ ମୃତ୍ୟୁ ଖବର ଶୁଣି ମଙ୍ଗଳ ବିଭାଗର ସମସ୍ତ ଶିକ୍ଷକ ଶୋକ ପ୍ରକାଶ କରିଛନ୍ତି।

## ଗଣେଶପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ମୁନିଗୁଡ଼ା,୨୮।୭(ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ା ଗୌଡ଼ସାହି ବୀରବିକ୍ରମ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ସ୍କୁଲ ନିକଟ ପଡ଼ିଆରେ ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୌରୋହିତ୍ୟ ଓ ସନ୍ତୋଷ ସାହୁଙ୍କ ସହଯୋଗରେ ପ୍ରଥମେ କଳସ ସ୍ଥାପନ କରିବା ସହ ବିଭିନ୍ନ ପୂଜାର୍ଚ୍ଚନା ପରେ ଖୁଣ୍ଟିରେ ଲାଲରଙ୍ଗର କପଡ଼ା ସହ ପୂଜା ହୋଇଥିବା କଳସକୁ ଖୁଣ୍ଟିରେ ବନ୍ଧାଯାଇଥିଲା। କର୍ତ୍ତା ଭାବେ କମିଟି ସଦସ୍ୟ ସମାଧାନ ଦାସ କାର୍ଯ୍ୟ ତୁଲାଉଥିଲେ। ଚଳିତ ବର୍ଷ ୫୦ ତମ ଗଣେଶପୂଜା (ଗୋଲ୍ଡେନ ଜୁବିଲି) ଅନୁଷ୍ଠିତ ହେଉଥିବାରୁ ସବୁ ବର୍ଷ ଅପେକ୍ଷା ଏ ବର୍ଷ ବହୁ ଆଡମ୍ବରରେ ପୂଜା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ପୂଜା କମିଟିର ସଦସ୍ୟ ପ୍ରକାଶ କର, କୁନୁ ପାତ୍ର, ଜଟିଆ ଭାଇ, ଅଗଷ୍ଟ ମାଝି, ମଙ୍ଗଳା ଦଳେଇ, ସୁମନ ପ୍ରଧାନ, ରଞ୍ଜିତ ବନଛୋର, ଦିଲୀପ ଶବର,ଶିବ ପଣ୍ଡା, ଦିବାକର ସ୍ୱାଇଁ, ପରମାନନ୍ଦ ବନଛୋର, ପଙ୍କଜ ମହାରଣା, ରାଧାରମଣ ଦାସ, ରାଜୀବ ଲୋଚନ ଦାସ, ମାନସ ବେହେରା, ସ୍ୱାଗତ ସୌମ୍ୟ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଯୁବ ସଂସ୍କାର କାର୍ଯ୍ୟକ୍ରମ

ରାୟଗଡା, ୨୮।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ସରସ୍ୱତୀ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବୈଦିକ ଦର୍ଶନ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ସୀମାଞ୍ଚଳ ପାଳ ଯୋଗଦେଇ ବୈଦିକ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ସେହି ଦର୍ଶନକୁ ନିଜର ଜୀବନଶୈଳୀରେ ଆପଣେଇଲେ ଜୀବନ ସୁନ୍ଦର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପକ ପି. ଅରୁଣ କୁମାର ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଯୁବସଂସ୍କାର କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ପ୍ରିୟଦର୍ଶିନୀ ବଳ, ସହ ସଂଯୋଜିକା ସୁଶ୍ରୀ ସ୍ନେହାଞ୍ଜଳି ପାଣ୍ଡେ ଓ ପି ବିନୟ ପରିଚାଳନା କରିଥିଲେ। ଯୁକ୍ତ ତିନି ପ୍ରଥମ ବର୍ଷର ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ।

## ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ 'ନିରୋଗଶାଳା'

ରାୟଗଡା,୨୮।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ କାଶୀପୁର ବ୍ଲକ୍ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। କମ୍ପାନୀର ସିଏସ୍‌ଆର ବିଭାଗ ପକ୍ଷରୁ ଦୁର୍ଗମ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କୁ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନସେବା ଯୋଗାଇ ଦେବାକୁ 'ନିରୋଗଶାଳା' ପ୍ରଚଳନ ହୋଇଛି । କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକଞ୍ଚ ଏବଂ ଗୋପିନାଥପୁର ଆଦି ଦୂର ଦୂରାନ୍ତ ଗ୍ରାମରେ ଡିସ୍ପେନସାରୀ ସ୍ଥାପନ କରାଯାଇଛି। ପ୍ରାୟ


ଦୁର୍ଗମ ଅଞ୍ଚଳରେ ଥିବା ଡିସ୍ପେନସାରୀରେ ରୋଗୀଙ୍କ ଚିକିତ୍ସା କରାଯାଉଛି।

୨୦ ହଜାର ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି । ଏହି ଅବସରରେ ୟୁଏଆଇଏଲ ୟୁନିଟ ହେଡ ରବି ମିଶ୍ର କହିଛନ୍ତି, ନିରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା । ଏହି ସମସ୍ତ ଦୁର୍ଗମ ସ୍ଥାନରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟି ହେଲେ ବିନା ସହାୟତାରେ ମାଇଲ ମାଇଲ ଚାଲିଚାଲି ଯିବାକୁ ପଡିଥାଏ । ଏଣୁ ସୁବିଧା ଅଭାବରୁ କୌଣସି ଜୀବନହାନି ଯେଭଳି ନ ହୁଏ ତାହା ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ। ପ୍ରତ୍ୟେକ ନିରୋଗଶାଳାରେ ରୋଗ ନିରୂପଣକାରୀ ମେଶିନ, ଆମ୍ବୁଲାନ୍ସ ଏବଂ ଓପିଡି ସୁବିଧା ରହିଛି। ପ୍ରତ୍ୟେକ କେନ୍ଦ୍ରରେ ମାସିକ ହାରାହାରି ୭୦୦ରୁ ୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ବୋଲି ମିଶ୍ର ପ୍ରକାଶ କରିଛନ୍ତି । ଏହି ଅବସରରେ ମାଇକଞ୍ଚ ପଞ୍ଚାୟତ ସରପଞ୍ଚ ମନ୍ତ୍ରରାମ ମାଝୀ କହିଛନ୍ତି ଆମ ପଞ୍ଚାୟତର ଜନସାଧାରଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ସେମାନେ ଡାକ୍ତରୀ ଚିକିତ୍ସା କରାଇବାକୁ ଅସମର୍ଥ । ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଏବଂ ଜୀବନ ରକ୍ଷାକାରୀ ଔଷଧ ଆବଶ୍ୟକ ସମୟରେ ବିନା ମୂଲ୍ୟରେ ଯୋଗାଇ ଦେଉଥିବାରୁ ସେ ୟୁଏଆଇଏଲକୁ ଧନ୍ୟବାଦ ଜଣାଇଛନ୍ତି।

# ଫ୍ରଡ୍ କଲ୍ ମାଧ୍ୟମରେ ୪ ହଜାର ଟଙ୍କା ଠକେଇ

ନବରଙ୍ଗପୁର,୨୮।୭(ସଦାଶିବ ପ୍ରହରାଜ)


ପ୍ରିନ୍ସିପାଲଙ୍କ ସହ ଛାତ୍ରୀଛାତ୍ର, ଅଭିଭାବକମାନେ ଆଲୋଚନା କରୁଛନ୍ତି।

ନୂଆ ନୂଆ ରାସ୍ତା ଆପଣାଇ ଲୋକଙ୍କୁ ଠକୁଛନ୍ତି ସାଇବର ଅପରାଧୀ। ଏ ନେଇ ବାରମ୍ବାର ସଚେତନ କଲେ ମଧ୍ୟ ଲୋକେ ଚେତୁ ନ ଥିବାରୁ ଏଭଳି ଘଟଣା ମଧ୍ୟ ବଢ଼ି ଚାଲିଛି। ରବିବାର ନବରଙ୍ଗପୁର ଜିଲା ସଦରରୁ ଏପରି ଏକ ସାଇବର ଠକେଇ ଘଟଣା ସାମ୍ନାକୁ ଆସିଛି। ନବରଙ୍ଗପୁର ମହିଳା କଲେଜରେ ନାମ ଲେଖାଇଥିବା ଜଣେ ଛାତ୍ରୀଙ୍କ ବାପାଙ୍କୁ ରବିବାର ଏକ ଫୋନ୍ କଲ୍ ଆସିଥିଲା। ତୁରନ୍ତ ୪ ହଜାର ଟଙ୍କା ନ ହେଲେ ଝିଅ କଲେଜରେ ପଢ଼ିପାରିବ ନାହିଁ ବୋଲି କହିଥିଲେ। ଛାତ୍ରୀଙ୍କ ବାପା ୪ ହଜାର ଟଙ୍କା ପଠାଇବା ପରେ ଆଉ ଫୋନ୍ ଲାଗି ନ ଥିଲା। ସୋମବାର କଲେଜକୁ ଆସି ଏ ସମ୍ପର୍କରେ ବୁଝାବୁଝି କରିବା ପରେ ସେ ସାଇବର ଅପରାଧର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

ସୂଚନାନୁଯାୟୀ, ନବରଙ୍ଗପୁର ଟାପାକରିଆଗୁଡ଼ା ଅଞ୍ଚଳର ଈଶ୍ୱର ଗୌଡ଼ଙ୍କ ଝିଅ ସରସ୍ୱତୀ ଚଳିତ ବର୍ଷ ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ କଳାରେ ନାମ ଲେଖାଇଛନ୍ତି। ଏନେଇ ୭ ହଜାର ଟଙ୍କା ମଧ୍ୟ ମହାବିଦ୍ୟାଳୟରେ ଜମାକରି ରସିଦ ନେଇଛନ୍ତି। ରବିବାର ଈଶ୍ୱରଙ୍କ ପାଖକୁ ଏକ ଫୋନ୍ କଲ୍ ଆସିଥିଲେ। ଫୋନ୍‌ରେ ଥିବା ଜଣେ ବ୍ୟକ୍ତି ନିଜକୁ ମହିଳା ମହାବିଦ୍ୟାଳୟର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ୪ ହଜାର ଟଙ୍କା ଜମା ନ କଲେ ସରସ୍ୱତୀଙ୍କ ତୁମ ପଞ୍ଜୀକରଣ ନମ୍ବର କଟିଯିବ ବୋଲି କହିଥିଲେ। ଏହାପରେ ଟଙ୍କା ପଠାଇବାକୁ ୨ଟି କ୍ୟୁଆର୍ କୋଡ୍ ପଠାଇଥିଲେ। ଝିଅ ଭବିଷ୍ୟତ ନଷ୍ଟ ହୋଇଯିବା ଭୟରେ ଈଶ୍ୱର ତାଙ୍କ ବଡ଼ଭାଇ ସଦାଶିବଙ୍କ ମୋବାଇଲରୁ କ୍ୟୁଆର୍ କୋଡ୍ ସ୍କାନ୍‌କରି ୨ ହଜାର ଟଙ୍କା ଲେଖାଏ ଦୁଇଥର ୪ ହଜାର ଟଙ୍କା ପଠାଇଲେ। ଏହାପରେ ଉକ୍ତ ନମ୍ବରରେ ଫୋନ କରିବାରୁ ତାହା ଆଉ ଲାଗି ନ ଥିଲା। ରବିବାର କଲେଜ ଛୁଟି ଥିବାରୁ ସୋମବାର ଈଶ୍ୱର ଆସି ପ୍ରିନ୍ସିପାଲଙ୍କୁ ଏ ସମ୍ପର୍କରେ ପଚାରିଥିଲେ। କଲେଜ ପକ୍ଷରୁ କୌଣସି ଫୋନ୍ କଲ୍ ଯାଇ ନ ଥିବା ପ୍ରିନ୍ସିପାଲ ସ୍ନେହଲତା ପଣ୍ଡା କହିଥିଲେ। ସରସ୍ୱତୀ ଯୁକ୍ତ ୨ ପ୍ରଥମ ବର୍ଷରେ ୭ ହଜାର ଟଙ୍କା ଦେଇ ଜଏନ୍ କରିଛନ୍ତି। ରସିଦ ମଧ୍ୟ ଦିଆଯାଇଛି। କ୍ଲାସ୍ ଆରମ୍ଭ ହେଲେ ପଢ଼ିବାକୁ ଆସିବ ବୋଲି କହିଥିଲେ। ଘଟଣା ସମ୍ପର୍କରେ ନବରଙ୍ଗପୁର ଥାନାଧିକାରୀ ଓ ସାଇବର ସେଲ୍‌କୁ ଫୋନ୍‌କରି ଅବଗତ କରାଯାଇଛି। କ୍ଲାସ୍ ରୁମ୍‌ରେ ଛାତ୍ରୀମାନଙ୍କୁ ମଧ୍ୟ ଫ୍ରଡ୍ କଲ୍ ସମ୍ପର୍କରେ ଜଣାଇ ଦିଆଯାଇଛି। କେହି ବି ଏପରି ଫୋନ୍ କଲ୍ ପାଇଲେ ୧୯୩୦ରେ ଅଭିଯୋଗ କରିବାକୁ କୁହାଯାଇଛି। ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଶବିର ଅହମ୍ମଦ କଲେଜକୁ ଆସି ତଦନ୍ତ କରିଛନ୍ତି।

## ଜଳଲାଗି କରିବାକୁ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼


ମନ୍ଦିର ବାହାରେ କାଉଡ଼ିଆଙ୍କ ଭିଡ଼।

ଡାବୁଗାଁ, ୨୮।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଶ୍ରାବଣ ମାସର ୩ୟ ସୋମବାରରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ କେଲିଆ ଶୈବପୀଠରେ ସକାଳୁ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼ ଜମିଥିଲା। ଭୋର ପ୍ରାୟ ୩ଟାରେ କେଲିଆ ଶୈବପୀଠରେ ଭକ୍ତମାନେ ପହଞ୍ଚି ଧାଡ଼ି ବାନ୍ଧି ବାବା ଝାଡ଼େଶ୍ୱର ମହାଦେବଙ୍କ ଉପରେ ଜଳାଭିଷେକ ସହ ପୂଜାର୍ଚ୍ଚନା କରିଥିଲେ। ଶାନ୍ତିଶୃଙ୍ଖଳାର ସହ କାଉଡ଼ିଆମାନେ ଜଳ ଲାଗି କରିବା ସହ ଦର୍ଶନ କରିଥିଲେ। ଏହାସହ ଡାବୁଗାଁ, ବିରିସୋଲା, ବାଘବେଡ଼ା ଓ ଜୁନାପାଣି ଶିବମନ୍ଦିରରେ ମଧ୍ୟ କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଦାବିପତ୍ର

ନନ୍ଦାହାଣ୍ଡି, ୨୮।୭, (ପ୍ରତୀପ କୁମାର ଦାଶ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀଙ୍କ ଉପସ୍ଥିତିରେ ନନ୍ଦାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ ବ୍ଲକର ଶିକ୍ଷକମାନେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ନନ୍ଦାହାଣ୍ଡି ବ୍ଲକରେ କାର୍ଯ୍ୟରତ ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ଏକ ଶୋଭାଯାତ୍ରାରେ ବାହାରି ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୟୁଏଏସ୍ ପ୍ରଚଳନକୁ ସ୍ଥଗିତ ରଖିବାକୁ ଏଥିରେ ଉଲ୍ଲେଖ ରହିଛି। ଏବିଇଓ ହରିହର ବେହେରା ଦାବିପତ୍ର ଗ୍ରହଣ କରିଥିଲେ। ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦିଆଯାଇଛି। ଏହାକୁ ଦାବିପତ୍ରକୁ ଏଇଇ ଶଙ୍କର ବୁଡ଼େକ ଗ୍ରହଣ କରିଥିଲେ। ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯିବ ବୋଲି ଉଭୟ ଅଧିକାରୀ ସୂଚନା ଦେଇଛନ୍ତି।


ଅଧିକାରୀମାନେ ଦାବିପତ୍ର ଗ୍ରହଣ କରୁଛନ୍ତି।

## ୨୪ ଅଭିଯୋଗର ଶୁଣାଣି କଲେ ଜିଲାପାଳ, ଏସ୍‌ପି


ସହାୟତା ପାଇଥିବା ହିତାଧିକାରୀଙ୍କ ସହ ଜିଲାପାଳ, ଏସ୍‌ପି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କୋଷାଗୁମୁଡ଼ା, ୨୮।୭ (ପ୍ରସାଦ ବିଷୋୟୀ)

**ହିତାଧିକାରୀଙ୍କୁ ଦିଆଗଲା ୧୭ ହୁଇଲଚେୟାର, ୬ ଟ୍ରାଇ ସାଇକେଲ**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମିନି ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଯଦୁମଣି ନାୟକ, ପ୍ରକଳ୍ପ ପ୍ରଶାସକ,ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ରାଜୀବ ଲୋଚନ ସାହୁ, ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୨୪ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୬ ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୧୭ ହୁଇଲ ଚେୟାର ଓ ୬ ଟି ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

## ପୁଅ ହତ୍ୟା ଅଭିଯୋଗରେ ବାପାଙ୍କୁ ୧୦ବର୍ଷ କାରାଦଣ୍ଡ

ନବରଙ୍ଗପୁର,୨୮।୭ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଓ ଦୌରାଜଜ୍ ସୁବ୍ରତ ମହାନ୍ତି ସୋମବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଜଗେଶ୍ୱର ନାୟକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ୫ ହଜାର ଟଙ୍କାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦେୟରେ ୧ ବର୍ଷ ଅଧିକ କାରାଦଣ୍ଡ ଭୋଗିବେ ବୋଲି କୁହାଯାଇଛି।

ସୂଚନାନୁଯାୟୀ, ତେନ୍ତୁଳିଖୁଣ୍ଟିଥାନା ଧଣ୍ଡରା ଗାଁରେ ୨୦୨୪ ଏପ୍ରିଲ ୨୭ ରାତି ୮ଟାରେ ଜଗେଶ୍ୱର ନାୟକ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ପରିବା ଅନ୍ୟମାନଙ୍କ ସହ ପାଟିତୁଣ୍ଡ କରିଥିଲେ। ବଡ଼ ପୁଅ ଦେବ ବାପାଙ୍କୁ ବୁଝାଶୁଝା କରିବାବେଳେ ଜଗେଶ୍ୱର କୁକୁଡା କାଟିବା କାତିରେ ଦେବଙ୍କ ଛାତିରେ ଭୁସି ଦେଇଥିଲେ। ବାପାଙ୍କ ହାତରୁ କାତି ଛଡ଼ାଇବା ଉଦ୍ୟମ କରୁଥିବା ବେଳେ ସାନପୁଅ ଅଭିମନ୍ୟୁଙ୍କୁ ମଧ୍ୟ ସେ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲାମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତୃତୀୟ ପୁଅ ପାର୍ଥ ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ଜଗେଶ୍ୱରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୨୩ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି ଜିଲା ଓ ଦୌରା ଜଜ୍ ରାୟ ଶୁଣାଇଛନ୍ତି। ମାମଲାଟିକୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ପରିଚାଳନା କରୁଥିଲେ।

## ଯୁକ୍ତ ୨ କଳା ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଏମଭି–୭୯, ୨୮।୭(ଭିକି ବାରିକ)

**ଶ୍ୟାମାପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି ୭୯ ଡ. ଶ୍ୟାମାପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ସଭାରେ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମିଶ୍ର ଅଧ୍ୟକ୍ଷତାକରି ଛାତ୍ରୀଛାତ୍ରଙ୍କୁ ନୂତନ ଶିକ୍ଷାବର୍ଷ ୨୦୨୫–୨୬କୁ ସ୍ୱାଗତ ଜଣାଇବା ସହ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଓ କଠିନ ପରିଶ୍ରମକରି ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମେଘନାଥ ବେହେରା ଓ ରବି ଶଙ୍କର ବାରିକ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ଚନ୍ଦନ ଓ ପୁଷ୍ପ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବସନ୍ତ କୁମାର ବିଶ୍ୱାଳ, ଲୋକନାଥ ମହାକୁଡ଼ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଇଂଲିଶ ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଡ଼ି ଧକ୍କାରେ ୨ ମୃତ: ଡ୍ରାଇଭର ଫେରାର

ବୋରିଗୁମ୍ମା,୨୮।୭(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ପଞ୍ଚାୟତ ଖୁଡ଼ିଗୁଡ଼ା ଗାଁ ଫୁଣ୍ଡାଗୁଡା ରାସ୍ତାରେ ଗାଡ଼ି ଧକ୍କାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଫେରାର ରହିଛନ୍ତି। ମୃତକମାନେ ହେଲେ ବୋରିଗୁମ୍ମାର ରହିତେଶ୍ୱର ବେହେରା ଓ ଫଣ୍ଡାଗୁଡ଼ା ଗ୍ରାମର ଗୋପାଳ ହରିଜନ। ସୂଚନା ଅନୁଯାୟୀ, ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ରହିତେଶ୍ୱର ଓ ଗୋପାଳ ଛିଡ଼ା ହୋଇଥିବା ବେଳେ ଜୟପୁର ପଟୁ ଆସୁଥିବା ଏକ ଗାଡ଼ି(ଓଡି୧୦ଡ୍ରାଇ୬୯୮୪) ନିୟନ୍ତ୍ରଣ ହରାଇ ହଠାତ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବୋରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା କରିଥିବା ଗାଡ଼ି ଡ୍ରାଇଭର ଓ ସେଥିରେ ବସିଥିବା ଯାତ୍ରୀ ଫେରାର ରହିଛନ୍ତି। ଗାଡ଼ିକୁ ପୋଲିସ ଜବତ କରି ୧୫୬/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବିଭିନ୍ନ ଶୈବପୀଠରେ କାଉଡ଼ିଆ, ଭକ୍ତଙ୍କ ଭିଡ଼


କାଉଡିଆମାନେ ପୂଜାର୍ଚ୍ଚନା କରୁଛନ୍ତି।

କୋରୁକୋଣ୍ଡା,୨୮।୭(ଶିବଦତ୍ତ ସାହୁ)

- ଶ୍ରାବଣ ତୃତୀୟ ସୋମବାର
- ୨ଶହରୁ ଊର୍ଦ୍ଧ୍ୱ ଶିଶୁ କାଉଡ଼ିଆଙ୍କ ଜଳଲାଗି

ଶ୍ରାବଣ ତୃତୀୟ ସୋମବାର ପାଇଁ ବାଲିମେଳା ସହର ସମେତ କାରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠରେ କାଉଡିଆଙ୍କ ସମେତ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ବାଲିମେଳା ସହରରେ ଥିବା ଆଖଣ୍ଡଳମଣି ମନ୍ଦିର, ଶିବମନ୍ଦିର, କୋରୁକୋଣ୍ଡା ବ୍ଲକ ଅଧୀନ ସୁବଳେଶ୍ୱର ଶୈବପୀଠ, ଟେକଗୁଡ଼ାରେ ଥିବା ଜଳେଶ୍ୱର ଶିବମନ୍ଦିର,କଣ୍ଡେଲ ଗ୍ରାମ ଶିବମନ୍ଦିର, ନୀଳାଦ୍ରିନଗର ଗଣେଶ ମନ୍ଦିର, ନାକାମାମୁଡି ପଞ୍ଚାୟତ ଖଡ଼ିକାଯୋଡିରେ ଥିବା ନୀଳକଣ୍ଠେଶ୍ୱର,ବାଲିମେଳା ଛକରେ ଥିବା ରାଜଲିଙ୍ଗେଶ୍ୱର,ତାର୍ଲାକୋଟାରେ ନିକଟରେ ଥିବା ସିଦ୍ଧେଶ୍ୱର, କାମ୍ପେଡାରେ ଥିବା ଶୈବପୀଠ ଏବଂ ପୁରୁଣା ଓର୍କେଲରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରେ ସୋମବାର ଶତାଧିକ କାଉଡିଆ ଏବଂ ଭକ୍ତଙ୍କ ଭିଡ଼ ଜମିଥିଲା। ନାକାମାମୁଡି ପଞ୍ଚାୟତ ବିଭିନ୍ନ ଗ୍ରାମର ପ୍ରାୟ ୪୦ ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ମାନସିକଧାରୀ ଗ୍ରାମ ନିକଟସ୍ଥ ଖଡ଼ିକାଯୋଡ଼ି ନଦୀରେ ପୂଜାର୍ଚ୍ଚନା କରିବା ପରେ ପାଣି ଉଠାଇ ଚିତ୍ରକୋଣ୍ଡା ବ୍ଲକ୍ ଟନେଲ କ୍ୟାମ୍ପ ଡାଇକ୍–୧ ଗ୍ରାମ ନିକଟ ଡ୍ୟାମ୍ ପାର୍ଶ୍ୱରେ ଥିବା ଶୈବପୀଠରେ ପୂଜାର୍ଚ୍ଚନା ସହ ଜଳ ଲାଗି କରିଥିଲେ। ସେହିପରି ଉପରୋକ୍ତ ସମସ୍ତ ଶିବମନ୍ଦିରରେ ବାଲିମେଳା ଓ କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଗ୍ରାମର କାଉଡ଼ିଆମାନେ ସେମାନଙ୍କର ନିକଟସ୍ଥ ଶିବ ମନ୍ଦିରରେ ଜଳ ଲାଗି କରିଥିଲେ। ବାଲିମେଳା ସହରରୁ ପ୍ରାୟ ୨୦୦ ଶିଶୁ ଚିତାପାରି ନଦୀ ନିକଟରେ ପୂଜାର୍ଚ୍ଚନା ପରେ ପାଣି ଉଠାଇ ବାଲିମେଳା ସହରସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇ ସେଠାରୁ ପ୍ରାୟ ଦୀର୍ଘ ୫ କି.ମି. ଦୂର ବାଲିମେଳା–ଜୟପୁର ମୁଖ୍ୟ ରାସ୍ତାରେ ଥିବା ରାଜଲିଙ୍ଗେଶ୍ୱର ମନ୍ଦିରରେ ଜଳଲାଗି କରିଥିଲେ।

## ମିଲିକେଶ୍ୱର ଶୈବ ପୀଠରେ କାଉଡ଼ିଆଙ୍କ ଜଳାଭିଷେକ

ମାଲକାନଗିରି, ୨୮।୭( ଗୌରୀ ଶଙ୍କର ପଣ୍ଡା )

ଶ୍ରାବଣ ତୃତୀୟ ସୋମବାରରେ ମାଲକାନଗିରି ଜିଲାର ବିଭିନ୍ନ ଶୈବ ପୀଠରେ ୧୦ହଜାରରୁ ଊର୍ଦ୍ଧ୍ୱ କାଉଡିଆ ଓ ଅନ୍ୟାନ ଭକ୍ତ ଜଳାଭିଷେକ କରିଛନ୍ତି। କାଉଡ଼ିଆଙ୍କ ଭିଡ଼ରେ ସତ୍‌ସଙ୍ଗବିହାରଠାରୁ ମିଲିକେଶ୍ୱର କଲୋନୀ ରାସ୍ତା ଜାମ୍ ହୋଇଯାଇଥିଲା। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଛତିଶଗଡ଼ ଓ ପଡୋଶୀ ସୁକ୍‌ମା ଜିଲାରୁ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ସାବେରୀ, ସିଲେରୁ,ତମସା ଓ ସପ୍ତଧାରା ନଦୀରୁ ଜଳ ଆଣି ମାଲ୍ୟବନ୍ତ ଶିଖକୁ ଚଢି ମିଲିକେଶ୍ୱର ମହୁଲ ଲାକଟା ପୀଠରେ ଜଳାଭିଷେକ କରି ଭୋଗ ଲଗାଇଥିଲେ। ସେହିପରି ଗୋଇପର୍ବତ କଳାପାହାଡରେ ହରଗୌରୀ ମନ୍ଦିର, ଯଦୁଗୁଡା ମୁକୁଟେଶ୍ୱର, ତଳସାହି, ଶିବାନନ୍ଦ ଆଶ୍ରମ, ନୀଳକଣ୍ଠେଶ୍ୱର ଓ ବଟକେଶ୍ୱର ମନ୍ଦିରରେ ମଧ୍ୟ ଜଳାଭିଷେକ ପାଇଁ କାଉଡିଆଙ୍କ ଭିଡ଼ ଲାଗିଥିଲା।



ଜଳାଭିଷେକ କରିବାକୁ ଯାଉଛନ୍ତି କାଉଡିଆ ।

## ତେନ୍ତୁଳିଗୁମ୍ମାରୁ କୋରାପୁଟକୁ ବସ୍ ଚଳାଚଳ ଦାବି

ମାଥିଲି,୨୮।୭(ସୁବାସ ଚନ୍ଦ୍ର ଖୁଡୁପିଆ)

କୋରାପୁଟ ଜିଲା ତେନ୍ତୁଳିଗୁମ୍ମାକୁ କୋରାପୁଟ ସହ ସଂଯୋଗ କରିବା ପାଇଁ ଓଡ଼ିଶା ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ବସ୍ ଚଳାଇବାକୁ ଦାବି ହେଉଛି। ବର୍ତ୍ତମାନ ତେନ୍ତୁଳିଗୁମ୍ମା–କୋରାପୁଟ ସହର ମଧ୍ୟରେ ସିଧାସଳଖ ସାଧାରଣ ପରିବହନ ସେବା ନାହିଁ। ଫଳରେ ଅନେକ ଲୋକଙ୍କୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେନ୍ତୁଳିଗୁମ୍ମା, କିଆଙ୍ଗ, ଗୋବିନ୍ଦପାଲି, ବୈପାରିଗୁଡ଼ା, ଜୟପୁର ଓ କୋରାପୁଟ ଆଦି ସ୍ଥାନକୁ ଯାତାୟାତ କରୁଥିବା ଲୋକଙ୍କ ଲାଗି ସୁବିଧା ହେବ । ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ଏହି ରୁଟ୍‌ରେ ବସ୍ ଚଳାଚଳ ଲାଗି ପଦକ୍ଷେପ ନେବାକୁ ସ୍ଥାନୀୟ ନେତା ହଳଧର ପୂଜାରୀ, ଜୟନ୍ତ ବେହେରା,ବାଦଲ ବିଷୋଇ ପ୍ରମୁଖ ଦାବି କରିଛନ୍ତି ।

## ପଡ଼ିଆରେ ଯୁଗ୍ମ ଅଭିଯୋଗ ଶୁଣାଣି

ପଡିଆ, ୨୮।୭(ଭାସ୍କର ରାଓ)

ପଡିଆ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବୈଠକ କରାଯାଇଥିବା ବେଳେ ପଡିଆ ବ୍ଲକର ୮ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ଓ ଗମନାଗମନକୁ ନେଇ ୩୬ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅବସରରେ ପଡିଆ ବ୍ଲକ ଅନ୍ତର୍ଗତ କାଲଦାପଲ୍ଲୀ ଗ୍ରାମ ରାସ୍ତା, ଏମ୍‌ପିଭି ୫୬ ଗ୍ରାମ ରାସ୍ତା ଦୀର୍ଘଦିନ ଧରି କାଦୁଅ ହୋଇଥିବାରୁ ଏହାର ମରାମତି, ଏମ୍‌ଭି ୫୭ ଗ୍ରାମ ରାସ୍ତା ନିର୍ମାଣ ସହିତ ବିଭିନ୍ନ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଥିବା ସ୍ଥାନକୁ ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକୁ ଗ୍ରହଣକରି ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ଓ ଏସପି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ବିଡିଓ ଅଶ୍ୱିନୀ କୁମାର ମହାପାତ୍ର, ବ୍ଲକ ଅଧ୍ୟକ୍ଷ କଲ୍ୟାଣ ବିଶ୍ୱାସ ଓ ବ୍ଲକ ବିଧାୟକଙ୍କ ପ୍ରତିନିଧି ମନଦୀପଙ୍କର ରାୟଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ ।


ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

## ନାବାଳିକାଙ୍କୁ ଅପହରଣ, ବଳାତ୍କାର: ଅଭିଯୁକ୍ତ ଗିରଫ

କୋରାପୁଟ,୨୮।୭(ଅମିତାଭ ବେହେରା)

ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ କୋରାପୁଟ ଟାଉନ ଥାନା ପୋଲିସ ଅଭିଯୁକ୍ତ ସୁଶୀଲ ହରିଜନଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। କୋରାପୁଟ ପୂଜାରିପୁଟ ବେବର୍ତ୍ତା କଲୋନୀର ସୁଶୀଲ ୨୬ ତାରିଖ ରାତିରେ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇ ଏକ କାର ଭିତରେ ବଳାତ୍କାର କରିଥିଲେ। ନବାଳିକାଙ୍କୁ ନ ପାଇ ପରଦିନ ତାଙ୍କ ମା’ବାପା ଟାଉନ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୁଶୀଲ ବ୍ୟବହାର କରିଥିବା କାର ଜବତ କରାଯାଇଛି। ସବ୍‌ଇନ୍ସପେକ୍ଟର ରଞ୍ଜିତ ମିଶ୍ର ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ

କୋରୁକୋଣ୍ଡା,୨୮।୭(ଶିବଦତ୍ତ ସାହୁ)

**ଲିଫ୍ଟ ବାହାନାରେ ନାବାଳିକାଙ୍କୁ ବଳାତ୍କାର ଘଟଣା**


କୋର୍ଟ ଚାଲାଣ ହୋଇଥିବା ଦୟା ମାଢ଼ି ।

ମାଲକାନଗିରି ଜିଲା ଓର୍କେଲ ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଗତ ଶନିବାର ଓର୍କେଲ ପୋଲିସ ଗିରଫ କରିଥିଲା। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ ହେଲେ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧୀନ ସିରିପେଟା ଗ୍ରାମର ଦୟା ମାଢ଼ି। ଏ ନେଇ ନଂ.୨୦୦/୨୫ ଦଫା–୧୩୭(୨)/୬୫(୧)/୩୫୧(୨)(୩)ବିଏନ୍‌ଏସ୍‌୪(୨)ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ମାମୁଘରେ ରହୁଥିଲେ। ସେ ମାମୁଙ୍କ ଘରୁ ନିଜ ଘରକୁ ଗତ ୧୪ ତାରିଖରେ ଯାଇ ୨୦ ତାରିଖରେ ଫେରୁଥିଲେ। ବାଟରେ ଜଣେ ବାଇକ୍ ଚାଳକ ତାଙ୍କୁ ମାମୁଘରେ ଛାଡ଼ି ଦେବେ ବୋଲି କହି ନେଇଥିଲେ। ତେବେ ବାଇକ୍ ଚାଳକ ଦୟା ନାବାଳିକାଙ୍କୁ ପ୍ରବର୍ତ୍ତାଇ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇବାକୁ ନେଇଯାଇଥିଲେ। ସେଠାରୁ ଫେରିବା ବେଳକୁ ସନ୍ଧ୍ୟା ହେବାରୁ ସେ ହାତୀଆମ୍ବ ଗ୍ରାମ ନିକଟ ଜଙ୍ଗଲରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ତେବେ ଏନେଇ ପୀଡ଼ିତାଙ୍କ ମାମୁ ଶନିବାର ଓର୍କେଲ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉକରି ଅଭିଯୁକ୍ତଙ୍କୁ ଧରିଥିଲା।

## ସଂକ୍ଷେପରେ

### କାର୍ଯ୍ୟରେ ଯୋଗଦେଲେ କୋରାପୁଟ ନୂତନ ଜିଲାପାଳ

କୋରାପୁଟ,୨୮।୭(ଅମିତାଭ ବେହେରା)

କୋରାପୁଟ ଜିଲାର ନୂତନ ଜିଲାପାଳ ଭାବେ ମନୋଜ ସତ୍ୟବାନ ମହାଜନ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସୁନ୍ଦରଗଡ଼ ଜିଲାର ଜିଲାପାଳ ଥିଲେ। ଜିଲାରେ ଚାଲିଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତକରି ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଅବଲମ୍ବନ ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନେଇ ଗୁରୁତ୍ୱ ରହିବ ବୋଲି ସେ କହିଛନ୍ତି। ଜନସାଧାରଣଙ୍କ ନିକଟରୁ ଆସୁଥିବା ଅଭିଯୋଗଗୁଡିକ ଶୀଘ୍ର ସମାଧାନ କରିବା ଉପରେ ପ୍ରାଥମିକତା ରହିବ ବୋଲି କହିଥିଲେ। ବିଭିନ୍ନ ବିକାଶମୂଳକ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ନେଇ ତାଙ୍କର ଫୋକସ ରହିବ। ଜିଲାରେ ଚାଲୁଥିବା ପ୍ରକଳ୍ପଗୁଡ଼ିକ ଠିକ୍ ସମୟରେ ଶେଷ ହେବା ନେଇ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ନିର୍ଯାତନା ଅଭିଯୋଗ: ଶିକ୍ଷକ ଗିରଫ

ଜୟପୁର,୨୮।୭(ପବନ ପାଣିଗ୍ରାହୀ)

ଜୟପୁରର ଏକ ଘରୋଇ କଲେଜର ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ଜଣେ ପିଇଟି ଶିକ୍ଷକ ନିର୍ଯାତନା ଦେଉଥିବା ଅଭିଯୋଗରେ ଟାଉନ ପୋଲିସ ଶିକ୍ଷକଙ୍କୁ ସୋମବାର ଗିରଫ କରିଛି। ସୂଚନା ଅନୁଯାୟୀ, କିଛି ଦିନ ହେବ ଶିକ୍ଷୟିତ୍ରୀଙ୍କୁ ପିଇଟି ଶିକ୍ଷକ ଅଶ୍ଳୀଳ ମ୍ୟାସେଜ୍ ଦେବା ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରୁଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପିଇଟି ଶିକ୍ଷକଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ଉଲ୍ଲାସ ରାଉତ କହିଛନ୍ତି।

### ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ
#### ୨ ଦିନ ଧରି ନିଖୋଜ ଥିଲେ

କୋରାପୁଟ,୨୮।୭ (ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ରଙ୍ଗବାଲି କୁମ୍ଭା ଗ୍ରାମରୁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ସୋମବାର ମିଳିଛି। ମୃତକ ହେଲେ ଗାଁର ମାଧବ ଜାନିଙ୍କ ସାନପୁଅ ପିଣ୍ଟୁ। ସେ ୨ ଦିନ ତଳୁ ନିଖୋଜ ଥିଲେ। ସୂଚନାନୁଯାୟୀ, ମାଧବଙ୍କର ୨ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସାନପୁଅ ପିଣ୍ଟୁ ଗାଁ ବିଦ୍ୟାଳୟ ରେ ୬ଷ୍ଠ ଶ୍ରେଣୀ ଛାତ୍ର। ତେବେ ପିଣ୍ଟୁ ଗୁଟୁଖା ଖାଉଥିବା ଓ ବ୍ୟାଗରେ ରଖିଥିବା ନେଇ ବଡ଼ ଭାଇ ବାବୁଲ ଶନିବାର ଦେଖିଥିଲଲେ। ଏ ନେଇ ବାପାଙ୍କୁ କହିବ ବୋଲି ବାବୁଲ ପିଣ୍ଟୁଙ୍କୁ କହିଥିଲେ। ସେହିଦିନ ସ୍କୁଲ ଛୁଟି ପରେ ପିଣ୍ଟୁ ଘରକୁ ନଯାଇ କେଉଁଆଡ଼େ ପଳାଇଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରିବା ସହ କୋରାପୁଟ ପୋଲିସକୁ ଖବର ଦେଇଥିଲେ। ସୋମବାର ଗାଁ ପିଲାମାନେ ଛତୁ ତୋଳିବାକୁ ଯାଇଥିବାବେଳେ ଘର ପଛପଟେ ପିଣ୍ଟୁଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପିଣ୍ଟୁଙ୍କୁ ଦେଖି ଟାଉନ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ୩୬ ଅଭିଯୋଗ ଶୁଣିଲେ ଜିଲାପାଳ

- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି
- ସ୍କୁଲ, ମନ୍ଦିର ନିକଟରେ ଆମିଷ ବିକ୍ରି ବନ୍ଦ କରିବାକୁ ଦାବି

ଜୟପୁର/କୋରାପୁଟ,୨୮।୭(ପବନ ପାଣିଗ୍ରାହୀ/ଅମିତାଭ ବେହେରା)



ନୂତନ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଦାୟିତ୍ୱ ନେବା ପରେ ପ୍ରଥମ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ। ୨୭ ବ୍ୟକ୍ତିଗତ ଓ ୯ ଗୋଷ୍ଠୀଗତ ମୋଟ ୩୬ ଅଭିଯୋଗର ସେ ଶୁଣାଣି କରିଥିଲେ। ଶୁଣାଣିରେ ଏସ୍‌ପି ରୋହିତ ବର୍ମା, ଆଇଏଏସ ପ୍ରଭୋସନାରି ସନ୍ତୋଷ ପାତ୍ର, ଜିଲା ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ବେଣୁଧର ଶବର, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଏସ୍‌ଡିପିଓ ପାର୍ଥ କଶ୍ୟପ, ଜିଲା ଚିକିତ୍ସାଧିକାରୀ ରବିନ୍ଦ୍ର ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣା ଫାୟାର ଷ୍ଟେଶନ ଘୋଡାଶାଳ ପଡିଆ ସନ୍ଧ୍ୟାରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ପାଚେରି ସହ ଗେଟ୍ ନିର୍ମାଣ କରିବାକୁ ୧୦ ବର୍ଷ ହେବ ଦାବି ହୋଇଛି। କିନ୍ତୁ ଏଯାଏ ହୋଇ ନ ଥିବା କୃଷ୍ଣ କେଶବ ଷଡଙ୍ଗୀ ଅଭିଯୋଗ କରିଥିଲେ। ଜୟପୁର ସହରର ସ୍କୁଲ ଓ ମନ୍ଦିର ନିକଟରେ ମାଛ ମାଂସ ବିକ୍ରି ବନ୍ଦ କରିବାକୁ ଦାବି ହୋଇଥିଲା। ମୁଣ୍ଡିଗୁଡା ବାରିଣିପୁଟ ପଞ୍ଚାୟତର ଓସିସି କଲୋନୀ ୨ଶହ ପରିବାର ଘର ଡିହ ପାଇଁ ଦାବି କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ସମୟ ଧରି ଏହି କଲୋନୀରେ ବାସ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଘର ଡିହ ପଟ୍ଟା ମିଳିନାହିଁ। ୨୦୧୯ରେ ୨୫୦ ହିତାଧିକାରୀଙ୍କ ପାଇଁ ସରକାରଙ୍କ ନିକଟରେ ଘର ଡିହ ନେଇ ଗୁହାରି କରାଯାଇଥିଲା। କିନ୍ତୁ ସରକାର ମାତ୍ର ୪୯ ପରିବାରଙ୍କୁ ଘରଡିହ ପଟ୍ଟା ୬ ମାସ ପୂର୍ବରୁ ୨ ସେଣ୍ଟ ଲେଖାଁଏ ଗୋଟିଏ ପରିବାରକୁ ପ୍ରଦାନ କରିଥିଲେ। ବଳକା ୨ ଶହ ପରିବାରକୁ ଘରଡିହ ମିଳିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ପରିବାରଙ୍କୁ ଶୀଘ୍ର ପଟ୍ଟା ଦିଆଯିବାକୁ ଦାବି କରିଥିଲେ। ଜୟପୁର ନଗରିକ କମିଟି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା, ମୁଖ୍ୟ ଡାକ ଘରେ ରେଳ ଟିକେଟ କାଉଣ୍ଟର ସହ ଅସରେଲେଟର ଲଗାଇବା, ରାତ୍ରକାଳୀନ ଡାକ ବୁକିଂ କାଉଣ୍ଟର ସ୍ଥାପନା କରିବା, ଟାଙ୍କୁଆଠାରୁ ରେଳ ଷ୍ଟେଶନ ଯାଏ ଟାଉନ ବସ୍ ଚଳାଚଳ କରିବା, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଜୟପୁର ପୌରପାଳିକାରେ ଦେବା, ମହିଳାଙ୍କ ପାଇଁ ଶୌଚାଳୟ ନିର୍ମାମ କରିବା ନେଇ କମିଟି ସଭାପତି ବିନୋଦିନି ସାନ୍ତ୍ରା ପାତ୍ର, ସମ୍ପାଦକ ଜି. ଭେଙ୍କଟ ରେଡ୍ଡୀ, ଜି.ଭି. ରାଓ, ସାନ ଚୌଧୁରୀ ଓ ସୁବାସ ପଣ୍ଡା ପ୍ରମୁଖ ଦାବି କରିଥିଲେ। ଜୟପୁର ନୂଆସାହି ପ୍ରଥମ ଲାଇନର ଶିବ ଶଙ୍କର ମହାପାତ୍ର ଓ ଭାଗ୍ୟ ଲକ୍ଷ୍ମୀ ମହାପାତ୍ର ପୁଅର ଚିକିତ୍ସା ପାଇଁ ଦ୍ୱାରସ୍ତ ହୋଇଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି

ନନ୍ଦପୁର/ପାଡୁଆ,୨୮।୭ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଦୁର୍ଗମ ହାତୀବାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ମୁକ୍ତା ଶୀସା, ସମିତିସଭ୍ୟ ଲାଇବଦର ଗେମେଲ, ସମସ୍ତ ୱାର୍ଡ ସଭ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା ଓ ବ୍ଲକ୍‌ର ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତବାସୀ ହରିଡାଗୁଡାଠାରୁ ନୂଆପୁଟ ଘାଟ କଟିଂ ରାସ୍ତା, ନୂଆଗାଁରୁ ଗିଲାଗୁଣ୍ଡା ରାସ୍ତା, ଆଶ୍ରମପୁଟରୁ ଆମଟଗୁଡା ରାସ୍ତା, ପଇଲାଡ଼ିପୁଟରୁ ନନ୍ଦିଗୁଡ଼ା ରାସ୍ତା, ନୂଆପୁଟରୁ ଡଙ୍ଗପଦର ରାସ୍ତା ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଆଶ୍ରମପୁଟ ଠାରୁ ଗିର୍ଲିଗୁଡ଼ା ରାସ୍ତାରେ କଲଭର୍ଟ ନିର୍ମାଣ କରିବାକୁ ଦାବି ହୋଇଥିଲା। କଣ୍ଡରା, ନୂଆପୁଟ ଓ ନୂଆଗାଁ ଗ୍ରାମରେ ପାନୀୟଜଳ ସମସ୍ୟା ଦୂରୀକରଣ ସହ ନନ୍ଦୀଗୁଡ଼ା, ଗିଲାଗୁଣ୍ଡା, ନୂଆପୁଟ, ହରିଡାଗୁଡା ଓ କଣ୍ଡରା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ପାନୀୟଜଳ ପ୍ରକଳ୍ପ ସ୍ଥାପନ ନେଇ ଅନୁରୋଧ କରିଥିଲେ। ନନ୍ଦିଗୁଡ଼ା ଓ ହରିଡାଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଛାତରୁ ପାଣି ଗଳୁଥିବାରୁ ମରାମତି ଓ ରୋଷେଇ କକ୍ଷ ନିର୍ମାଣ କରିବାକୁ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ୮ଟି ଅଭିଯୋଗ ପତ୍ର ପଞ୍ଜୀକରଣ କରାଯାଇଛି। ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।

# ୨ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ କୋରାପୁଟ ବିଧାୟକ



ବିଧାୟକ ରଘୁରାମ ମାଛ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ବାଇପାସ୍ ରାସ୍ତା ପ୍ରକଳ୍ପକୁ ଅନୁମୋଦନ ଦେବାକୁ ଦାବି**

କୋରାପୁଟ,୨୮।୭(ଅମିତାଭ ବେହେରା)

କୋରାପୁଟ ବାଇପାସ ରାସ୍ତା ପ୍ରକଳ୍ପ କାର୍ଯ୍ୟର ଅନୁମୋଦନ ପାଇଁ କୋରାପୁଟ ବିଧାୟକ ରଘୁରାମ ମାଛ ଦିଲ୍ଲୀରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଜୟରାମ ଗଡକରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୋମବାର ଭେଟିଛନ୍ତି। ଜିଲାର ୨୬ନଂ ଜାତୀୟ ରାଜପଥ ଉପରେ ମେଣ୍ଡାଗୁଡ଼ାରୁ ଖରାଗୁଡ଼ା ଛକ ପର୍ଯ୍ୟନ୍ତ ବାଇପାସ ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇବାକୁ ସେ ଅନୁରୋଧ କରିଛନ୍ତି। ୨୫ ବର୍ଷ ଧରି କୋରାପୁଟ ସହରର ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ବାଇପାସ ନିର୍ମାଣ ନେଇ ଲୋକେ ଦାବି କରୁଛନ୍ତି। ଭାରୀ ଯାନବାହାନ ଯାତାୟାତ ଯୋଗୁ ୨ ପୌରପାଳିକା ଅଞ୍ଚଳ ଓ ଜିଲା ମୁଖ୍ୟାଳୟ ପ୍ରଭାବିତ ହେଉଥିବାରୁ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ବିଧାୟକ ମାଛ ଅନୁରୋଧ କରିଛନ୍ତି। କୋରାପୁଟ ବାଇପାସ୍ ରାସ୍ତାର ନକ୍ସାକୁ ସଂଲଗ୍ନ କରି ସେ ଏକ ଚିଠି ପ୍ରଦାନ କରିଛନ୍ତି। ଏହି ବାଇପାସ ରାସ୍ତା ନିର୍ମାଣ ହେଲେ ଲୋକଙ୍କ ଲାଭ ହେବା ସହ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। ଏହି ସମୟରେ କୋରାପୁଟ ଲୋକସଭା ଭାଜପା ପ୍ରାର୍ଥୀ କାଳୀରାମ ମାଝୀ ଉପସ୍ଥିତ ଥିଲେ।

# ବର୍ଷେ ହେବ ସୌରଚାଳିତ ପ୍ରକଳ୍ପ ଅଚଳ

ନନ୍ଦପୁର/ପାଡୁଆ,୨୮।୭ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

**ବିଦ୍ୟୁତ୍ ନ ଥିବାରୁ ଗ୍ରାମବାସୀ ହନ୍ତସନ୍ତ**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ହାତୀବାରି ପଞ୍ଚାୟତ ନନ୍ଦୀଗୁଡା ନୂଆଗାଁର ଗ୍ରାମବାସୀ ବିନା ବିଦ୍ୟୁତ୍ ଓ ପାନୀୟଜଳରେ ହଇରାଣ ହେଉଛନ୍ତି। ଗାଁରେ ୪ ମାସ ହେବ ବିଦ୍ୟୁତ୍ ନ ଥିବା ବେଳେ ୫୦ ପରିବାରକୁ ପାନୀୟଜଳ ଯୋଗାଉଥିବା ସୌରଚାଳିତ ପ୍ରକଳ୍ପ ବର୍ଷେ ହେବ ଅଚଳ ହୋଇପଡ଼ିଛି। ୪ ମାସ ତଳେ ସ୍ଥାପିତ ବିଦ୍ୟୁତ୍ ଟ୍ରାନ୍ସଫର୍ମର କୌଣସି କାରଣରୁ ପୋଡ଼ି ଯାଇଥିବାରୁ ଗ୍ରାମବାସୀ ଅନ୍ଧାରରେ ଜୀବନ କାଟୁଥିବା ଗ୍ରାମର ୱାର୍ଡ ସଭ୍ୟ ଗୋପୀନାଥ ଖରା, ପୂର୍ବତନ ସରପଞ୍ଚ ସମରାଜ ପାଙ୍ଗୀ, ଶିବ ଖରା, ପୀତମ୍ ଖରା ଓ ହାତୀରାମ ଖରା ପ୍ରମୁଖ କହିଛନ୍ତି। ୨ ପ୍ରକଳ୍ପ ମରାମତି କରିବାକୁ ପଞ୍ଚାୟତ, ବ୍ଲକ୍ ପ୍ରଶାସନ ସମେତ ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଲିଖିତ ଓ ମୌଖିକ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା କହିଛନ୍ତି। ବ୍ଲକ୍ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପାନୀୟଜଳ ଓ ବିଦ୍ୟୁତ୍ ସମସ୍ୟା ଦୂରକରିବା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଅଭିଯୋଗ ସମ୍ପର୍କରେ ବ୍ଲକ୍ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ କାହ୍ନୁଚରଣ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଦିନେ ଦୁଇଦିନ ମଧ୍ୟରେ ଗ୍ରାମ ପରିଦର୍ଶନ କରି ସୌରଚାଳିତ ପ୍ରକଳ୍ପର ମରାମତି ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଟିପିଏସ୍‌ଓଡିଏଲ୍ ଯନ୍ତ୍ରୀ ପ୍ରଭୁ ମଲ୍ଲିକ କିଛି ବନ୍ୟଜନ୍ତୁ ଶିକାରୀ ଦୁର୍ବୃତ୍ତ ଉକ୍ତ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ଚୋରି କରିବା ବେଳେ ଶର୍ଟ ସର୍କିଟ ହୋଇ ପୋଡ଼ିଯାଇଥିଲା। ବିଭାଗକୁ ଅବଗତ କରାଯାଇଛି। ଗ୍ରାମବାସୀଙ୍କୁ ସଚେତନ କରାଯାଇ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରାଯିବ ବୋଲି ସୂଚନା ଦେଇଛନ୍ତି।



ଅଚଳ ସୌରଚାଳିତ ପ୍ରକଳ୍ପ,ବିଦ୍ୟୁତ୍ ଟ୍ରାନ୍ସଫର୍ମର।

# ବିବାହ ପ୍ରଲୋଭନ ପ୍ରତାରଣା, ଯୁବକ ଗିରଫ

ଜୟପୁର,୨୮।୭(ପବନ ପାଣିଗ୍ରାହୀ)

ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିବା ଅଭିଯୋଗରେ ଜୟପୁର ଟାଉନ ପୋଲିସ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ନୂଆସାହି ୪ର୍ଥ ଲାଇନର ସୁଶାନ୍ତ ପୁଜାରୀ(୩୩)। ସୂଚନା ଅନୁଯାୟୀ, କିଛି ଦିନ ହେବ ସୁଶାନ୍ତ ଜୟପୁରର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରିରିକ ସମ୍ପର୍କ ରଖିଥିଲେ। ଯୁବତୀ ବିବାହ କରିବାକୁ ବାଧ କରିବାରୁ ସୁଶାନ୍ତ ମନା କରିଦେଇଥିଲେ। ଏ ନେଇ ଯୁବତୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା।

# ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇଲେ ଲୋକେ

ସେମିଳିଗୁଡା,ସୁନାବେଡା,୨୮।୭ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)



ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇଛନ୍ତି।

**ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆରମ୍ଭ ହେଲା ଶୁଣାଣି**

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ୍ ଖୁଡ଼ି ପଞ୍ଚାୟତରେ ସୋମବାର ଜନଶୁଣାଣି ହେବାକୁ ଥିବା ବେଳେ ଲୋକେ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଛି। ସେମିଳିଗୁଡ଼ା ବ୍ଲକ୍ ବିଡିଓ ଯସ୍ମିନ ପ୍ରଧାନ ଓ ଅନ୍ୟ ସହଯୋଗୀ ଅଧିକାରୀ ପଞ୍ଚାୟତବାସୀଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବା ପରେ ଶିବିର ଆରମ୍ଭ ହୋଇଥିଲା। ପ୍ରତ୍ୟେକଥର ଅଭିଯୋଗ ଶୁଣାଣିରେ ଗାଁରେ ମୋବାଇଲ ଟାୱାର ନିର୍ମାଣ ଦାବି ହୋଇ ଆସୁଥିଲେ ସୁଦ୍ଧା ଏଯାଏ ପୂରଣ ହୋଇ ନ ଥିବାରୁ ପଞ୍ଚାୟତବାସୀ ସମସ୍ୟାର ସମ୍ମୁଖୀନ ହେଉଥିବା ଦାବି କରିଥିଲେ। ଶିବିରରେ ବିଡିଓ ପ୍ରଧାନ ୧୩ ଅଭିଯୋଗ ଶୁଣି ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୪ ସିସି ରୋଡ୍, ୨ ପେଭର ବ୍ଲକ ରାସ୍ତା, ୨ ସ୍କୁଲ ବାଉଣ୍ଡ୍ରି,୨ ଭଉା ସମ୍ପର୍କିତ ସମସ୍ୟା ରହିଥିଲା। ବଡ଼ ମାର୍ଲା ଛକରୁ ରାଙ୍ଗୀନୀଗୁଡ଼ା ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ କରିବାକୁ ଲୋକେ ଦାବି କରିଥିଲେ। ଶିବିରରେ ଏବିଡିଓ ବସନ୍ତ କୁମାର ବେହେରା, ଜିପିଡିଓ ଅଜିତ କୁମାର ହୋତା,ସହକାରୀ ଯନ୍ତ୍ରୀ ରଶ୍ମିତା ରାଉତ, ବିଏସ୍‌ଏସ୍‌ଓ ଟି.ଶୁରଭି, ଡବ୍ଲୁଇଓ ହରପ୍ରସାଦ ଦାସ,ପିଇଓ ଭିଜନ ଭତ୍ରା, ଖୁଡ଼ି ସରପଞ୍ଚ ଲକ୍ଷ୍ମୀରାଣୀ ଯାନୀ, କୃଷି ବିଭାଗ ଅଧିକାରୀ ଆଲୋକ ପଣ୍ଡା,ବନରକ୍ଷୀ ମନୋରଞ୍ଜନ ବିଷୋୟୀ, ପାଣି ମିତ୍ର ସୁମିତ୍ରା ଗୁଣ୍ଡା, କୃଷି ମିତ୍ର ତୁଳାବତୀ ଗୁଣ୍ଡା ଓ ଲକ୍ଷ୍ମୀ ପାଡି, ଓଏଲଏମ ଅମିତା ସାହୁ ଓ ସସ୍ମିତା ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ଭଳି ଶିକ୍ଷା, ସ୍ୱାସ୍ଥ୍ୟ,ରାଜସ୍ୱ ଓ ଗମନାଗମନ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ପ୍ରଧାନଙ୍କୁ ପ୍ରଶ୍ନ କରିବାରୁ ଅନୁପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସେ କହିଥିଲେ। ଏଥିସହ ନୂତନ ଜିଲାପାଳଙ୍କ ସହ ଆଲୋଚନା କରି ପଞ୍ଚାୟତବାସୀଙ୍କ ମୋବାଇଲ ଟାୱାର ସମସ୍ୟା ଦୂର କରାଯିବ ବୋଲି କହିଛନ୍ତି। ସମସ୍ତ ଅଧିକାରୀଙ୍କ ସହ ବିଡିଓ ତଦନ୍ତ ପାଇଁ ସେହି ବିପଦପୂର୍ଣ୍ଣ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଶ୍ରେଣୀଗୃହର ଅବସ୍ଥା ଦେଖି ତୁରନ୍ତ ପିଲାମାନଙ୍କୁ ଅସ୍ଥାୟୀ ଭାବେ ମିଶନଶକ୍ତି ଗୃହକୁ ସ୍ଥାନାନ୍ତର ନିର୍ଦ୍ଦେଶ ଦେଇ ସହକାରୀ ଯନ୍ତ୍ରୀଙ୍କୁ ଅର୍ଦ୍ଧନିର୍ମିତ ସ୍କୁଲକୁ ଶୀଘ୍ର ଶେଷ କରି ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯେ,ଏହି ସ୍କୁଲରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପ୍ରାୟ ୪୦ ପିଲା ଗୋଟିଏ ପୁରୁଣା କୋଠାରେ ବସି ପଢନ୍ତି। ପଞ୍ଚାୟତ ସରପଞ୍ଚ, ୱାର୍ଡ ମେମ୍ବର ଓ ଗ୍ରାମବାସୀ ଉନ୍ନୟନ ଅଧିକାରୀଙ୍କୁ ଟାୱାର ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ମହାଦେବଙ୍କୁ ଜଳାଭିଷେକ କଲେ କାଉଡ଼ିଆ



କାଉଡ଼ିଆମାନେ ପାଣି ଭାର ନେଇ ଯାଉଛନ୍ତି।

ସୁନାବେଡା/ସେମିଳିଗୁଡ଼ା/ବୋରିଗୁମ୍ମା, ୨୮।୭ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼/ବିଜୟ ସାହୁ)

ଶ୍ରାବଣ ମାସ ତୃତୀୟ ସୋମବାର ଅବସରରେ ବିଭିନ୍ନ ନଦୀ ଓ ଶିବମନ୍ଦିରରେ କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ଅନେକ ଶ୍ରଦ୍ଧାଳୁ ପାଣି ଭାର ଧରି ଚାଲି ଚାଲି ବିଭିନ୍ନ ମନ୍ଦିରରେ ମହାଦେବଙ୍କ ଜଳାଭିଷେକ କରିଥିଲେ। ସେମିଳିଗୁଡ଼ା ବ୍ଲକ ସୋରିଷ ପଦର ପଞ୍ଚାୟତର ମୂଷାଗୁଡା ନଦୀରୁ ଶତାଧିକ କାଉଡ଼ିଆ ଜଳ ଭାର ଧରି ମହାଦେବଙ୍କ ନାମ ଜପି ପ୍ରାୟ ୨୦ କି.ମି. ସୁବାଇ ଶିବ ମନ୍ଦିରକୁ ଯାଇ ଜଳାଭିଷେକ କରିଥିଲେ। ସେହିପରି ବୋରିଗୁମ୍ମା ଅଞ୍ଚଳର ସମସ୍ତ ଶିବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବୋରିଗୁମ୍ମା ଭୈରବ ସେନା ଦ୍ୱାରା ଆୟୋଜିତ କାଉଡ଼ି ଯାତ୍ରାରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଇନ୍ଦ୍ରାବତୀ ନଦୀ କୂଳରେ ରୀତିନୀତିରେ ପୂଜା କରି ଜଳ ଭରି କାଉଡ଼ିଆମାନେ ବୋରିଗୁମ୍ମା ଭୈରବ ମନ୍ଦିରର ପାତାଳେଶ୍ୱରଙ୍କଠାରେ ଜଳାଭିଷେକ କରିଥଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଜି.ମୋହନ ଦୋରା, ମାନସ ରଥ, ତ୍ରିପତି ପଟ୍ଟନାୟକ,ଲିଲୁ ବିଶ୍ୱାଳ, ଅମନ୍ ଗୁପ୍ତା, ଜି.ମୁରଲୀ ଦୋରା, ସରୋଜ ପାଣିଗ୍ରାହୀ, ପପୁ ବେଗରାଇ, ରୁନୁ ମହାନ୍ତି ଓ ଅଙ୍କିତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୦ରୁ ଉର୍ଦ୍ଧ୍ୱ ଦିନ ବିତିଥିଲେ ମଧ୍ୟ ସରୁନି ତଦନ୍ତ

କୋରୁକୋଣ୍ଡା,୨୮।୭(ଶିବଦତ୍ତ ସାହୁ)

**କୋରୁକୋଣ୍ଡା ବ୍ଲକ୍ ଏମ୍‌ଜିଏନ୍‌ଆରଇଜିଏସ୍ କାମ**

କୋରୁକୋଣ୍ଡା ବ୍ଲକ ତୁମୁଷାପାଲ୍ଲୀ ପଞ୍ଚାୟତ ଅଧୀନରେ ଥିବା ଏମ୍‌ଭି-୪୭ଗ୍ରାମ ଖେଳ ପଡିଆ ଲାଗି ସରକାରଙ୍କ ପକ୍ଷରୁ ୨୦୨୩-୨୪ରେ "ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା" (ଏମ୍‌ଜିଏନ୍‌ଆରଇଜିଏସ୍) ରେ ୩ଲକ୍ଷ ୬୫ ହଜାର ଟଙ୍କାର ବ୍ୟୟ ଅଟକଳ ଆସିଥିଲା। ସମାନ ଭାବରେ ଉକ୍ତ ପଞ୍ଚାୟତ ସଦର ଖେଳ ପଡିଆ ନିମନ୍ତେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୦୨୪-୨୫ରେ ୫ ଲକ୍ଷ ୪୪ ହଜାର ଟଙ୍କା ଆସିଥିଲା। କିନ୍ତୁ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏମ୍‌ଭି-୪୭ଗ୍ରାମ ଖେଳ ପଡିଆରେ ଗତ ମେ ରେ କୌଣସି ଶ୍ରମିକ କାମ କରି ନ ଥିବା ବେଳେ, ସେହି ମାସରେ ୪୪୨ ଶ୍ରମିକ କାମକରି ଥିବା ନେଇ ଦର୍ଶାଯାଇଛି। ଜୁନ ୧୩ରେ ୧,୨୦,୬୬୬ଟଙ୍କା ପଇଠ ହୋଇଥିବା ସରକାରୀ ତଥ୍ୟରେ ଦର୍ଶାଯାଇଛି।

ସେହିପରି ପଞ୍ଚାୟତ ସଦର ଖେଳ ପଡିଆରେ ଗତ ମେ ଏବଂ ଜୁନରେ ୪୯୬ଶ୍ରମିକ କାମ କରିଥିବା ନେଇ ଜୁନ ୧୬ରେ ସେମାନଙ୍କୁ ୧,୩୫,୪୦୮ଟଙ୍କା ପଇଠ କରାଯାଇଥିଲା। ସେହି ମାସରେ କାମ କରିଥିବା ଅବଶିଷ୍ଟ ୮୨୪ ଶ୍ରମିକଙ୍କ ଶ୍ରମ ବାବଦକୁ ୨,୨୪,୯୫୨ ଟଙ୍କା ଆଗାମୀ ଦିନରେ ଗୃହୀତ କରିବା ପାଇଁ ସରକାରୀ ତଥ୍ୟରେ ଦର୍ଶାଯାଇଛି । ଉକ୍ତ କାମକୁ ନେଇ ପଞ୍ଚାୟତ ହିସାବ ରକ୍ଷକ ସୁବାସ ଗୁଡିଆଙ୍କୁ ପଚାରିବାରୁ ୨୦୨୪ ନଭେମ୍ବରରେ ମୁଁ କାର୍ଯ୍ୟରେ ଯୋଗ ଦେଲାଠାରୁ ସେହି ଖେଳ ପଡିଆରେ କୌଣସି କାମ ହୋଇନାହିଁ। କିନ୍ତୁ ଗ୍ରାମ ସଂଯୋଜକ ଓ ସରପଞ୍ଚଙ୍କ କହିବାନୁଯାୟୀ ପୂର୍ବରୁ ସେହି କାମ ହୋଇଥିଲା। ଏଣୁ ମେ ଏବଂ ଜୁନରେ ମେଣ୍ଡେଡ ଛଡା ଯାଇ ଶ୍ରମିକଙ୍କୁ ଟଙ୍କା ପଇଠ କରାଯାଇଥିବା ସେ କହିଥିଲେ। ଏହାକୁ ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଅମୂଲ୍ୟ କୁମାର ସାହୁ ଜୁଲାଇ ୭ରେ ଉକ୍ତ ଦୁଇଟି ଖେଳ ପଡିଆ କାମର ତଦନ୍ତ କରିବାକୁ ପତ୍ର ସଂଖ୍ୟା-୨୮୮୧/ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଚାୟତ ସମିତି ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁ ଏବଂ କନିଷ୍ଠଯନ୍ତ୍ରୀ ବାପୁଜୀ ନାୟକଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

କିନ୍ତୁ ୨୦ ରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତଦନ୍ତ ସରୁନଥିବା ଏବଂ ଅଧିକାରୀଙ୍କ ତଥ୍ୟରେ ତାଳ ମେଳ ରହୁନାହିଁ। ଏହାକୁ ନେଇ ବିଡିଓ ସାହୁଙ୍କୁ ପଚାରିବାରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। କଣ ହୋଇଛି ପଚାରି ଜଣାଇବି ବୋଲି କହିଥିଲେ।

କାର୍ଯ୍ୟର ତଦନ୍ତ ଦାଇତ୍ୱରେ ଥିବା ସହକାରୀ ନିବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଉକ୍ତ କାମଗୁଡିକର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ମିଳିଛି । କିନ୍ତୁ ବର୍ତ୍ତମାନ ସୁଧା ସେହି କାମ ଗୁଡିକର କ୍ୟାସ ରେକର୍ଡ଼ ମିଳିନାହିଁ, ଏଣୁ ତଦନ୍ତ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି କହିଥିଲେ। ସେହିପରି ତଦନ୍ତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବାପୁଜୀ ନାୟକଙ୍କୁ ପଚାରିବାରୁତଦନ୍ତ ସରିଛି। ନିର୍ବାହୀ ଯନ୍ତ୍ରୀ ଉପରସ୍ତ ଅଧିକାରିଙ୍କୁ ରିପୋର୍ଟ ପ୍ରଦାନ କରିଥିବେ ବୋଲି ସେ କହିଛନ୍ତି। ଅଧିକାରୀଙ୍କର କଥାରେ ତାଳ ମେଳ ରହୁ ନ ଥିବା ଜଣାପଡିଛି। ୩ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ପତ୍ରରେ ଉଲ୍ଲେଖ ଥିବା ବେଳେ ବର୍ତ୍ତମାନ ୨୦ଦିନରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ତଦନ୍ତ ସାରିବାର ନା ନେଉନି।

# ସ୍କୁଲରେ ଯାଞ୍ଚ କଲେ ୬ ଜଣିଆ ତଦନ୍ତ କମିଟି

ନବରଙ୍ଗପୁର/ଡାବୁଗାଁ, ୨୮।୭ (ସଦାଶିବ ପ୍ରହରାଜ/ପ୍ରଜ୍ଞାରଞ୍ଜନ ପରିଡ଼ା)

- ଶ୍ରେଣୀଗୃହରେ ଛାତ୍ରୀଙ୍କୁ ଶିକ୍ଷକ ଅସଭ୍ୟ ଭାଷାରେ ଗାଳି କରିବା ଘଟଣା
- ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବିଇଓଙ୍କୁ ବିଦ୍ୟାଳୟ କମିଟିର ଦାବିପତ୍ର



ଡିଇଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରେଣୀ ଗୃହରେ ଶିକ୍ଷକ ଛାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଘଟଣାର ସୋମବାର ତଦନ୍ତ ଆରମ୍ଭ ହୋଇଛି। ଏହି ତଦନ୍ତ କମିଟିରେ ଡାବୁଗାଁ ବିଇଓ ରଶ୍ମିତା ନେତମ, ଅବସରପ୍ରାପ୍ତ ସିଡିପିଓ ମନୋରମା ମାଝି, କେ. ତ୍ରିବେଣୀ, ଭାରତୀ ବିଷୋୟୀ, ବିଥିକା ମିଶ୍ର ଓ ବିଚିତ୍ରାନନ୍ଦ ପାଣିଗ୍ରାହୀ ପ୍ରମୁଖ ରହିଛନ୍ତି। ତଦନ୍ତ ସରିବା ପରେ ରିପୋର୍ଟ ଡିଇଓଙ୍କୁ ଦିଆଯିବ ବୋଲି ବିଇଓ ନେତମ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଶ୍ରେଣୀଗୃହରେ ପଢ଼ାଇବାବେଳେ ଶିକ୍ଷକ ମଥୁରାନନ୍ଦ ରାଉତ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଗତ ଶୁକ୍ରବାର ଛାତ୍ରୀମାନେ ପ୍ରଧାନଶିକ୍ଷକ କେଶବ ଗୌଡ଼ଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପ୍ରଧାନଶିକ୍ଷକ ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଡିଇଓ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ୬ ଜଣିଆ ତଦନ୍ତ କମିଟି ଗଠନ କରିଥିଲେ। ସୋମବାର ଉକ୍ତ ବିଦ୍ୟାଳୟକୁ ତଦନ୍ତ ପାଇଁ ପଠାଇଥିଲେ। ସୋମବାର ଉକ୍ତ ତଦନ୍ତ କମିଟି ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଏହି ସମୟରେ ଉପସ୍ଥିତ ଥିବା ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟିର ୨ ଜଣ ସଭାପତି, ସ୍ଥାନୀୟ ସରପଞ୍ଚ, ପୂର୍ବତନ ସରପଞ୍ଚ, କମିଟି ସଭ୍ୟ ଓ ଗ୍ରାମର କେତେଜଣ ବ୍ୟକ୍ତି ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ପ୍ରଧାନଶିକ୍ଷକ ଅପମାନିତ କରିବା ସହିତ ବାହାରକୁ ଯିବାକୁ କହିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାପରେ ଗ୍ରାମବାସୀଙ୍କୁ ପ୍ରଧାନଶିକ୍ଷକ ଦୁର୍ବ୍ୟବହାର କରିବା ନେଇ ଏକ ଦାବିପତ୍ର ଡିଇଓଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଦ୍ୟାଳୟ କମିଟି ସଭାପତି ମତି ଭତ୍ରା ଓ ଧନସିଂ ନାୟକ, ବୋରିଗାଁ ସରପଞ୍ଚ ଶୁକ୍ରୁ ଭତ୍ରା, ପୂର୍ବତନ ସରପଞ୍ଚ ସାଲିମ ଧର ଭତ୍ରା, ଲଇଖନ ପନକା, କୃଶ ପନକା, ଚନ୍ଦ୍ରମୋହନ ପନକା, ମୀନକେତନ ଭତ୍ରା, ରଇନୁ ପୂଜାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟ କମିଟି ଅଭିଯୋଗ ଆଣିଛନ୍ତିଯେ ପ୍ରଧାନଶିକ୍ଷକ ଆସିବା ପରଠାରୁ ବିଦ୍ୟାଳୟରେ ମ୍ୟାଟ୍ରିକ୍ ପାସ୍ ହାର କମୁଛି। ଶିକ୍ଷକ ମଥୁରାନନ୍ଦ ବ୍ଲାଙ୍କ ଚେକ୍‌ରେ ଦସ୍ତଖତ ନେଇ ମନା କରିବାରୁ ତାଙ୍କ ନାମରେ ଷଡ଼ଯନ୍ତ୍ର କରାଯାଉଛି। ଏହାର ତଦନ୍ତ ଆବଶ୍ୟକ। ବିଦ୍ୟାଳୟରରେ ନୂତନ ପ୍ରଧାନଶିକ୍ଷକ ନିଯୁକ୍ତି ନେଇ ବିଦ୍ୟାଳୟ କମିଟି ଓ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଏ ନେଇ ପ୍ରଧାନଶିକ୍ଷକ କେଶବ ଗୌଡ଼ଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଆଲୋଚନା ପାଇଁ କମିଟି ମେମ୍ବରଙ୍କୁ ଡକାଇଥିଲି। ସେମାନଙ୍କ ସହ ଗ୍ରାମବାସୀ ଆସିଥିଲେ। ଗ୍ରାମବାସୀଙ୍କୁ ବାହାରକୁ ବାହାରିବାକୁ କହିଥିଲି। ବିଇଓଙ୍କୁ ଦେଇଥିବା ଅଭିଯୋଗପତ୍ର ସମ୍ପର୍କରେ ଜାଣିନାହିଁ। ସେମାନେ ଯେଉଁ ବ୍ଲାଙ୍କ ଚେକ୍ କଥା କହୁଛନ୍ତି ସେ ସମ୍ପର୍କରେ ମଧ୍ୟ ଜାଣି ନ ଥିବା ପ୍ରଧାନଶିକ୍ଷକ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଚରକାୟତନ' ଉଦ୍‌ଘାଟିତ

**ଭୁବନେଶ୍ୱର,୨୮।୭**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୬ ଦିନିଆ ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ'ର ଶୁଭାରମ୍ଭ ସୋମବାରଠାରୁ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର କହିଥିଲେ, ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ। ତେବେ ଯୋଗ ପରି ଏହାର ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ ରହିଛି। ଏଥିସହ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିଶ୍ୱବିଖ୍ୟାତ ଚରକ ସଂହିତାର ପ୍ରଚାର ପ୍ରସାର ସମ୍ଭବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ୬ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଚରକ ସଂହିତା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାରା ଦୁନିଆ କିଭଳି ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛି, ସେ ବିଷୟରେ ବିସ୍ତୃତ ଭାବେ ଆଲୋପାକପାତ କରିଥିଲେ। ଏଥିସହ ଭାରତୀୟ ଛାତ୍ରୀଛାତ୍ର ବିଶେଷକରି ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ମେଧାବୀ ବିଦ୍ୟାର୍ଥୀମାନେ କିଭଳି ସାରା ବିଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଆୟୁର୍ବେଦର ପ୍ରସାର ପାଇଁ ଚୁକ୍ତିନାମା ସ୍ୱାକ୍ଷର (ଏମ୍‌ଓୟୁ) କରୁଛନ୍ତି, ତାହା ସେ ବର୍ଣ୍ଣନା କରିଥିଲେ। ଉଦଘାଟନୀ ଉତ୍ସବରେ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ତିନୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ସମ୍ମିଳନୀରେ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ୨୦୨୫ ଅଗଷ୍ଟ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟୁର୍ବେଦ ଛାତ୍ରୀଛାତ୍ର ଓ ଏ ଦିଗରେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ ଗୁରୁତ୍ୱ ସହକାରେ ଚରକ ସଂହିତାର ତଥ୍ୟ ସମ୍ବଳିତ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା 'ଚରକାୟତନ' ଆୟୋଜିତ ହେଉଥିବାବେଳେ ଏଥିରେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ସହ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ୍, ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ସ (ଏନ୍‌ସିଆଇଏସ୍‌ଏମ୍)ର ଅଧ୍ୟକ୍ଷ ଡ. ବି. ଏଲ୍. ମେହରା, ସେଣ୍ଟ୍ରାଲ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍ (ସିସିଆରଏସ୍)ର ଡାଇରେକ୍ଟର ଜେନେରାଲ୍ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀ ଶ୍ରୀ ତତ୍ତ୍ୱର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀ ପ୍ରମୁଖ ଯୋଗ ଦେଇଛନ୍ତି। ସମ୍ମିଳନୀର ସମାପନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କର ନିରବଚ୍ଛିନ୍ନ ପ୍ରୟାସକୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ, ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସାଧୁବାଦ ଦେଇଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସମେତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ୱଣ୍ଡର୍ଲାରେ ଆକର୍ଷଣୀୟ ଅଫର




**ଭୁବନେଶ୍ୱର,୨୮।୭ (ଅଭୟ ଦାଶ)**

ୱଣ୍ଡର୍ଲା ହଲିଡେଜ୍ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଚଳିତ ବର୍ଷର ଫ୍ରେଣ୍ଡଶିପ୍ ଡେ ଉତ୍ସବରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅଫର ୨୦୨୫ ଅଗଷ୍ଟ ୨ ଓ ୩ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବ ପାଇଁ ପ୍ରଯୁଜ୍ୟ ରହିଛି। ସେହିଭଳି ଏହି ବିଶେଷ ଅଫର ୱଣ୍ଡର୍ଲାର ୪ଟି ପାର୍କ ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଚି ଏବଂ ଭୁବନେଶ୍ୱରରେ ଉପଲବ୍ଧ ହେବ। ଏଥିରେ ଅନେକ ପ୍ରକାରର କାର୍ଯ୍ୟକ୍ରମ ସାମିଲ ରହିଛି। ଏହି ଅବସରରେ ୱଣ୍ଡର୍ଲାର ଉଭୟ ପ୍ରବେଶ ଟିକେଟ୍ ଏବଂ ଟିକେଟ୍ + ଖାଦ୍ୟ କମ୍ବୋରେ 'ବାଏ ୧, ଗେଟ ୧'ର ଅଫର ରହିଛି। ଏହି ସୀମିତ-ସମୟର ଅଫର ସ୍ୱତନ୍ତ୍ର ଭାବେ ଅନଲାଇନରେ ଉପଲବ୍ଧ। ଏହି ଅଫର୍‌ର ବୁକିଂ ୨୦୨୫ ଅଗଷ୍ଟ ୩ ସକାଳ ୯ଟା ପର୍ଯ୍ୟନ୍ତ ଖୋଲା ଅଛି। ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡର ମୁଖ୍ୟ ପରିଚାଳନା ଅଧିକାରୀ ଧୀରେନ ଚୌଧୁରୀ କହିଛନ୍ତି, ଏକ ବିଶ୍ୱରେ ଯେଉଁଠାରେ ଅଧିକାଂଶ କଥାବାର୍ତ୍ତା ସ୍କ୍ରିନ୍ ମାଧ୍ୟମରେ ହୋଇଥାଏ, ଆମେ ବିଶ୍ୱାସ କରୁ ଯେ ସବୁଠାରୁ ଅର୍ଥପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ବାସ୍ତବ ଜୀବନରେ ଏକାଠି ଅନୁଭବ କରନ୍ତି। ୨୫ବର୍ଷରୁ ଅଧିକ ସମୟ ଧରି ୱଣ୍ଡର୍ଲା ଖେଳ, ରୋମାଞ୍ଚ ଏବଂ ଉପସ୍ଥିତି ମାଧ୍ୟମରେ ଲୋକଙ୍କୁ ପୁନର୍ବାର ସଂଯୋଗ କରିବା ପାଇଁ ଏକ ନିରାପଦ, ଉଚ୍ଚ-ଗୁଣବତ୍ତାଯୁକ୍ତ ପରିବେଶ ପ୍ରଦାନ କରିଛି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨୮।୭**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୭୨ (୫୭୨.୦୭) ପଏଣ୍ଟ ହ୍ରାସ ଘଟି ୮୦,୮୯୧(୮୦,୮୯୧.୦୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୧୫୬ (୧୫୬.୧୦) ପଏଣ୍ଟ କମି ୨୪,୬୮୧ (୨୪,୬୮୦.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ୟୁଏଆଇଏଲ୍ ପକ୍ଷରୁ 'ନୀରୋଗଶାଳା'ର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୭**

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ 'ନୀରୋଗଶାଳା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି କମ୍ପାନୀର ଏହି ସିଏସଆର ପ୍ରୟାସ ଓଡ଼ିଶାର ରାୟଗଡ଼ା ଜିଲାର ଦୁର୍ଗମ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସହ ସେମାନଙ୍କୁ ସେମାନଙ୍କ ଦ୍ୱାରଦେଶରେ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ନୀରୋଗଶାଳା ସ୍ୱାସ୍ଥ୍ୟଯତ୍ନ ପ୍ରକଳ୍ପ ହେଉଛି, ନୀରବରେ ତୃଣମୂଳ ସ୍ତରରେ ଜୀବନଗୁଡ଼ିକରେ ରୂପାନ୍ତରଣ ଆଣିଛି। ଏହା କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକାଞ୍ଚ ଏବଂ ଗୋପୀନାଥପୁର ଆଦି ଦୂରଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସପେନସାରୀ ସ୍ଥାପନ କରିଛି। ପ୍ରାୟ ୨୦,୦୦୦ ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି। ଏ ନେଇ ୟୁଏଆଇଏଲର ୟୁନିଟ ହେଡ ରବି ମିଶ୍ର କହିଛନ୍ତି, ନୀରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା। ଏହି ସମସ୍ତ ଦୁର୍ଗମ ସ୍ଥାନରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟିହେଲେ ବିନା ସହାୟତାରେ ମାଇଲ ମାଇଲ ଚାଲିଚାଲି ଯିବାକୁ ହୁଏ। ଆମେ ଏକ ସୁସଂଗଠିତ, ମାଗଣା ସ୍ୱାସ୍ଥ୍ୟଯତ୍ନ ସେବା ଜନସାଧାରଣଙ୍କ ଦ୍ୱାରଦେଶକୁ ଆଣି ସମୟୋଚିତ ସହାୟତା ଆଉ ଏକ ବିଳାସର ବିଷୟ ହୋଇ ରହିନାହିଁ ବରଂ ଏକ ଅଧିକାର ବୋଲି ସୁନିଶ୍ଚିତ କରୁଛୁ। ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଭଳି ନହୁଏ ତାହା ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ। ପ୍ରତ୍ୟେକ ନୀରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି। ଏଠାରେ ମଧ୍ୟ ମୌଳିକ ଚିକିତ୍ସା ଭିତ୍ତିଭୂମି ରହିଛି। ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସହାୟକ ଏବଂ ପ୍ରତି ତିନି ଦିନ ଅଦଳବଦଳ ଭିତ୍ତିରେ ଏମବିବିଏସ ଡାକ୍ତରମାନଙ୍କର ଉପସ୍ଥିତି ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଉଛି। ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦ରୁ ୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ମିଶ୍ର ମତପ୍ରକାଶ କରିଛନ୍ତି। ମାଇକଞ୍ଚ ପଞ୍ଚାୟତର ସରପଞ୍ଚ ମସ୍ତରାମ ମାଝୀ କହିଥିଲେ, ନୀରୋଗଶାଳା ସମସ୍ତ ନିକଟବର୍ତ୍ତୀ ଗ୍ରାମକୁ ମାଗଣାରେ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ମାଇକଞ୍ଚ ଗ୍ରାମ ପଞ୍ଚାୟତର ଜନସାଧାରଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ସେମାନେ ଡାକ୍ତରୀ ଚିକିତ୍ସା କରାଇବାକୁ ଅସମର୍ଥ। ୟୁଏଆଇଏଲକୁ ଧନ୍ୟବାଦ, ସେମାନେ ଆବଶ୍ୟକ କରୁଥିବା ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟଯତ୍ନ ସେବା ଏବଂ ଜୀବନ ରକ୍ଷାକାରୀ ଔଷଧଗୁଡ଼ିକ ଆବଶ୍ୟକ ସମୟରେ ବିନା ମୂଲ୍ୟରେ ଯୋଗାଇ ଦେଉଛନ୍ତି।

ADITYA BIRLA GROUP
A FORCE FOR GOOD

# ଜେଏସ୍‌ଏଲ୍ ସହ ଜିଏସ୍‌ଭିର ବୁଝାମଣା

**ଭୁବନେଶ୍ୱର,୨୮।୭**

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍) ଏବଂ ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସ୍‌ଭି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ପ୍ରତିଷ୍ଠାନର ଆବଶ୍ୟକତା ଓ ଶିଳ୍ପର ବିକାଶ ପାଇଁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଏମ୍‌ଓୟୁ ଜିଏସ୍‌ଭିର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନ୍‌ଲେସର ନିର୍ଦ୍ଦେଶକ ବିଜୟ ଶର୍ମା ଏବଂ ଜିଏସ୍‌ଭିର କୁଳପତି ପ୍ରଫେସର ମନୋଜ ଚୌଧୁରୀଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ।

ସେହିଭଳି ଏହି ଏମ୍‌ଓୟୁ ଅନୁଯାୟୀ ଜିନ୍ଦଲ ଷ୍ଟେନ୍‌ଲେସ ଏବଂ ଜିଏସ୍‌ଭି ପରିବହନ, ଅବସରଞ୍ଚନା ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଷ୍ଟେନ୍‌ଲେସ ଷ୍ଟିଲର ବ୍ୟବହାର ସମ୍ବନ୍ଧୀୟ ଗବେଷଣା, ଶିକ୍ଷାଦାନ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିବେ। ଏପରିକି ଉଭୟ ସଂସ୍ଥା ମିଳିତ ଭାବେ ଶିକ୍ଷାଗତ ପାଠ୍ୟକ୍ରମ ଏବଂ କ୍ଷେତ୍ର ସହ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ପ୍ରୋଗ୍ରାମର ବିକାଶକୁ ସମର୍ଥନ କରିବେ। ଏହା ସହିତ ସେମାନେ ମିଳିତ ଗବେଷଣା, ଅନ୍ତର୍ଜାତୀୟ ସଂସ୍ଥାନମାନଙ୍କ ସହ ଭାଗୀଦାରି ଏବଂ ଜିଏସଭି ଛାତ୍ରମାନଙ୍କ ପାଇଁ ଇଣ୍ଟର୍ନଶିପ ଏବଂ ନିଯୁକ୍ତି ସୁଯୋଗ ପାଇଁ ସମ୍ଭାବନା ଅନୁସନ୍ଧାନ କରିବେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସରେ ଆମେ ବିଶ୍ୱାସ କରୁ ଯେ ଶିକ୍ଷା ଏବଂ ଶିଳ୍ପ ମିଳିତ ଭାବେ ଆଗାମୀ ଭାରତକୁ ଗଢ଼ିବା ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ଏହି ସହଯୋଗ ଷ୍ଟେନ୍‌ଲେସ ଷ୍ଟିଲକୁ ରାଷ୍ଟ୍ର ନିର୍ମାଣ ପାଇଁ ସବୁଠାରୁ ସ୍ଥାୟୀ ସମାଧାନ ଭାବେ ମୁଖ୍ୟଧାରାରେ ପରିଣତ କରିବା ପାଇଁ ଆମର ଦୃଷ୍ଟିକୋଣରେ ଏକ ନୂତନ ମାଇଲଖୁଣ୍ଟ ଭାବେ ଚିହ୍ନିତ କରୁଛି। ଗତି ଶକ୍ତି ବିଶ୍ୱବିଦ୍ୟାଳୟ ସହ ଆମର ଭାଗୀଦାରି ଦେଶର ଶିଳ୍ପ ଆଭିମୁଖ୍ୟ ସହ ସମନ୍ୱିତ ଏକ ଦକ୍ଷ ଏବଂ ଭବିଷ୍ୟତ-ପ୍ରସ୍ତୁତ ପ୍ରତିଭା ଗଢ଼ିବା ପାଇଁ ଆମର ସାଧାରଣ ମିଶନକୁ ଶକ୍ତିଶାଳୀ କରୁଛି।

# Classified Everyday

**0674-2580101, 9692975378**




**REAL ESTATE**

**SALE**

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

BDA approval plot available at very reasonable price. Location: Palaspur sasan, BBSR for more contact: 9040062053, 8093224227. D- 46563

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/- . 8328868883. D-76284

**A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452** D-76477

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286




Positively health benefits SPA expert female therapist homely atmosphere. 9114559830. D-76295

Newly open health benefits SPA special Offer @ 799 Bapujinagar. 7327058897. D-76931

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit before Notary Public, Kantabanji on 25.07.2025 that before marriage I known as Mukta Ketaki, D/o- Rama Ketaki which is mentioned in my Aadhaar Card and S.B. Account and after marriage to Dillip Kharsel of Village/P.O./P.S.- Kantabanji Ward No.-16, Dist.- Bolangir I updated my Aadhaar Card and known as Mukta Kharsel, W/o- Dillip Kharsel whereas Mukta Ketaki and Mukta Kharsel, W/o- Dillip Kharsel is same and one person. D-1457

By virtue of an affidavit sworn before the Executive Magistrate, Belpada, No.-148, date 28.07.2025, I, Dhubale Tandi, R/o- At./P.O.- Bagder, P.S.- Belpada, Dist.- Balangir, Odisha, PIN- 767026 declare that I have changed my daughter's name from Priya Tandi to Priyanka Tandi. Henceforth, she shall be known as Priyanka Tandi for all purposes.
Dhubale Tandi D-1456

I, Shantilata Padhi, C/o- Dilip Kumar Padhi, resident of ward Gopinathpur, P.O./P.S.- Balugaon, Dist.- Khurda, PIN- 752030, Odisha declare by this affidavit No.- 1392, dtd. 11.07.25. That now onwards I shall be known as Santilata Padhi for all future purposes. D-1445

By virtue of an affidavit sworn before the Executive Magistrate, Boudh, No.-1053, date 22.07.25, I Sanat Loi, R/o. Village/P.O.- Devgarh, P.S./Dist.- Boudh, Odisha, PIN- 762024 declare that I have changed my name from Sana Lae to Sanat Loi. Henceforth, I shall be known as Sanat Loi for all purposes.
Sanat Loi D-1449

I, Chitaranjan Panigrahi, S/o- Anandachandra Panigrahi, resident of Nayagarh, Odisha-752069 declare by this affidavit No.- 2789, dated 25.07.2025. That now onwards I shall be known as Chittaranjan Panigrahi for all future purposes. D-1454

By virtue of an affidavit sworn before the Executive Magistrate, Bhubaneswar, dated-24.07.2025, I, Sukanti Mahananda, W/o- Arun Mishra, Address- B/503, Snehalata Apartment, Vivekananda Marg, Bhubaneswar, Khordha, Odisha-751002 declare that I have changed my name from Sukanti Mahananda to Priyanshi Mishra. Henceforth, I shall be known as Priyanshi Mishra for all purposes. D-1455

By virtue of an affidavit sworn before Executive Magistrate, Bhubaneswar, dated 28.07.2025, Subash Chandra Khillo, At- Padua, Kulabiri, Padwa, Dist.- Koraput, Odisha-764038 declare that I have changed the name of my son from Kamesh Khilla to Kabir Khillo. Henceforth, he shall be known as Kabir Khillo for all purposes.
Subash Chandra Khillo D-1450

**Email** ମାଧ୍ୟମରେ କ୍ଲାସିଫାଏଡ଼ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


I, Padma Agrawal, age about 64 years, W/o- Kesharam Agrawal, resident of Gudvela, P.S.- Tushra, Dist.- Balangir, PIN-767046, Odisha declared by this affidavit No.- 647, dated 28.07.2025. That now onwards I shall be known as Padma Devi Agrawal for all future purposes. D-1453

By virtue of an affidavit sworn before Executive Magistrate, Bhubaneswar, dated 15.07.2025, I, Mustara Bibi, At- Sikharchandi Nagar, VTC-Kalarahanga, P.O.-KIIT, P.S.-Infocity, Bhubaneswar, Khordha, Odisha, PIN-751024 declare that I have changed my minor son's name from Sekh Misbah to Sekh Sarfaraz Ibrahim. Henceforth, my son shall be known as Sekh Sarfaraz Ibrahim for all purposes. D-1452

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ. ସୁମନ୍ତ ନାରାୟଣ ଆଚାର୍ଯ୍ୟ**

ଆବିର୍ଭାବ: ୦୬।୦୬।୧୯୬୨
ତିରୋଧାନ: ୦୯।୦୮।୨୦୨୪

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁଅ- ରାଜା , ଝିଅ- ମାମୁନି, ଟୁମୁନି, ନାତି- ଈଶାନ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ

ଧ-୧୪୬୦

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ. ରୀନା ଦାଶ**

ଆବିର୍ଭାବ: ୧୧।୦୭।୧୯୭୩
ତିରୋଧାନ: ୨୫।୦୧।୨୦୨୪

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଚାହୁଁ ଚାହୁଁ ବର୍ଷେ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁଅ- ରାଜା , ଝିଅ- ମାମୁନି, ଟୁମୁନି, ନାତି- ଈଶାନ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ

ଧ-୧୪୬୧

ଫ୍ୟାଶନ

# ନେଲ୍ ଆର୍ଟ



ମହିଳାମାନେ ସୁନ୍ଦର ଦେଖାଯିବାକୁ ଛୋଟ ଛୋଟ ଜିନିଷକୁ ଧ୍ୟାନ ରଖିଥାନ୍ତି। ହାତ ସୁନ୍ଦର ଦେଖାଯିବାକୁ ହେଲେ ନଖରେ ନେଲ୍ ଆର୍ଟ କରିବାକୁ ଅନେକେ ପସନ୍ଦ କରୁଛନ୍ତି। ଏହା ମଧ୍ୟ ଆଜିକାଲିକା ଫ୍ୟାଶନ ପାଲଟିଗଲାଣି। ନେଲ୍ ଆର୍ଟ କରିବାକୁ ହେଲେ ଆପଣ କୌଣସି ପାର୍ଲର ନ ଯାଇ ଘରେ ବସି ମଧ୍ୟ କରିପାରିବେ। ଆସନ୍ତୁ, ଜାଣିବା ନେଲ୍ ଆର୍ଟର କିଛି ଡିଜାଇନ ଏବଂ ଏହାକୁ କିପରି ସହଜରେ ଘରେ କରିପାରିବେ ସେ ସମ୍ପର୍କରେ ସୂଚନା...

**ଟୁଥ୍‌ପିକ୍ ସାହାଯ୍ୟରେ ନେଲ୍ ଆର୍ଟ:** ଟୁଥ୍ ପିକ୍‌ରେ ନେଲ୍ ଆର୍ଟ କରିବାକୁ ହେଲେ ପ୍ରଥମେ ନଖର ଅଧାଭାଗରେ ନେଲ୍ ପେଣ୍ଟ ଲଗାଇ ଦିଅନ୍ତୁ। ପୁଣି ସେଥିରେ ସ୍ମାଇଲିଂ ଫେସ୍ କିମ୍ବା ନିଜ ପସନ୍ଦର ଯାହା ବି କିଛି ଡିଜାଇନ କରିବାକୁ ହେଲେ ଟୁଥ୍‌ପିକ୍‌ର ପଛଭାଗକୁ ନେଲ ପଲିସ୍‌ରେ ବୁଡ଼ାଇ ଡିଜାଇନ୍‌ରେ ହାଲ୍‌କା ଡଟ୍ କରିପାରିବେ। ଏହାପରେ ଟୁଥ୍‌ପିକ୍‌ର ଅଗ୍ରଭାଗରେ ଡିଜାଇନକୁ ସମ୍ପୂର୍ଣ୍ଣ କରିପାରିବେ।

**ବ୍ୟୁଟି ବ୍ଲେଣ୍ଡର:** ଆପଣମାନେ ଭାବୁଥିବେ, ସତରେ କ'ଣ ବ୍ୟୁଟି ବ୍ଲେଣ୍ଡର ସାହାଯ୍ୟରେ ଡିଜାଇନ୍ କରାଯାଇପାରେ। ହଁ, ଏହା ସାହାଯ୍ୟରେ ଆକର୍ଷଣୀୟ ଡିଜାଇନ କରିପାରିବେ। ଏଥିପାଇଁ ପ୍ରଥମେ ନଖରେ ନେଲ୍‌ପେଣ୍ଟ ଲଗାନ୍ତୁ। ଏହାପରେ ବ୍ଲେଣ୍ଡର ନେଲ୍‌ପେଣ୍ଟରେ କଲର କମ୍ବିନେଶନ ଥିବା ଅନ୍ୟ ନେଲ୍‌ପେଣ୍ଟକୁ ବ୍ଲେଣ୍ଡର ଟିପ୍‌ରେ ଲଗାଇ ନଖ ଉପରେ ଟ୍ୟାପ୍ କରି ଗୋଲ ଗୋଲ କରନ୍ତୁ। ଏଥିରେ ଆପଣ ଅଲଗା ଅଲଗା କଲରକୁ ମଧ୍ୟ ଚୟନକରି ଲଗାଇପାରନ୍ତି।

**ଇୟରବଡ୍ସ:** କାନ ସଫା କରିବାକୁ ଥିବା ଇୟରବଡ୍ସ ସାହାଯ୍ୟରେ ଆପଣ ଟ୍ରେଣ୍ଡି ନେଲ୍‌ଆର୍ଟ କରିପାରିବେ। ଏଥିପାଇଁ ପ୍ରଥମେ ନଖରେ ନେଲ୍‌ପେଣ୍ଟ ଲଗାନ୍ତୁ। ଏହାପରେ ଇୟରବଡ୍ସରେ ଅନ୍ୟ କୌଣସି ନେଲ୍ ଆର୍ଟ ଲଗାଇ ନଖ ଉପରେ ବଙ୍କା ତେଢ଼ା କିଛି ବି ଲାଇନ୍ ପକାନ୍ତୁ। ପରେ ଏହାକୁ ନିଜ ପସନ୍ଦ ଅନୁସାରେ କିଛି ବି ଡିଜାଇନ କରନ୍ତୁ। ଦେଖିବେ ଆପଣଙ୍କ ହାତ କେତେ ସୁନ୍ଦର ଦେଖାଯାଉଛି।

## ଲେଦର ବ୍ୟାଗ୍ ସଫା କରୁଥିଲେ...

ଲେଦର ଜିନିଷ ସମସ୍ତଙ୍କୁ ପସନ୍ଦ । କିଏ ଅଫିସ୍‌କୁ ନେଇ କି ଯାଆନ୍ତି ତ ଆଉ କିଏ କୌଣସି ପାର୍ଟିରେ ହ୍ୟାଣ୍ଡ ବ୍ୟାଗ୍ କ୍ୟାରି କରିଥାନ୍ତି। ଏହାର ଚାହିଦା ଏବେ ବି ରହିଛି। ଏହାକୁ ସଫା କରିବାକୁ ହେଲେ କେତୋଟି ଟିପ୍ସ...

ଏମିତିରେ ସମସ୍ତେ ଚାହାନ୍ତି ତାଙ୍କ ବ୍ୟାଗ୍ ସବୁବେଳେ ସଫା ଏବଂ ସୁନ୍ଦର ଦେଖାଯାଉଥାଉ। ବେଳେବେଳେ ଏହି ଲାଇଟ୍ କଲରର ବ୍ୟାଗ୍ ଅସୁନ୍ଦର ଦେଖାଯାଏ। ଏହାକୁ ସଫା କରିବାକୁ ହେଲେ ପ୍ରଥମେ ଲେଦର ବ୍ୟାଗ୍ କ୍ଲିନର ବ୍ୟବହାର କରନ୍ତୁ। ଯାହା ସାହାଯ୍ୟରେ ଆପଣଙ୍କ ବ୍ୟାଗ୍ ପୂରା ନୂଆ ଦେଖାଯିବ। ଯଦି ଏହା ଆପଣଙ୍କ ପାଖରେ ନାହିଁ ତେବେ ବେବି ସୋପ୍, କୌଣସି ଲାଇଟ୍ ସୋପ୍ ନେଇ ଏଥିରେ ଟିକେ ପାଣି ମିଶାଇ ଏହାର ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରୁ କିଛି ନେଇ ଯେଉଁଠି ଦାଗ ଲାଗିଛି ସେଇ ସ୍ଥାନରେ ଲଗାନ୍ତୁ।



❖ଏହାପରେ ବ୍ୟାଗ୍‌କୁ ସଫା ନରମ କପଡ଼ା ସାହାଯ୍ୟରେ ପୋଛନ୍ତୁ। ଯେତେବେଳେ ବ୍ୟାଗ୍‌କୁ ପୋଛୁଚନ୍ତି ସେତେବେଳେ ଚମଡ଼ା ବ୍ୟାଗ୍‌ର ଅପୋଜିଟ୍ ଡିରେକ୍ସନ୍‌ରେ ହେବ। ଏହାଦ୍ୱାରା ବ୍ୟାଗ୍ ଖରାପ ହେବନାହିଁ। ଯଦି ଆଉ ଟିକେ ଓଦାପଣ ବ୍ୟାଗ୍‌ରେ ଅନୁଭବ କରୁଛନ୍ତି ତେବେ ଶୁଖିଲା କପଡ଼ାରେ ବ୍ୟାଗ୍ ଭଲ ଭାବେ ପୋଛି ସଫା କରିଦିଅନ୍ତୁ।

❖ବ୍ୟାଗ୍‌କୁ ଶୁଖାଇବା ଲାଗି ୩୦ ମିନିଟ୍ ସମୟ ଦିଅନ୍ତୁ। ଏହାକୁ ଶୁଖାଇବା ପାଇଁ କେବେ ବି ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ। ଏହା ବଦଳରେ ଆପଣ ବ୍ୟାଗ୍‌କୁ ପଙ୍ଖା ପବନରେ ଶୁଖାଇପାରିବେ।

❖ବ୍ୟାଗ୍ ଶୁଖିଯିବା ପରେ ଏଥିରେ ଲେଦର ମଶ୍ଚରାଇଜର ଲଗାନ୍ତୁ। ମଶ୍ଚରାଇଜର ଲଗାଇବାକୁ ହେଲେ ଏକ ନରମ କପଡ଼ା ସାହାଯ୍ୟରେ ଲଗାନ୍ତୁ। ଶୁଖିଯିବା ପରେ କପଡ଼ା ସାହାଯ୍ୟରେ ପଲିସ୍ କରନ୍ତୁ। ଏହାଦ୍ୱାରା ବ୍ୟାଗ୍ ଯେମିତି ନୂଆ ଦେଖାଯିବ।

# ଏପରି ଅଭ୍ୟାସ ଥିଲେ...

ପ୍ରାୟ ସମସ୍ତଙ୍କର କିଛି ନା କିଛି ଅଭ୍ୟାସ ରହିଛି। ମହିଳାମାନେ ବା ସେଥିରୁ ବାଦ୍ ପଡ଼ିବେ କିପରି ? ତେବେ ଏପରି କେତେକ ଅଭ୍ୟାସ ଅଛି ଯାହାର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିବା ଆଶଙ୍କା ରହିଛି। ଜାଣନ୍ତୁ ସେ ସମ୍ପର୍କରେ..





କଥାରେ ଅଛି–ଅଭ୍ୟାସ ମଲେ ଛୁଟେ। କାରଣ ଏହା ସହ ଆମେ ଏପରି ଯୋଡ଼ିହୋଇ ଯାଇଥାଉ, ତାହାକୁ ଯେତେ ବଦଳାଇବାକୁ ଚାହିଁଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥାଏ। ବିଶେଷଭାବରେ ଜଣେ ଯୁବତୀ ହୁଅନ୍ତୁ ଅବା ଗୃହିଣୀ–ସେମାନଙ୍କର କିଛି ଅଭ୍ୟାସ ରହିଛି। କେତେକ ଏହାର ଖରାପ ଗୁଣ ବିଷୟରେ କେତେକାଂଶରେ ଅବଗତ ହେଲେ ମଧ୍ୟ ସେଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିପାରନ୍ତି ନାହିଁ। ହେଲେ ନିଜ ବ୍ୟକ୍ତିତ୍ୱ ଏବଂ ଶରୀରକୁ ପ୍ରଭାବିତ କରିବା ଭଳି ଅଭ୍ୟାସ ବିଷୟରେ ମହିଳାମାନେ ସତର୍କତା ଅବଲମ୍ବନ କରିବା ଦରକାର। ନ ହେଲେ ତାହା ପରବର୍ତ୍ତୀ ସମୟରେ ବିଶାଳ ସମସ୍ୟା ଆକାରରେ ଉଭା ହୋଇଥାଏ।

**ମିଛ କହିବା:** ବେଳେବେଳେ ନିଜକୁ ବଞ୍ଚାଇବାକୁ ହେଉ ଅବା କୌଣସି ପରିସ୍ଥିତିରେ ପଡ଼ି କେତେଜଣ ମହିଳା ମିଛ କହିଥାଆନ୍ତି। ହେଲେ ପରେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ମିଛ କହିବାର ମଧ୍ୟ ସ୍ୱାସ୍ଥ୍ୟ ସହ କି ସମ୍ପର୍କ ରହିଛି। ୟୁନିଭର୍ସିଟି ଅଫ୍ ନୋଟରଡେମ୍‌ର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି, ମିଛ କହିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। କେବେ ହୁଏତ ଏହା ବିଷୟରେ ଭାବି ନ ଥିବେ। କିନ୍ତୁ ମିଛ କହିବା ଏହା ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ମିଛ ଯେକୌଣସି ରୂପରେ ହେଉ ଏହା ଆପଣଙ୍କୁ ହାନି ପହଞ୍ଚାଇପାରେ। ସେହି ମିଛଟା ଆପଣ ଅଫିସ୍‌ରେ କହିଥାନ୍ତୁ କି ସ୍ୱାମୀଙ୍କୁ, ନିଜ ବସ୍‌ଙ୍କୁ କହୁଛନ୍ତି କି ନିଜ ପିଲାଙ୍କୁ। ଗବେଷଣାରେ ଦେଖାଯାଇଛି, ମିଛ କହିବା ଦ୍ୱାରା ମନ ଚିନ୍ତାଗ୍ରସ୍ତ ରୁହେ। ଏହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ। ଯଦି ଆପଣ ମୁଣ୍ଡବିନ୍ଧା, ଚିନ୍ତା, ଗଳାରେ ଯନ୍ତ୍ରଣା ଆଦି ସମସ୍ୟାରୁ ଦୂରେଇରହିବାକୁ ଚାହୁଁଛନ୍ତି , ତେବେ ମିଛ କହିବାର ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ।

**ଆବଶ୍ୟକତାଠାରୁ ଅଧିକ ସମୟ ବ୍ରଶ୍ କରିବା:** ପ୍ରତିଦିନ ସକାଳେ, ରାତିରେ ବ୍ରଶ୍ କରିବା ଭଲ ଅଭ୍ୟାସ। କିନ୍ତୁ ପ୍ରତି ଥର ଖାଇସାରି ବ୍ରଶ୍ କରିବା ଭଲ ନୁହେଁ। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଅଧ୍ୟୟନରୁ ଜାଣିପାରିଛନ୍ତି, କିଛି ଖାଦ୍ୟ ଦାନ୍ତରେ ଏନାମେଲ୍‌ରେ ଏସିଡ୍ ଛାଡ଼ି ଦେଇଥାଏ। ଯେତେବେଳେ ସେହି ଏନାମେଲ୍ ଦୁର୍ବଳ ହୋଇଯାଏ ସେହି ସମୟରେ ଅଧିକ ସମୟ ବ୍ରଶ୍ କରିବା ଦ୍ୱାରା ଏନାମେଲ୍‌କୁ ଆହୁରି ଅଧିକ କ୍ଷତି ପହଞ୍ଚାଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ପ୍ରତିଥର ଖାଦ୍ୟ ଖାଇବା ପରେ କୁଳିକରିବା ଆବଶ୍ୟକ। ସକାଳେ ଉଠିବା ପରେ ଏବଂ ରାତ୍ରିଭୋଜନ ପରେ ବ୍ରଶ୍ କରିବା ଆବଶ୍ୟକ।

**ଅଧିକ ସମୟ କମ୍ପ୍ୟୁଟର ନିକଟରେ ବସି କାମ କରିବା:** ନିକଟରେ ୟୁନିଭର୍ସିଟି ଅଫ୍ ଆରିଜୋନାର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି, ବିନା ବ୍ରେକ୍‌ରେ ଲଗାତର କମ୍ପ୍ୟୁଟର ସାମ୍ନାରେ କାମ କରିବା ଦ୍ୱାରା ଷ୍ଟ୍ରେସ୍ ଲେବଲ ବଢ଼ିଯାଇଥାଏ। ଏହାସହ ଯଦି ଲଞ୍ଚ ଟାଇମ୍‌ରେ ନିଜ ଡେସ୍କରେ ବସି ଖାଦ୍ୟ ଖାଆନ୍ତି ତେବେ ଏହି ଅଭ୍ୟାସ ଆପଣଙ୍କ ସ୍ୱାସ୍ଥ୍ୟକୁ ବିଗାଡ଼ି ବି ଦେଇପାରେ। ଏକ ଗବେଷଣା ଅନୁଯାୟୀ ଅଫିସ୍‌ରେ ଡେସ୍କରେ ବସି ଖାଦ୍ୟ ଖାଇବା ଦ୍ୱାରା ଅଦୃଶ୍ୟ ବ୍ୟାକ୍ଟେରିଆ ଆପଣଙ୍କ ଶରୀରକୁ ଯାଇ ଅସୁସ୍ଥ କରିପାରେ। ଏହାଛଡ଼ା ଡେସ୍କରେ ବସି ଖାଦ୍ୟ ଖାଇବା ଦ୍ୱାରା ଆବଶ୍ୟକତା ଠାରୁ ଅଧିକ ଖାଇ ଦେଇପାରନ୍ତି।

**କେବଳ ବୋତଲ ପାଣି ପିଇବା:** ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ହାଇଜିନ୍ ଚକ୍କରରେ ବୋତଲ ବନ୍ଦ ପାଣି ପିଇଥାନ୍ତି, ତେବେ ଆପଣଙ୍କ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ବୋତଲ ବନ୍ଦ ପାଣି ବଦଳରେ ନଳପାଣିକୁ ଭଲ ୱାଟରପ୍ୟୁରିଫାୟର ସାହାଯ୍ୟରେ ସଫାକରି ବ୍ୟବହାର କରନ୍ତୁ। ଏହାଦ୍ୱାରା କୀଟାଣୁ ମରିଯିବେ। ଫଳରେ ଆପଣଙ୍କୁ ମିଳିବ ଶୁଦ୍ଧପାଣି।

**ଏଟିଏମ୍‌ରୁ ଟଙ୍କା କାଢ଼ିବା:** ଏବେ ଡିଜିଟାଲ ଦୁନିଆ। ଟଙ୍କା ନେଣଦେଣ ପାଇଁ ପ୍ରାୟ ବ୍ୟାଙ୍କକୁ ଯିବାକୁ ପଡୁନାହିଁ। ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଇବା ଏବଂ ପଠାଇବା ପ୍ରଣାଳୀ ପ୍ରାୟ ଚାରିଆଡ଼େ ଉପଲବ୍ଧ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କହିଛନ୍ତି, ବାରମ୍ବାର ଏଟିଏମ୍ ବ୍ୟବହାର କରିବା ପରେ ଅନେକ ହାତ ସଫାକରି ନ ଥାନ୍ତି। ତେଣୁ ଏଟିଏମ୍ ମେଶିନରୁ ଆପଣଙ୍କ ହାତକୁ ବ୍ୟାକ୍ଟେରିଆ ପ୍ରବେଶ କରିଥାଆନ୍ତି। ହାତ ନ ଧୋଇ ଖାଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି। ଯେତେବେଳେ ଏଟିଏମ୍‌କୁ ଯିବେ ହାତରେ ସାନିଟାଇଜର କିମ୍ବା ଆଣ୍ଟିବାକ୍ଟେରିଆଲ ହ୍ୟାଣ୍ଡ ସାନିଟାଇଜର ସାହାଯ୍ୟରେ ନିଜ ହାତକୁ ସଫାକରନ୍ତୁ। ଏହାଦ୍ୱାରା ଆପଣ ହାନିକାରକ ବ୍ୟାକ୍ଟେରିଆରୁ ହେଉଥିବା ରୋଗର ଆଶଙ୍କାକୁ କିଛି ମାତ୍ରାରେ କମାଇପାରିବେ।

**ଜଲ୍‌ଦି ଖାଦ୍ୟ ଖାଇବା:** ଆଜିର ପ୍ରାୟ ମହିଳା ନିଜ କାମକୁ ନେଇ ବ୍ୟସ୍ତ। ତେଣୁ ଠିକ୍ ସମୟରେ ଖାଇବା ଏବଂ ଖାଇବା ବେଳେ ତରତର ହୋଇ ନ ଖାଇବା ଦରକାର। ଯଦି ମହିଳା ଜଣକ କର୍ମଜୀବୀ ହୋଇଥାଆନ୍ତି ତେବେ ସେ ଏକାଧାରରେ ନିଜ ପରିବାର ଏବଂ କର୍ମକ୍ଷେତ୍ର ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। କାମ ବ୍ୟସ୍ତ ଭିତରେ ତରବର ହୋଇ କିଛି ଖାଇଦେଇ ଅଫିସ ଚାଲିଯାଆନ୍ତି। ତେଣୁ ଖାଇବା ସମୟରେ ଧୀରେ ସୁସ୍ଥେ ଖାଆନ୍ତୁ। କିନ୍ତୁ ଆପଣ ଜାଣିଛନ୍ତି ଏହି ଜଲ୍‌ଦି ଖାଇବା ଅଭ୍ୟାସ ଆପଣଙ୍କୁ ଅସୁସ୍ଥ କରିପାରେ। ଏହାଦ୍ୱାରା ବେଳେବେଳେ ଏଥିପାଇଁ ଆମେ ଅଧିକ ଖାଇଦେଇଥାଉ। ଏଥିପାଇଁ ଖାଦ୍ୟକୁ ଆମେ ଧୀରେ ଧୀରେ ଚୋବାଇ ଖାଇବା ଆବଶ୍ୟକ। ଆପଣ ଯେତେ ବି ବ୍ୟସ୍ତ ରୁହନ୍ତୁ, କିନ୍ତୁ ଆରାମରେ ଖାଦ୍ୟ ଖାଆନ୍ତୁ।



**ଷ୍ଟ୍ର ସାହାଯ୍ୟରେ ପିଇବା:** ଆପଣ ବେଳେବେଳେ ଜୁସ୍, କୋଲ୍‌ଡ ଡ୍ରିଙ୍କ୍‌ସ ଆଦିକୁ ଷ୍ଟ୍ର ସାହାଯ୍ୟରେ ପିଇଥାନ୍ତି। ଷ୍ଟ୍ର ସାହାଯ୍ୟରେ ପିଇବା ବହୁତ ସାଧାରଣ କଥା, କାରଣ ଏହା ସୁବିଧାଜନକ ହୋଇଥାଏ। କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଭଲ ନୁହେଁ। ଷ୍ଟ୍ର ମାଧ୍ୟମରେ କିଛି ପିଇବା ଦ୍ୱାରା ଏହା ଅତିରିକ୍ତ ପବନ ଆମ ଶରୀର ମଧ୍ୟକୁ ଆଣିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଆପଣଙ୍କ ପେଟ ଫୁଲିଲା ପରି ଲାଗିବା ସହ ଗ୍ୟାସ୍‌ର କାରଣ ମଧ୍ୟ ହୋଇପାରେ। ଏହି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ଷ୍ଟ୍ର ମାଧ୍ୟମରେ ପିଇବା ବନ୍ଦ କରନ୍ତୁ ଏବଂ ଗ୍ଲାସ୍ ବ୍ୟବହାର କରନ୍ତୁ।



ସୌନ୍ଦର୍ଯ୍ୟ

# ବର୍ଷାଦିନରେ ସ୍କିନ୍‌ର ଯତ୍ନ

ସାଧାରଣତଃ ବର୍ଷାଦିନେ ସ୍କିନ୍ ଜନିତ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ। ମହିଳାଙ୍କ ସବୁଠାରୁ ବଡ଼ ଚିନ୍ତା ସ୍କିନ୍‌କୁ ନେଇ ହୋଇଥାଏ। କାହିଁକି ନା ଏହିଦିନରେ ଫଙ୍ଗାଲ ଇନ୍‌ଫେକ୍‌ସନ ଏବଂ ଅଏଲୀ ସ୍କିନ୍‌ର ସମସ୍ୟା ବଢ଼ିଯାଏ। ଏମିତିରେ ଜରୁରୀ ହେଉଛି ସ୍କିନ୍ କେୟାର ରୁଟିନ୍‌ରେ ଅଳ୍ପ ଟିକେ ବଦଳାଇବାକୁ ପଡ଼ିବ। ଏହାଦ୍ୱାରା ସ୍କିନ୍ ଗ୍ଲୋ କରିବ ଏବଂ ହେଲ୍‌ଦୀ ବି ରହିବ....



**ଦିନରେ ୨ଥର ଫେସ୍ କ୍ଲିନ୍ କରନ୍ତୁ**
ବର୍ଷାଦିନରେ ଅଧିକ ଝାଳ, ଧୂଳି ଏବଂ ତେଲ ଜମାହୋଇ ରୁହେ। ଫଳରେ ପୋର୍ସ ବନ୍ଦ ହୋଇଯାଏ। ଏଥିପାଇଁ ଦିନରେ ଦୁଇଥର ମୁହଁକୁ ସଫା କରିବା ଆବଶ୍ୟକ। ଏପରି ଫେସ୍‌ୱାଶ ଚୟନ କର ଯାହା ଜେଲ୍ ବେସ୍‌ଡ ହେବା ସହ ଏବଂ ସ୍କିନ୍ ପାଇଁ ଭଲ ହୋଇଥିବ। ଏହାଦ୍ୱାରା ମୁହଁ ସଫା ଦେଖାଯିବା ସହ ହାଲ୍‌କା, ଫ୍ରେଶ୍ ଲାଗିବ।

**ହାଲ୍‌କା ମଶ୍ଚରାଇଜର ଲଗାନ୍ତୁ**
ବର୍ଷାଦିନରେ ଅଧିକ କ୍ରିମ୍ ଲଗାଇବା ଦ୍ୱାରା ସ୍କିନ୍ ଚିପ୍‌ଚିପ୍ ଲାଗିଥାଏ। ଏଥିପାଇଁ ହାଲ୍‌କା ୱାଟର ବେସ୍‌ଡ୍ ମଶ୍ଚରାଇଜରର ବ୍ୟବହାର କରନ୍ତୁ। ଯାହା ସ୍କିନ୍‌କୁ ହାଇଡ୍ରେଟ୍ ରଖିବ ଏବଂ ଅଏଲୀ ହେବାକୁ ଦେବନାହିଁ।

**ମେକ୍‌ଅପ୍ ହାଲ୍‌କା ରଖନ୍ତୁ**
ମନ୍‌ସୁନ୍‌ରେ ମେକ୍‌ଅପ୍ ଧୋଇ ହୋଇଯାଇଥାଏ। ଏମିତିରେ ହାଲ୍‌କା ମେକ୍‌ଅପ୍ ଯେପରିକି ଟିଣ୍ଟେଡ୍ ମଶ୍ଚରାଇଜର କିମ୍ବା ବେବି କ୍ରିମ୍ ବ୍ୟବହାର କରନ୍ତୁ। ଫଳରେ ତ୍ୱଚା ନାଚୁରାଲ ଲାଗିବା ସହ ସୁନ୍ଦର ମଧ୍ୟ ଦେଖାଯିବେ।



**ସନ୍‌ସ୍କ୍ରିନ୍ ଲୋଶନ ଭୁଲନ୍ତୁ ନାହିଁ**
ବର୍ଷାଦିନରେ ସୂର୍ଯ୍ୟକିରଣ ସ୍କିନ୍‌କୁ କ୍ଷତି ପହଞ୍ଚାଇପାରେ। ଏଥିପାଇଁ ବାହାରକୁ ବାହାରିବା ସମୟରେ ସନ୍‌ସ୍କ୍ରିନ୍ ନିଶ୍ଚିତ ଲଗାନ୍ତୁ। ଏସ୍‌ପିଏଫ୍ ୩୦ ୱାଟର ପ୍ରୁଫ୍ ସନ୍‌ସ୍କ୍ରିନ୍ ଭଲ ରହିବ।

**ଖାଦ୍ୟପେୟ**
ସ୍କିନ୍ ଭଲ ରହିବାପାଇଁ କେବଳ ବାହାରୁ ନୁହେଁ, ଭିତରୁ ମଧ୍ୟ ଯତ୍ନ ନେବା ଜରୁରୀ। ଅଧିକ ତେଲଛଣା ମସଲା ଖାଦ୍ୟ ଖାଇବା ଦ୍ୱାରା ଏହା ବ୍ରେକ୍‌ଆଉଟ୍ ହୋଇପାରେ। ଆପଣ ନିଜ ଖାଦ୍ୟରେ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଫଳ ,ପନିପରିବା ଆଦି ସାମିଲ କରିବା ଆବଶ୍ୟକ। ପ୍ରତିଦିନ ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଇବା ଦରକାର ।

ଖାଦ୍ୟରୁଚି

# ପୋହା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ୨କପ୍ ଚୁଡ଼ା, ୨ଟି ସିଝା ଆଳୁ , ୨ ଚାମଚ ମଇଦା, ୨ ଚାମଚ କର୍ନ ଫ୍ଲୋର, ୨କପ୍ ବ୍ରେଡ୍ ଗୁଣ୍ଡ, ୧ଚାମଚ ଅଦା ରସୁଣ ପେଷ୍ଟ, ଅଧାଚାମଚ ଗୋଲମରିଚ ପାଉଡର, ଅଧା ଚାମଚ ହଳଦୀ ପାଉଡର, ଅଧା ଚାମଚ କଶ୍ମୀରୀ ଚିଲି ପାଉଡର , ଅଧା ଚାମଚ ଚାଟ୍ ମସଲା,ଅଧା ଚାମଚ ଗରମ ମସଲା, ଅଧା ଚାମଚ ଆମଚୁର ପାଉଡର, ୨ ଚାମଚ କଟା ହୋଇଥିବା ଧନିଆପତ୍ର, ସ୍ୱାଦ ଅନୁସାରେ ଲୁଣ ଏବଂ ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**
ପୋହା କଟ୍‌ଲେଟ୍ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଚୁଡ଼ାକୁ ଭଲଭାବେ ସଫାକରି ଦିଅନ୍ତୁ। ଏହାକୁ କିଛି ସମୟ ପାଣିରେ ଭିଜାଇ ରଖନ୍ତୁ। ପାଣିରୁ ଛାଣି ଜାଲିରେ ରଖନ୍ତୁ। ଏଥିରୁ ସମ୍ପୂର୍ଣ୍ଣ ପାଣି ବାହାରିଗଲା ପରେ ଆଉ ଗୋଟେ ପାତ୍ରରେ ରଖନ୍ତୁ। ଏବେ ସିଝା ହୋଇଥିବା ଆଳୁରୁ ଚୋପା ଛଡ଼ାଇ ଚୁଡ଼ା ସହ ପକାଇ ଭଲଭାବେ ଚକଟି ଦିଅନ୍ତୁ। ହଳଦୀଗୁଣ୍ଡ,ଆମଚୁର ପାଉଡର,ଗରମ ମସଲା, ଲୁଣ, ଚାଟ ମସଲା, ଅଦା ରସୁଣ ପେଷ୍ଟ ପକାଇ ଭଲଭାବେ ଏହାକୁ ମିକ୍ସ କରିଦିଅନ୍ତୁ। ବର୍ତ୍ତମାନ ଗୋଲମରିଚ ପାଉଡର, ଅଳ୍ପ କର୍ନଫ୍ଲୋର ପାଉଡର, କଟାହୋଇଥିବା ଧନିଆପତ୍ର, କଟା ପିଆଜ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଅଳ୍ପ କର୍ନଫ୍ଲୋର ଏବଂ ମଇଦାରେ କିଛି ପାଣି ପକାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ବର୍ତ୍ତମାନ ଆଳୁ ଏବଂ ପୋହା କଟ୍‌ଲେଟ୍‌କୁ ଗୋଲ ଗୋଲ କରି ରଖି ଚାଲନ୍ତୁ। ପୁଣି ଏକ କଡ଼େଇରେ ତେଲ ପକାଇ ଗରମ




କରନ୍ତୁ। ଏବେ ଗୋଲ ଗୋଲ ହୋଇଥିବା କଟ୍‌ଲେଟ୍‌କୁ ମଇଦା ଏବଂ କର୍ନଫ୍ଲୋର ବେଟରରେ ପକାଇ କାଢ଼ିବା ପରେ ବ୍ରେଡ୍ ଗୁଣ୍ଡରେ ପକାଇ ତାକୁ ଛାଣନ୍ତୁ। ଏହା ଟିକେ ଗୋଲ୍‌ଡେନ୍ କଲର ହେଲା ପର୍ଯ୍ୟନ୍ତ ରଖିବା ପରେ ଏହାକୁ କାଢ଼ି ଟମାଟୋ ସସ୍ କିମ୍ବା ଗ୍ରୀନ୍ ଚଟଣି ଲଗାଇ ଖାଇ ପାରିବେ।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୯/୨୦୨୫ Bhubaneswar, Tuesday, July 29/ 2025




# ନୂଆ ଚେସ୍ ଗ୍ରାଣ୍ଡମାଷ୍ଟର

ଫିଡେ ମହିଳା ଚେସ୍ ବିଶ୍ୱକପ ଟାଇଟଲ ସହ ଦିବ୍ୟା ଦେଶମୁଖ ଭାରତର ନୂଆ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଁ ସାଧାରଣତଃ ୩ଟି ନର୍ମ ସହ ୨୫୦୦ ରେଟିଂର ଆବଶ୍ୟକ ପଡ଼ିଥାଏ। ମାତ୍ର ଗୋଟିଏ ହେଲେ ନର୍ମ ନ ଥାଇ ମଧ୍ୟ ଦିବ୍ୟା ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

୨୦୦୫ ଡିସେମ୍ବର ୯ ତାରିଖରେ ନାଗପୁରର ଏକ ମରାଠୀ ପରିବାରରେ ଦିବ୍ୟାଙ୍କ ଜନ୍ମ। ତାଙ୍କ ମା'ଙ୍କ ନାମ ନମ୍ରତା ଓ ବାପା ଜିତେନ୍ଦ୍ର ଦେଶମୁଖ। ଉଭୟେ ପେଶାରେ ଡାକ୍ତର। ଦିବ୍ୟା ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ପ୍ରାରମ୍ଭିକ ପାଠପଢ଼ା କରିଥିଲେ।

୨୦୧୬ରେ ୧୬ ବର୍ଷରୁ କମ୍ ୱାର୍ଲ୍ଡ ଅଲିମ୍ପିଆଡ୍‌ରେ ଭାଗନେଇଥିବା ଭାରତୀୟ ଦଳର ସଦସ୍ୟା ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଦଳ ତୁର୍କୀରେ ରୌପ୍ୟ ପଦକ ଜିତିଥିଲା। ଏହାପରେ ୨୦୨୦ରେ ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ୨୦୨୧ରେ ଦିବ୍ୟା ଦେଶର ୨୧ତମ ଚେସ୍ ଇଣ୍ଟରନ୍ୟାଶନାଲ ମାଷ୍ଟର ହୋଇଥିଲେ। ଏହାର ପରବର୍ଷ ସେ ଇଣ୍ଡିଆନ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ସେ ୨୦୨୨ ଚେସ୍ ଅଲିମ୍ପିଆଡ୍‌ରେ ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାତେଇଥିଲେ। ୨୦୨୩ରେ ସେ ଏସିଆନ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ସର୍ବନିମ୍ନ ସିଡ୍ ପାଇବା ସତ୍ତ୍ୱେ ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟର ରାପିଡ୍ ସେକ୍ସନରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରକ୍ରିୟାରେ ସେ ଦ୍ରୋଣାଭାଲି ହାରିକା, ବନ୍ତିକା ଅଗ୍ରୱାଲ, କୋନେରୁ ହମ୍ପି, ସବିଥା ଶ୍ରୀ ବି, ଇରିନା କ୍ରୁଶ ଓ ନିନୋ ବାତସିଆଶଭିଲିକୁ ହରାଇଥିଲେ। ସେ ବିଶ୍ୱ ଚାମ୍ପିୟନ ଜୁନ ୱେନଜୁନ ଓ ଆନ୍ନା ଉଶେନିନାଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିଲେ କେବଳ ପୋଲିନା ଶୁଭାଲୋଭାଙ୍କ ଠାରୁ ପରାସ୍ତ ହୋଇଥିଲେ। ୨୦୨୪ ମେ'ରେ ସେ ଶାରଜା ଚ୍ୟାଲେଞ୍ଜର୍ସରେ ବିଜୟୀ ହୋଇଥିଲେ। ଏହି ସଫଳତା ଯୋଗୁ ତାଙ୍କୁ ୨୦୨୫ ଶାରଜା ମାଷ୍ଟର୍ସ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ କରିଥିଲେ। ଜୁନରେ ସେ ୨୦୨୪ ୱାର୍ଲ୍ଡ ଅଣ୍ଡର-୨୦ ଚେସ୍ ଚାମ୍ପିୟନ ହୋଇଥିଲେ। ସେ ଚତୁର୍ଥ ଭାରତୀୟ ଭାବେ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ। ତାଙ୍କ ପୂର୍ବରୁ କୋନେରୁ ହମ୍ପି (୨୦୦୧), ଦ୍ରୋଣାଭାଲି ହାରିକା (୨୦୦୮) ଓ ସୌମ୍ୟା ସ୍ୱାମିନାଥନ (୨୦୦୯)ରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଟାଇଟଲ ହାତେଇଥିଲେ। ଫାଇନାଲରେ ସେ ବୁଲଗେରିଆର ତୃତୀୟ ସିଡ୍ ବେଲୋସ୍ଲାଭା କ୍ରାଷ୍ଟେଭାଙ୍କୁ ୫ ଘଣ୍ଟା ଧରି ଚାଲିଥିବା ମାରାଥନ ମୁକାବିଲାରେ ହରାଇ ୧୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସେ ବ୍ୟକ୍ତିଗତ ଇଭେଣ୍ଟରେ ମଧ୍ୟ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଚଳିତ ବର୍ଷ ଜୁନରେ ଲଣ୍ଡନରେ ଅନୁଷ୍ଠିତ ୱାର୍ଲ୍ଡ ରାପିଡ୍ ଆଣ୍ଡ ବ୍ଲିଜ୍ ଟିମ ଚେସ୍ ଚାମ୍ପିୟନଶିପ୍‌ରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ହେକ୍ସାମାଇଣ୍ଡ ଚେସ୍ କ୍ଲବ ପାଇଁ ଖେଳୁଥିବା ଦିବ୍ୟା ବ୍ଲିଜ୍ ସେମିଫାଇନାଲରେ ମହିଳାଙ୍କ ୱାର୍ଲ୍ଡ ନଂ-୧ ହୋ ୟିଫାନଙ୍କୁ ୭୪ ମୁଭ୍‌ରେ ପରାସ୍ତ କରିଥିଲେ। ବ୍ଲିଜ ଗେମ୍ସରେ ୮ଟି ମ୍ୟାଚ୍‌ରେ ୬ଟି ବିଜୟ ହାସଲ କରିଥିଲେ। ଏଥିଯୋଗୁ ତାଙ୍କ ଦଳ ବ୍ଲିଜ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲା। ମହିଳା ଚେସ୍ ୱାର୍ଲ୍ଡକପ୍‌ରେ ଦେଶମୁଖ ୧୫ତମ ସିଡ୍ ଭାବେ ପ୍ରବେଶ କରିଥିଲେ। ସେ ଫାଇନାଲରେ କୋନେରୁ ହମ୍ପିଙ୍କୁ ହରାଇ ଚାମ୍ପିୟନ ହେବା ପୂର୍ବରୁ ଚତୁର୍ଥ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଝୁ ଜିନର, କ୍ୱାର୍ଟର ଫାଇନାଲରେ ୧୦ମ ସିଡ୍ ଦ୍ରୋଣାଭାଲି ହାରିକା ଓ ସେମିଫାଇନାଲରେ ତୃତୀୟ ସିଡ୍ ତାନ ଝୋଙ୍ଗିଙ୍କୁ ପରାସ୍ତ କରିଥିଲେ।

୨୦୨୪ରେ ଭାରତର ଡି. ଗୁକେଶ ହୋଇଥିଲେ ପୁରୁଷ ଚେସ୍ ବିଶ୍ୱ ଚାମ୍ପିୟନ। ଏବେ ଦିବ୍ୟା ମହିଳା ବିଶ୍ୱକପ ଚାମ୍ପିୟନ ହୋଇ ଭାରତକୁ ଗର୍ବିତ କରିଛନ୍ତି।



ନାମ-ଦିବ୍ୟା ଦେଶମୁଖ
ଦେଶ-ଭାରତ
ଜନ୍ମ-ଡିସେମ୍ବର ୯, ୨୦୦୫, ନାଗପୁର, ମହାରାଷ୍ଟ୍ର
ବୟସ-୧୯ ବର୍ଷ
ଟାଇଟଲ-ଗ୍ରାଣ୍ଡମାଷ୍ଟର(୨୦୦୫), ଇଣ୍ଟରନ୍ୟାସନାଲ ମାଷ୍ଟର (୨୦୨୩), ଓମେନ ଗ୍ରାଣ୍ଡମାଷ୍ଟର (୨୦୨୧)
ଫିଡେ ରେଟିଂ: ୨୪୬୩ (ବର୍ତ୍ତମାନ)
ସର୍ବାଧିକ ରେଟିଂ: ୨୫୦୧ (୨୦୨୪ ଅକ୍ଟୋବର)

## 'ଏହା କେବଳ ଆରମ୍ଭ ମାତ୍ର'

ଦିବ୍ୟା ଦେଶମୁଖ ତାରକା ଖଚିତ ଫିଡେ ମହିଳା ବିଶ୍ୱକପ୍‌ରେ ଜଣେ ଅଣ୍ଡରଡଗ୍ ଖେଳାଳି ଭାବେ ପ୍ରବେଶ କରିଥିଲେ। ଭବିଷ୍ୟତରେ ଜଣେ ଗ୍ରାଣ୍ଡମାଷ୍ଟର (ଜିଏମ୍) ହେବା ପାଇଁ ଅତିକମ୍‌ରେ ଗୋଟିଏ ଜିଏମ୍ ନର୍ମ ହାସଲ କରିବା ତାଙ୍କର ଲକ୍ଷ୍ୟ ଥିଲା। କିନ୍ତୁ ପ୍ରାୟ ୩ ସପ୍ତାହ ଧରି ଚାଲିଥିବା ଟୁର୍ନାମେଣ୍ଟରେ ସେ ବିଶ୍ୱ ମହିଳା ଚେସ୍‌ର କିଛି ବଡ଼ ବଡ଼ ଖେଳାଳିଙ୍କୁ ହରାଇ ସମ୍ମାନଜନକ ଟାଇଟଲ ଜିତିବା ସହ ଆସନ୍ତା ବର୍ଷ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଯୋଗ୍ୟତା ହାସଲ କରିଥିଲେ। ଏହି ପ୍ରକ୍ରିୟାରେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରାଣ୍ଡମାଷ୍ଟର ଟାଇଟଲ ଲାଗି ଜଣେ ଖେଳାଳିଙ୍କୁ ୩ ଜିଏମ୍ ନର୍ମ ଦରକାର। ଫିଡେ ନିୟମ ଅନୁଯାୟୀ, ନିର୍ଦ୍ଦିଷ୍ଟ ଭାବେ କିଛି ଏଲିଟ ପ୍ରତିଯୋଗିତା ଜିତିବା ଦ୍ୱାରା ସାଧାରଣ ନର୍ମ-ଆଣ୍ଡ-ରେଟିଂ ବାଟକୁ ଅଣଦେଖା କରି ସିଧାସଳଖ ଜିଏମ୍ ଟାଇଟଲ ହାସଲ କରିହେବ। ମହିଳାଙ୍କ ବିଶ୍ୱକପ୍ ସେଭଳି ଏକ ଫିଡେ ଟୁର୍ନାମେଣ୍ଟ, ଯାହାର ବିଜେତାଙ୍କୁ ସିଧାସଳଖ ଜିଏମ୍ ଟାଇଟଲ ଦିଆଯାଏ।

"ମୋତେ ବିଜୟକୁ ହଜମ କରିବା ପାଇଁ ସମୟ ଦରକାର। ମୋ ମତରେ ଗ୍ରାଣ୍ଡମାଷ୍ଟର ଟାଇଟଲ ଏଭଳି ପାଇବା ମୋ ଭାଗ୍ୟ ଥିଲା। କାରଣ ଟୁର୍ନାମେଣ୍ଟରେ ଭାଗ ନେବା ପୂର୍ବରୁ ମୋ ପାଖରେ ଗୋଟିଏ ହେଲେ ବି ଜିଏମ୍ ନର୍ମ ନ ଥିଲା। ଏବେ ମୁଁ ଜଣେ ଗ୍ରାଣ୍ଡମାଷ୍ଟର। ଏହି ବିଜୟର ମାନେ ମୋ ପାଇଁ ଅନେକ କିଛି। କିନ୍ତୁ ଏବେ ବି ମୋତେ ଅନେକ କିଛି ହାସଲ କରିବାର ଅଛି। ମୁଁ ଆଶା କରୁଛି, ଏହା କେବଳ ଆରମ୍ଭ ମାତ୍ର" ବୋଲି ମ୍ୟାଚ୍ ଜିତିବା ପରେ ଦିବ୍ୟା କହିଛନ୍ତି।

# ଦିବ୍ୟାଙ୍କୁ ଅଭିନନ୍ଦନର ସୁଅ

**ଦିବ୍ୟା ଦେଶମୁଖ ସୋମବାର ଫିଡେ ମହିଳା ଚେସ୍ ବିଶ୍ୱକପ ଜିତିଛନ୍ତି। ଏହି ସଫଳତା ପାଇଁ ତାଙ୍କ ନିକଟକୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦେଶର କୋଣଅନୁକୋଣରୁ ସୋସିଆଲ ମିଡିଆ ଜରିଆରେ ଅଭିନନ୍ଦନର ସୁଅ ଛୁଟିଛି।**



ବିଜୟ ହାସଲ ପରେ ମା'ଙ୍କ ସହ ଦିବ୍ୟା ଦେଶମୁଖ।

"୧୯ ବର୍ଷ ବୟସରେ ପ୍ରଥମ ଭାରତୀୟ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ଦିବ୍ୟା ଦେଶମୁଖଙ୍କୁ ହୃଦୟରୁ ଅଭିନନ୍ଦନ। କୋନେରୁ ହମ୍ପି ରନରଅପ୍ ହୋଇଛନ୍ତି। ଚେସ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ଉଭୟ ଫାଇନାଲିଷ୍ଟ ଭାରତୀୟ ଥିଲେ। ପୂରା କ୍ୟାରିୟରରେ ଜବରଦସ୍ତ ପ୍ରଦର୍ଶନ କରିବା ପାଇଁ ହମ୍ପିଙ୍କୁ ମଧ୍ୟ ମୁଁ ଅଭିନନ୍ଦନ ଜଣାଉଛି। ମୁଁ ନିଶ୍ଚିତ ଯେ, ଉଭୟ ମହିଳା ଚାମ୍ପିୟନ୍ସ ଭବିଷ୍ୟତରେ ଦେଶ ପାଇଁ ଆହୁରି ଗୌରବ ଆଣିବେ ଓ ଯୁବପିଢ଼ିକୁ ପ୍ରେରଣା ଦେବେ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

"ଦୁଇ ଶ୍ରେଷ୍ଠ ଭାରତୀୟ ଚେସ୍ ଖେଳାଳିଙ୍କ ମଧ୍ୟରେ ହୋଇଥିଲା ଐତିହାସିକ ଫାଇନାଲ। ମହିଳା ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ଦିବ୍ୟାଙ୍କ ପାଇଁ ଗର୍ବିତ। ଏହି ଉଲ୍ଲେଖନୀୟ ଉପଲବ୍ଧି ଲାଗି ତାଙ୍କୁ ଅଭିନନ୍ଦନ। ତାଙ୍କର ଏହି ସଫଳତା ଯୁବବର୍ଗକୁ ପ୍ରେରଣା ଦେବ। କୋନେରୁ ହମ୍ପି ମଧ୍ୟ ପୂରା ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିଲେ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

"ଭାରତ ପାଇଁ ବଡ଼ ଆନନ୍ଦର ବିଷୟ। ମହିଳା ବିଶ୍ୱକପ୍ ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ପାଇଁ ଦିବ୍ୟାଙ୍କୁ ଅଭିନନ୍ଦନ। ତୁମର ମାନସିକ ଦୃଢ଼ତା ଓ ଚତୁରତା ତୁମକୁ ଏହି ସଫଳତା ଆଣି ଦେଇଛି। ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ପାଇଁ ହମ୍ପିଙ୍କୁ ମଧ୍ୟ ଅଭିନନ୍ଦନ।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

"ମହିଳା ବିଶ୍ୱକପ୍ ଜିତିବା ଭଳି ଉଲ୍ଲେଖନୀୟକ ଉପଲବ୍ଧି ଲାଗି ଦିବ୍ୟାଙ୍କୁ ହୃଦୟରୁ ଅଭିନନ୍ଦନ। ଅଲ-ଇଣ୍ଡିଆନ୍ ଫାଇନାଲରେ ତାଙ୍କର ଐତିହାସିକ ବିଜୟ ଭାରତୀୟ ଚେସ୍ ଲାଗି ଏକ ଗର୍ବିତ କଲା ଭଳି ମାଇଲଖୁଣ୍ଟ। ଆଗକୁ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଲାଗି ତାଙ୍କୁ ଶୁଭେଚ୍ଛା।

**-ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

"ବିଶ୍ୱକପ୍ ଜିତିବା ପାଇଁ ଦିବ୍ୟାଙ୍କୁ ଅଭିନନ୍ଦନ। ସେ ଜିଏମ୍ ହେବା ସହ କାଣ୍ଡିଡେଟ୍ସ ଟୁର୍ନାମେଣ୍ଟରେ ସ୍ଥାନ ପକ୍କା କରିଛନ୍ତି। ହମ୍ପି ପୂରା ଟୁର୍ନାମେଣ୍ଟରେ ଖୁବ ଭଲ ଫାଇଟିଂ ସ୍ପିରିଟ୍ ପ୍ରଦର୍ଶିତ କରିଥିଲେ। ସେ ଜଣେ ଚାମ୍ପିୟନ। ନିର୍ଦ୍ଦିଷ୍ଟ ଭାବେ ଭାରତୀୟ ମହିଳା ଚେସ୍ ଲାଗି ଏହା ଏକ ବଡ଼ ଉତ୍ସବ ଥିଲା।

**-ବିଶ୍ୱନାଥନ ଆନନ୍ଦ, ୫ ଥରର ୱାର୍ଲ୍ଡ ଚାମ୍ପିୟନ**

"ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ ଆମ ଦେଶର ପ୍ରଖ୍ୟାତ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ସାଥି ପ୍ରତିଦ୍ୱନ୍ଦୀ କୋନେରୁ ହମ୍ପିଙ୍କୁ ଟାଇବ୍ରେକରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ହମ୍ପି, ଆର୍. ବୈଶାଳୀ ଓ ହାରିକା ଦ୍ରୋଣାଭାଲିଙ୍କ ପରେ ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟ ହୋଇ ପାରିଛନ୍ତି ୧୯ ବର୍ଷୀୟା ଦିବ୍ୟା। ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି।

**-ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ**

"ଦିବ୍ୟା ଦେଶମୁଖ ଟାଇବ୍ରେକରେ କୋନେରୁ ହମ୍ପିକୁ ପରାସ୍ତ କରି ୨୦୨୫ ଫିଡେ ମହିଳା ବିଶ୍ୱକପ୍ ଚାମ୍ପିଅନ୍ ସହ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଦିବ୍ୟା ବିଶ୍ୱ କ୍ୟାଣ୍ଡିଡେଟ ଚେସ ଟୁର୍ନାମେଣ୍ଟ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଏବେ ସେ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ହୋଇଛନ୍ତି। ଜଣେ ମହିଳା ଖେଳାଳି ବିଶ୍ୱକପ୍ ଚାମ୍ପିୟନ ସହ ସେହି ଦିନରେ ୮୮ତମ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ଭାରତୀୟ ଚେସ୍ ପାଇଁ ଏକ ଶ୍ରେଷ୍ଠ ମୁହୂର୍ତ୍ତ। ଏହି ଆଶ୍ଚର୍ଯ୍ୟଜନକ ସଫଳତା ପାଇଁ ଦିବ୍ୟା, ତାଙ୍କ ଦଳ ଏବଂ ପରିବାରକୁ ବହୁତ ବହୁତ ଶୁଭେଚ୍ଛା ସହ ଅଭିନନ୍ଦନ''।

**-ସତ୍ୟ ରଞ୍ଜନ ପଟ୍ଟନାୟକ, ସଭାପତି ଏଓସିଏ**

# ନୂଆ ଫୁଟ୍‌ବଲ କୋଚ୍ ଘୋଷଣା ଅଗଷ୍ଟ ୧ରେ

ନୂଆଦିଲ୍ଲୀ, ୨୮।୭ (ପି.ଟି.)

ଅଗଷ୍ଟଅଗଷ୍ଟ ୧ରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର କାର୍ଯ୍ୟନିର୍ବାହୀ କମିଟି ବୈଠକ ପରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ପରବର୍ତ୍ତୀ କୋଚ୍‌ଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଖାଲି ପଡ଼ିଥିବା ଏହି ପଦବୀ ପାଇଁ ଦୌଡ଼ରେ ଖଲିଦ୍ ଜମିଲ ପ୍ରଥମ ସ୍ଥାନରେ ରହିଛନ୍ତି। ଏଆଇଏଫ୍‌ଏଫ୍‌ର ଟେକ୍‌ନିକାଲ କମିଟି ଜମିଲଙ୍କ ପ୍ରାର୍ଥିତ୍ୱକୁ ପସନ୍ଦ କରିଛି। ୩ଜଣିଆ ଶର୍ଟଲିଷ୍ଟ ତାଲିକାରେ ପୂର୍ବତନ ଭାରତ କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନଙ୍କ ନାମ ରହିଛି। ଏଆଇଏଫ୍‌ଏଫ୍‌ର ବର୍ତ୍ତମାନ ଆର୍ଥିକ ସ୍ଥିତିକୁ ନଜର ପକାଇଲେ ମାନୋଲୋ ମାର୍କ୍ୱେଜଙ୍କ ସ୍ଥାନରେ ଜମିଲ ହେଉଛନ୍ତି ଫେଭରିଟ୍। ୪୮ ବର୍ଷୀୟ ଜମିଲ ବର୍ତ୍ତମାନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଜାମସେଦପୁର ଏଫ୍‌ସିର କୋଚ୍ ଅଛନ୍ତି। ତାଙ୍କୁ ଖୁବ୍ ନିକଟରେ ଜାତୀୟ ଦଳର ଦାୟିତ୍ୱ ମିଳିବ। ସେପ୍ଟେମ୍ବରରେ ଫିଫାର ଏକ ନ୍ୟାଶନାଲ ମ୍ୟାଚ ୱିଣ୍ଡୋ ରହିଛି। ଭାରତ ସିଙ୍ଗାପୁର ବିପକ୍ଷ ହୋମ୍ ଓ ଆୱେ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂ ରାଉଣ୍ଡ ଗେମ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।



ଷ୍ଟିଫାନ୍ ଟାର୍କୋଭିଚ, ଖଲିଦ୍ ଜମିଲ ଓ ଷ୍ଟିଫେନ୍ କନଷ୍ଟାଣ୍ଟିନ।

ଭାରତର ଜଣେ ପୂର୍ବତନ ମିଡ୍‌ଫିଲ୍ଡର ଜମିଲ ବର୍ତ୍ତମାନ ଜଣେ ଏଏଫ୍‌ସି ପ୍ରୋ-ଲାଇସେନ୍ସପ୍ରାପ୍ତ କୋଚ୍ ଅଟନ୍ତି। ସେ ୨୦୨୩-୨୪ ଓ ୨୦୨୪-୨୫ ସିଜନ ପାଇଁ ଏଆଇଏଫ୍‌ଏଫ୍ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଚଳିତମାସ ପ୍ରାରମ୍ଭରେ ଏଆଇଏଫ୍‌ଏଫ୍ ଛାଡ଼ିବା ପୂର୍ବରୁ ମାରକ୍ୱେଜ ଦ୍ୱୈତ ଭୂମିକା ନିର୍ବାହ କରୁଥିଲେ। ସେ ଏକ ସଙ୍ଗରେ ଆଇଏସ୍‌ଏଲ୍ ଦଳ ଏଫ୍‌ସି ଗୋଆର କୋଚ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। କିନ୍ତୁ ଜମିଲ ଜାତୀୟ ଦଳର କୋଚ୍ ନିଯୁକ୍ତ ହେବା ପରେ ଜାମସେଦପୁର ଏଫ୍‌ସି କୋଚ୍ ପଦବୀ ତ୍ୟାଗ କରିବେ ଅବା ଦ୍ୱୈତ ଭୂମିକାରେ ରହିବେ ତାହା ସ୍ପଷ୍ଟ ହୋଇ ନାହିଁ। ପୂର୍ବତନ ଅଧିନାୟକ ଆଇଏମ୍ ବିଜୟଙ୍କ ନେତୃତ୍ୱାଧୀନ ଏଆଇଏଫ୍‌ଏଫ୍‌ଏ ଟେକ୍‌ନିକାଲ କମିଟି ଯେଉଁ ୩ଜଣିଆ ଶର୍ଟଲିଷ୍ଟ କାର୍ଯ୍ୟନିର୍ବାହୀ କମିଟି ନିକଟକୁ ପଠାଇଛି ସେଥିରେ ୫୨ ବର୍ଷୀୟା ଷ୍ଟିଫାନ୍ ଟାର୍କୋଭିଚ୍‌ଙ୍କ ନାମ ରହିଛି। ସେ ପୂର୍ବରୁ ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ସ୍ଲୋଭେକିଆ ଜାତୀୟ ଦଳ ଏବଂ ୨୦୨୩ରୁ ୨୦୨୪ କିରଗିଜସ୍ତାନର କୋଚ୍ ଭାବେ ସଫଳତାର ସହିତ ଦାୟିତ୍ୱ ସମ୍ପାଦନ କରିଛନ୍ତି।

# ପ୍ରବୋଧ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ):** ଓଡ଼ିଶା ଆଥ୍‌ଲେଟିକ୍ସରେ ଟେକ୍ନିକାଲ ଅଫିସିଆଲ ପରିଚିତ ପ୍ରବୋଧ ମହାନ୍ତି ଆଉ ଏକ ସଫଳତା ପାଇଛନ୍ତି। ଓଡ଼ିଶାର ପ୍ରଥମ ବ୍ୟକ୍ତିଭାବେ ସେ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ (ଆଇଟିଓ) ହୋଇଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ ରେଫରି ବ୍ରୋଞ୍ଜ୍ ଲେଭଲ (ଆଇଟିଓ) ପରୀକ୍ଷାରେ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ପ୍ରବୋଧଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ପାଇଁ କିସ୍‌ର ୨ ମନୋନୀତ

ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)

ଗୁଜରାଟର ଅହମଦାବାଦରେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କିସ୍ ବିଶ୍ୱବିଦ୍ୟାଳୟର ୨ ଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଟିଁକି ମୋହିନୀ ମଲିକ ଓ ମୀନା ସାନ୍ତା। ଟିଁକି ମୋହିନୀ ମହିଳା ୬୪ କେଜି ଓ ମୀନା ୫୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉଭୟ କିସ୍ ବିଶ୍ୱବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଦୁଇ ଭାରୋତ୍ତୋଳିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମୀନା ସାନ୍ତା ଓ ଟିଁକି ମୋହିନୀ ମଲିକ।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର: ଉଭାସଙ୍କ ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ମୁଖ୍ୟ ଡ୍ର' ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏଥିରେ ଉଭାସ ମହାପାତ୍ର ଏକଦା ୧-୨ରେ ପଛୁଆ ଥିଲେ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରି ୩-୨ରେ ବିଜୟ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ




ବରୁଣ ପୂର୍ବାଙ୍କୁ ସତ୍ୟଦୀପ ଦାସ ୩-୨, ଜାକିର_ଲୀ ଖାଁଙ୍କୁ ସୁବ୍ରତ ଦାସ ୩-୨, ରାହୁଲ ହାଲିଙ୍କୁ ଚିରାଗ ଆରୋରା ୩-୦, ପି. ଗୋବିନ୍ଦ ରାଓଙ୍କୁ ଆକ୍ରମ ଖାଁ ୩-୦, ଜାକିର ଅଲୀ ଖାଁଙ୍କୁ ଅବିନାଶ ମହାପାତ୍ର ୩-୧, ଜ୍ଞାନ ରଞ୍ଜନ ଶତପଥୀଙ୍କୁ ସୁଦୀପ୍ତ ଦାଶ ୩-୦, ଅମିୟ ରଞ୍ଜନ ନାୟକଙ୍କୁ ରାକେଶ ରୋଶନ ପ୍ରଧାନ ୩-୦, ଶାରଦା ବେହେରାଙ୍କୁ କୁନାଲ ଅଗ୍ରୱାଲ ୩-୨, ପି. ଗୋବିନ୍ଦ ରାଓଙ୍କୁ ଜ୍ଞାନ ଦାସ ୩-୧ରେ ପରାସ୍ତ କରିଛନ୍ତି। ସେହିପରି ଜିତେଶ ଷଡ଼ଙ୍ଗୀଙ୍କୁ ନୀଶି ପ୍ରକାଶ ଦାସ, ଅଲତାଫ ଅଲୀଙ୍କୁ ରାକେଶ ରୋଶନ ପ୍ରଧାନ ୩-୦, ଅମିତ ସିଂଙ୍କୁ ଚିରାଗ ଆରୋରା ୩-୧, ନିଶ୍ଚୟ ମିଶ୍ରଙ୍କୁ ସୁବ୍ରତ ଦାସ ୩-୧, ଆକ୍ରମ ଖାଁଙ୍କୁ ଆକାଶ ମହାପାତ୍ର ୩-୨ ଓ ପ୍ରକାଶ ସାହୁଙ୍କୁ ଚେତନ ଆନନ୍ଦ ୩-୦ ଫ୍ରେମ୍‌ରେ ହରାଇ ଦେଇଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ